ବର୍ଷ-୨୬, ସଂଖ୍ୟା-୭୫
ଭୁବନେଶ୍ୱର
୧୯, ମାର୍ଚ୍ଚ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.75
Bhubaneswar
19 March, , 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




# ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ୪ ନିଲମ୍ବିତ

ଭୁବନେଶ୍ୱର,୧୮।୩(ମହାଭାରତ): କଟକଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଗତ ୧୬ ତାରିଖ ଦିନ ହୋଇଥିବା ଭୟାବହ ଅଗ୍ନିକାଣ୍ଡ ଯୋଗୁଁ ଅନେକ ଜୀବନ ନଷ୍ଟ ହେବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କାର୍ଯ୍ୟରେ ଅବହେଳା ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ନିମ୍ନଲିଖିତ ଚାରି ଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି।




ନିଲମ୍ବିତ ଅଧିକାରୀମାନେ ହେଲେ କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ କୁମାର ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ କୁମାର ବେହେରା, ଏସ୍.ସି.ବି ମେଡିକାଲ ଓ ହସ୍‌ପିଟାଲର ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜି.ଇ.ଡି ଅନ୍ତର୍ଗତ ଏସ୍.ସି.ବି ସବ୍-ଡିଭିଜନର ଆସିଷ୍ଟାଣ୍ଟ ଏକ୍ଜିକ୍ୟୁଟିଭ ଇଞ୍ଜିନିଅର ରଞ୍ଜନ କୁମାର ବିଶ୍ୱାଳ।

ସୂଚନଯୋଗ୍ୟ ଯ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଟକ ଏସ୍.ସି.ବି ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ କରିବା ପାଇଁ ଉନ୍ନୟନ କମିସନରଙ୍କ ଅଧକ୍ଷତାରେ ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ଗଠନ କରିଥିଲେ। କଟକ ଏସସିବି ମେଡିକାଲ କଲେଜରେ ଘଟିଥିବା ଅଭାବନୀୟ ଦୁର୍ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ବିସ୍ତୃତ ଆଲୋଚନା କରିଥିଲେ। ସମସ୍ତ ପ୍ରଭାବିତଙ୍କ ପାଇଁ ଗ୍ରହଣ କରାଯାଇଥିବା ଜରୁରୀକାଳୀନ ପଦକ୍ଷେପ, ସ୍ଥାନାନ୍ତର ପ୍ରକ୍ରିୟା ଏବଂ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱତନ୍ତ୍ର ଚିକିତ୍ସା ସେବା ସମ୍ପର୍କରେ ମୁଁ ତାଙ୍କୁ ଅବଗତ କରାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ।

ମୁଖ୍ୟମନ୍ତ୍ରୀ ଘଟଣା ଦିନ ସକାଳୁ ନିଜେ ଏସସିବି ଗସ୍ତ କରି ସ୍ଥିତିର ସମୀକ୍ଷା କରିବା ସହ ପ୍ରଭାବିତଙ୍କୁ ସମସ୍ତ ପ୍ରକାରର ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସମ୍ପୃକ୍ତ ବିଭାଗ ଓ ଟିମ୍ ପୂର୍ଣ୍ଣ ସମନ୍ୱୟର ସହ ନିରନ୍ତର କାର୍ଯ୍ୟ କରୁଛନ୍ତି। ଏହି ସମ୍ବେଦନଶୀଳ ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସହାନୁଭୂତିପୂର୍ଣ୍ଣ ଉଦ୍‌ବେଗ ଏବଂ ଆବଶ୍ୟକୀୟ ସହାୟତାର ପ୍ରତିଶ୍ରୁତି ପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## 'ସରକେ ଚୁନରୀ ତେରୀ' ଗୀତ ଉପରେ କଟକଣା

ନୂଆଦିଲ୍ଲୀ: ବିବାହିତ ଗୀତ 'ସରକେ ଚୁନରୀ ତେରୀ' ଗୀତକୁ ବ୍ୟାନ୍ କରିଦିଆଯାଇଛି । ଏ ନେଇ ବୁଧବାର ସଂସଦରେ ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ସମାଜବାଦୀ ପାର୍ଟିସାଂସଦ ଆନନ୍ଦ ଭାଦୌରିଆ ସରକେ ଚୁନରୀ ତେରୀ ଗୀତକୁ ଲୋକସଭାରେ ଉଠାଇଥିଲେ। ସେ ଏହି ବିବାଦୀୟ ଗୀତ ସମ୍ପର୍କରେ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିଥିଲେ । ଆଜି କେନ୍ଦ୍ର ମନ୍ତ୍ରୀ ଏହି ଗୀତ ଉପରେ କଟକଣା ଜାରି କରାଯାଇବାର ସୂଚନା ଦେଇଛନ୍ତି । ମନ୍ତ୍ରୀ ଗୃହକୁ କହିଛନ୍ତି, ବାକ୍ ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ଭାବରେ ଅପ୍ରତିବନ୍ଧିତ କରାଯାଇପାରିବ ନାହିଁ । ଆମକୁ ବାକ୍ ସ୍ୱାଧୀନତା ଅଧୀନରେ ପ୍ରତିଷ୍ଠିତ ଯୁକ୍ତିଯୁକ୍ତ କଟକଣାର ସୀମା ମଧ୍ୟରେ କଠୋର ଭାବରେ କାର୍ଯ୍ୟ କରିବାକୁ ପଡିବ। ବାକ୍ ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ଭାବରେ ଅବାଧ କରାଯାଇପାରିବ ନାହିଁ; ଏହାକୁ ସମାଜ ଏବଂ ସଂସ୍କୃତିର ପରିପ୍ରେକ୍ଷୀରେ ଦେଖାଯିବା ଉଚିତ।'



ଲୋକ ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ଆଲୋଚନା କରୁଛନ୍ତି

# ବିଧାନସଭାରେ କୋକେଇ ଶୋଭାଯାତ୍ରା

ଭୁବନେଶ୍ୱର,୧୮।୩(ମହାଭରତ): ଏସସିବି ମେଡିକାଲ କଲେଜରେ ଅଗ୍ନିକାଣ୍ଡ ପ୍ରସଙ୍ଗରେ ବୁଧବାର ମଧ ବିରୋଧୀ ଦଳର ବିଧାୟକ ମାନେ ହଟ୍ଟଗୋଳ କରିଛନ୍ତି । ଏହି କାରଣରୁ ଆଜି ପ୍ରଶ୍ନକାଳର କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା।

ଆଜି ଗୃହ ନିର୍ଧାରିତ ୧୦,୩୦ ମିନିଟରେ ଆରମ୍ଭ ହୋଇଥିଲା ଓ ବାଚସ୍ପତି ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆୟୋଜିତ କରିବାକୁ ଚାହିଁଥିଲେ । ହେଲେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ବିଧାୟକମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ । ସେମାନେ ପୋଷ୍ଟର, ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗୃହର ମଧ୍ୟ ଭାଗକୁ ଆସି ସେମାନେ ନାରାବାଜୀ କରିଥିବା ଦେଖିବାକୁ ମିଳିଥିଲା। ଏସସିବି ଅଗ୍ନିକାଣ୍ଡ ପ୍ରସଙ୍ଗରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କର ଇସ୍ତଫା ଦାବି କରିଥିଲେ । ବାଚସ୍ପତି ସୁରମା ପାଢୀ ହଟ୍ଟଗୋଳ କରୁଥିବା ବିଧାୟକ ମାନଙ୍କୁ ସେମାନଙ୍କର ଆସନକୁ ଆସିବାକୁ ଓ ଗୃହ କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ହେଲେ ଏହାର କୌଣସି ପ୍ରକାର ପ୍ରଭାବ ବିରୋଧୀ ଦଳର ବିଧାୟକ ମାନଙ୍କ ଉପରେ ପଡି ନ ଥିଲା। ଏହି କାରଣରୁ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ପ୍ରବଳ ହଟ୍ଟଗୋଳରୁ ଗୃହକୁ ସାଢ଼େ ୧୧ ଯାଏଁ ଓ ପରେ ୪ଟାଯାଏ ମୁଲତବି ଘୋଷଣା କରିଛନ୍ତି ବାଚସ୍ପତି।



ଏସସିବି ଅଗ୍ନିକାଣ୍ଡ ଘଟଣାରେ ବିଜେପି ସରକାରର ଅପାରଗତାକୁ ନେଇ ବିଧାନସଭାରେ ବିଜେଡି ପକ୍ଷରୁ କୋକେଇ ଶୋଭାଯାତ୍ରା କରାଯାଇଛି।

ପ୍ରତୀକାତ୍ମକ ପ୍ରତିବାଦରେ ବିଧାୟକମାନେ କଳସ ଓ ଖଇ ସହ ଫୁଲ ଅର୍ପଣ କରି "ରାମ ନାମ ସତ୍ୟ ହେ" ଉଚ୍ଚାରଣ କରିଥିଲେ, । ଏହା ସହିତ ବିରୋଧୀ ଦଳର ବିଧାୟକ ମାନେ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାର ପତନକୁ ପ୍ରତିପାଦନ କରିଥିଲେ। ବିଧାନସଭା ବାହାରେ ଗଣମାଧ୍ୟମ ସହ ସହ କଥାବାର୍ତ୍ତା ବେଳେ ବରିଷ୍ଠ ବିଜେଡି ନେତା ଓ ନୟାଗଡ଼ ବିଧାୟକ ଅରୁଣ ସାହୁ ସରକାରଙ୍କୁ କଡ଼ା ଆକ୍ରମଣ କରି କହିଥିଲେ ଯେ, ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ପୂରାପୂରି "ଧ୍ୱସ୍ତ" ହୋଇପଡ଼ିଛି ।ବିରୋଧୀଙ୍କ କୋକେଇ ଶୋଭାଯାତ୍ରାକୁ ନେଇ ବିଜେପି ବିଧାୟକ ମାନସ ଦତ୍ତଙ୍କ କାଉଣ୍ଟର । ଏହା ଅତ୍ୟନ୍ତ ଦୁଃଖ ଦାୟକ ଓ ଅଭାବନୀୟ ଘଟଣା । ଘଟଣା ଘଟିବା ପରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ସରକାର ସମ୍ବେଦନଶୀଳ ଅଛି । ବିଚାର ବିଭାଗୀୟ ତଦନ୍ତ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ ନିଜର ବିବୃତି ମଧ୍ୟ ଗୃହରେ ରଖି ସାରିଛନ୍ତି । ଫ୍ୟାକ୍ଟ ଫାଇଣ୍ଡି ଟିମ ମେଡିକାଲ ପରିଦର୍ଶନ କରି ସାରିଛନ୍ତି । ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ । ବିରୋଧୀଙ୍କ ରାଜନୀତି ଲଜ୍ୟାଜନକ । ମର୍ମନ୍ତୁଦ ଘଟଣାରେ ରାଜନୀତି ନ କରନ୍ତୁ ବିରୋଧୀ । ସ୍ୱାସ୍ଥ୍ୟ ଭିତ୍ତି ଭୂମି ଦୀର୍ଘ ଦିନ ହେଲା ଅବହେଳା ହୋଇଛି ।

# ନୂତନ ଟ୍ରଷ୍ଟକୁ ନେଇ ନବୀନଙ୍କ ସ୍ପଷ୍ଟୀକରଣ

ଭୁବନେଶ୍ୱରକ,୧୮।୩(କେଏନଏସ): ବିଜୁ-ନବୀନ ଇନ୍ସିପରେସନାଲ୍ ଫାଉଣ୍ଡେସନକୁ ନେଇ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ସ୍ପଷ୍ଟୀକରଣ ଦେଇଛନ୍ତି । ଏଥିରେ କୌଣସି ରାଜନୈତିକ ଦଳରୁ ଅର୍ଥ ଆସୁ ନାହିଁ । ଏହି ଟ୍ରଷ୍ଟ କେବଳ ଓଡ଼ିଶା ଲୋକଙ୍କ ହିତ ପାଇଁ ଖୋଲା ଯାଇଥିବା କହିଛନ୍ତି ନବୀନ ।

ନବୀନ ଆଜି ବିଧାନସଭା ପରିସରରେ ସାମାଜିକ ଗଣମାଧ୍ୟମରେ ବିଜୁ-ନବୀନ ଇନ୍ସିପରେସନାଲ୍ ଫାଉଣ୍ଡେସନକୁ ନେଇ ଉଠୁଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି । ନବୀନ କହିଛନ୍ତି ଯେ ତାଙ୍କ ପିତା ସ୍ୱର୍ଗତ ବିଜୁ ପଟ୍ଟନାୟକ ମାତ୍ର ୩୦ ବର୍ଷର ଥିଲେ ସେତେବେଳେ ୟୁନେସ୍କ ଦ୍ୱାରା ପ୍ରଦାନ କରାଯାଇଥିବା କଳିଙ୍ଗ ପୁରସ୍କାରକୁ ଦାନ କରିଦେଇଥିଲେ । ବିଜ୍ଞାନର ପ୍ରଚାର ପ୍ରସାର ପାଇଁ ସେ ଏହାକୁ ଦାନ କରିଥିଲେ । ତାଙ୍କ ଜୀବନ କାଳ ମଧ୍ୟରେ ଜନସାଧାରଣଙ୍କ ପାଇଁ ସେ ଏଭଳି ଅନେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି । ସେହିପରି ଭାଇ ପ୍ରେମ୍ ପଟ୍ଟନାୟକ, ଉଭଣୀ ଗୀତ ପଟ୍ଟନାୟକ ଏବଂ ନିଜେ ନବୀନ କଟକ ସ୍ଥିତ ବାସଭବନ 'ଆନନ୍ଦ ଭବନ'କୁ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଦାନ କରିଦେଇଛୁ । ସେହିପରି ଯେତେବେଳେ ବେକ ଅସ୍ତ୍ରୋପଚାର ପାଇଁ ମୁମ୍ବାଇ ଏବଂ ପରେ ଦିଲ୍ଲୀ ଗଲେ ସେତେବେଳେ ଏକ ଟ୍ରଷ୍ଟ ଖୋଲିବେ ବୋଲି ଚିନ୍ତା କରିଥିବା କହିଛନ୍ତି ନବୀନ । ଅନେକ ବିଶିଷ୍ଟ ଆଇନଜୀବୀ ଏବଂ ଚାର୍ଟାର୍ଡ୍ ଆକାଉଣ୍ଟାଣ୍ଟଙ୍କ ସହିତ ବିଚାରବିମର୍ଶ ପରେ ବିଜୁ ବାବୁଙ୍କ ନାମରେ ଆଉ ଏକ ଟ୍ରଷ୍ଟ ଖୋଲାଗଲା, ଯାହାର ନାମ ହେଉଛି 'ବିଜୁ-ନବୀନ ଇନ୍ସିପରେସନାଲ୍ ଫାଉଣ୍ଡେସନ' । ଏଥିରେ ନବୀନ ନିଜ ଆୟରେ ଏକ ଲକ୍ଷ ଟଙ୍କା ଦାନ କରୁଛନ୍ତି । ବିଜେଡ଼ି କିମ୍ବା ଅନ୍ୟ କୌଣସି ରାଜନୈତିକ ଦଳରୁ କୌଣସ ଫଣ୍ଡ୍ ଆସୁନଥିବା ସ୍ପଷ୍ଟୀକରଣ ଦେଇଛନ୍ତି ନବୀନ । ଏହା କେବଳ ଓଡ଼ିଶାବାସୀଙ୍କ ପାଇଁ ଗଠନ କରାଯାଇଛି । ତେଣୁ ଏହା ବିରୁଦ୍ଧରେ କୌଣସି ନକରାତ୍ମକ ପ୍ରଚାର ପ୍ରସାର ନ କରିବାକୁ ନବୀନ ଅନୁରୋଧ କରିଛନ୍ତି ।




କିନ୍ତୁ ଗତକାଲି ଶ୍ରୀମୟୀ ମିଶ୍ର ଏପରି ତଥ୍ୟ ସାମ୍ନାକୁ ଆଣିବା ପରେ ବିଜେଡ଼ି ପ୍ରମିଳା ମଲ୍ଲିକ ଏପରି କିଛି ଟ୍ରଷ୍ଟ ନାହିଁ ବୋଲି କହିଥିଲେ । ଶ୍ରୀମୟୀ ମିଛରେ ପ୍ରିଷ୍ଟ କରି ଏଭଳି କିଛି ବାହାର କରିଥିବା କଟୁ ଶବ୍ଦରେ କହିଥିଲେ ପ୍ରମିଳା । ଗତକାଲି ଶ୍ରୀମୟୀ ମିଶ୍ର ଏହି ଫାଉଣ୍ଡେସନକୁ ନେଇ ସାମାଜିକ ଗଣମାଧ୍ୟମରେ ବଡ଼ ଖୁଲାସା କରିଥିଲେ । ଭିକେ ପାଣ୍ଡିଆନଙ୍କ ହାତରେ ନବୀନ ନିଜର ସାମ୍ରାଜ୍ୟ ଟେକି ଦେଇଥିବା ସେ କହିଥିଲେ । ସେହି ଫାଉଣ୍ଡେସନରେ ପାଣ୍ଡିଆନ ଜୀବନବ୍ୟାପୀ ସଭାପତି ରହିଛନ୍ତି । ସେହିପରି ସଂତୃପ୍ତ ମିଶ୍ର ସମ୍ପାଦକ ଏବଂ ଅଶୋକ ପରିଜା କୋଷାଧକ୍ଷ ରହିଛନ୍ତି ।

## ଇମ୍ପ୍ରୁଭମେଂଟ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କଲା ସିବିଏସଇ

ଭୁବନେଶ୍ୱର,୧୮।୩(ମହାଭାରତ): ଇମ୍ପ୍ରୁଭମେଂଟ ପରୀକ୍ଷା ପାଇଁ ସିବିଏସଇ ପ୍ରକାଶ କଲା ବିଜ୍ଞପ୍ତି । ୩ ଟି ବିଷୟରେ ଇମ୍ପ୍ରୁଭମେଂଟ ପରୀକ୍ଷା ଦେଇପାରିବେ ଦଶମ ପରୀକ୍ଷାର୍ଥୀ । ଏନଇପି ୨୦୨୦ ଅନୁସାରେ ଚଳିତ ବର୍ଷ ପ୍ରଥମ ଥର ସିବିଏସଇ ଆରମ୍ଭ କରିଛି ୨ଟି ବୋର୍ଡ଼ ପରୀକ୍ଷା । ପାସ କରିଥିବା ପରୀକ୍ଷାର୍ଥୀଙ୍କୁ ୨ୟ ବୋର୍ଡ଼ ପରୀକ୍ଷା ଦେବାକୁ ମିଳିବ ଅନୁମତି । ମାର୍ଚ୍ଚ ୩୧ ସୁଦ୍ଧା ପରୀକ୍ଷାର୍ଥୀଙ୍କ ତାଲିକା ପ୍ରସ୍ତୁତ ହେବ ।

## ଭୁବନେଶ୍ୱର ପାସପୋର୍ଟ ଅଫିସକୁ ବୋମା ଧମକ

ଭୁବନେଶ୍ୱର,୧୮।୩ (ମହାଭାରତ): ଭୁବନେଶ୍ୱର ପାସପୋର୍ଟ ଅଫିସକୁ ବୋମା ଧମକ ମିଳିଛି। ମେଲ ମାଧ୍ୟମରେ ବମରେ ଉଡାଇ ଦେବା ପାଇଁ ଧମକ ମିଳିଥିବା ସୂଚନା ମିଳିଛି। ଏହାପରେ ଘଟଣାସ୍ଥଳରେ ବମ ସ୍କ୍ୱାର୍ଡ ଓ ଡଗ୍ ସ୍କ୍ୱାର୍ଡ ଦ୍ୱାରା ଛାନଭିନ୍ କରାଯାଉଛି।

# ପୁଣି ବିଜେଡିକୁ ଧୋଇଲେ ଶ୍ରୀମୟୀ

ଭୁବନେଶ୍ୱର,୧୮।୩(ମହାଭାରତ):: ଶ୍ରୀମୟୀ ମିଶ୍ରଙ୍କୁ ଅତି କଡ଼ା ଶବ୍ଦରେ ସମାଲୋଚନା କରିଥିବା ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ଆଜି ଖୋଦ୍ ନବୀନ ଭୁଲ ପ୍ରମାଣିତ କରିଦେଇଛନ୍ତି । ଆଉ ଶ୍ରୀମୟୀ ବି ପ୍ରମିଳା ଏବଂ ଗୌତମବୁଦ୍ଧ ଦାଶଙ୍କୁ ପାଳିତ ଶୁଆ କହି ତେରରଚ୍ଛା ବାଣ ମାରିଛନ୍ତି ।



ଶ୍ରୀମୟୀ କହିଛନ୍ତି ଯେ ପାଳିତ ଶୁଆଙ୍କୁ ଭୁଲ୍ ପ୍ରମାଣିତ କଲେ ବିଜେଡି ମୁଖିଆ । ଦୁଇ ମାନ୍ୟବର ବିଧାୟକ ପ୍ରମିଳା ମଲ୍ଲିକ ଓ ଗୌତମବୁଦ୍ଧ ଦାଶ ଏଭଳି କୌଣସି ଟ୍ରଷ୍ଟ ଗଢ଼ା ହୋଇନି ବୋଲି ଡାହା ମିଛ କହିଥିବା ମଧ୍ୟ ପ୍ରମାଣିତ ହେଲା । ଏହି ବିଧାୟକମାନଙ୍କର ଚିତ୍ର ଓ ଚରିତ୍ର ଏବେ ରାଜ୍ୟବାସୀ ଜାଣିଲେ । ଏଥିପାଇଁ ଶ୍ରୀମୟୀ ବିଜୁ ପ୍ରେମୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶେଷରେ ମଖିଆ ସ୍ୱୀକାର କଲେ ଯେ ସେ ହିଁ ନିଜେ ଟ୍ରଷ୍ଟ(ବିଜୁ ନବୀନ ଇନ୍ସିରେସନାଲ ଫାଉଣ୍ଡେସନ) ଗଢ଼ିଛନ୍ତି । ତଥାପି ସେ ପ୍ରଶ୍ନ କରିଛନ୍ତି ଯଦି ବିଜୁବାବୁଙ୍କ ନାଁରେ ଓଡିଶାବାସୀଙ୍କ ହିତ ପାଇଁ ଟ୍ରଷ୍ଟ ଗଢ଼ା ହୋଇଥିଲା ଏହାକୁ ଗୋପନ କାହିଁକି ରଖାଯାଇଥିଲା। ଟ୍ରଷ୍ଟରେ ଥିବା ତ୍ରିମୂର୍ତ୍ତି (ସଂତୃପ୍ତ ମିଶ୍ର, ଭିକେ ପାଣ୍ଡିଆନ ଓ ଅଶୋକ ପରିଜା) ଙ୍କ ସମ୍ପର୍କରେ କାହିଁକି କିଛି କହିଲେ ନାହିଁ । କେବଳ ସେହି ୩ଜଣ ଟ୍ରଷ୍ଟର ଆଜୀବନ ସଦସ୍ୟ କାହିଁକି ସେହିପରି ଓଡିଶାର ଓକିଲ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ କଣ ବିଶ୍ୱାସଯୋଗ୍ୟ ନୁହଁନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀମୟୀ ।

ଉଲ୍ଲେଖ ଯୋଗ୍ୟ, ଗତକାଲି ଶ୍ରୀମୟୀ ମିଶ୍ର ଏହି ଫାଉଣ୍ଡେସନକୁ ନେଇ ସାମାଜିକ ଗଣମାଧ୍ୟମରେ ବଡ଼ ଖୁଲାସା କରିଥିଲେ । ଭିକେ ପାଣ୍ଡିଆନଙ୍କ ହାତରେ ନବୀନ ନିଜର ସାମ୍ରାଜ୍ୟ ଟେକି ଦେଇଥିବା ସେ କହିଥିଲେ । କିନ୍ତୁ ପ୍ରମିଳା ମଲ୍ଲିକ ଏହାକୁ ମିଥ୍ୟା ଏବଂ ମନଗଢ଼ା ବୋଲି କହିଥିଲେ । ଶ୍ରୀମୟୀଙ୍କ ସରପଞ୍ଚ ହେବାକୁ ଯୋଗ୍ୟତା ନାହିଁ । ଖାଲି ଭୁବନେଶ୍ୱରରେ ବସି ଭାଷଣ ମାରୁଛନ୍ତି ବୋଲି ପ୍ରମିଳା କହିଥିଲେ ।

## ଅଯୋଧ୍ୟା ଏବଂ ମଥୁରା ଯିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୮।୩(ମହାଭାରତ) ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାରଠାରୁ ତିନି ଦିନିଆ ଉତର ପ୍ରଦେଶ ଗସ୍ତରେ ଯିବେ, ଯେଉଁଠାରେ ତାଙ୍କର କାର୍ଯ୍ୟକ୍ରମ ମୁଖ୍ୟତଃ ଅଯୋଧ୍ୟା ଏବଂ ମଥୁରାରେ ଧାର୍ମିକ କାର୍ଯ୍ୟକଳାପ ଉପରେ ଧ୍ୟାନ ଦେବ। ରାଷ୍ଟ୍ରପତି ଭବନ ବୁଧବାର ଏକ ବିବୃତି ଜାରି କରି କହିଛି ଯେ ରାଷ୍ଟ୍ରପତି ୧୯ ମାର୍ଚ୍ଚରେ ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିର ପରିଦର୍ଶନ କରିବେ। ସେଠାରେ ସେ ମନ୍ଦିର ପରିସର ମଧ୍ୟରେ ବିଭିନ୍ନ ସ୍ଥାନରେ ଦର୍ଶନ ଏବଂ ଆରତୀ କରିବେ ଏବଂ ଶ୍ରୀରାମ ଯନ୍ତ୍ର ସ୍ଥାପନରେ ଅଂଶଗ୍ରହଣ କରିବେ। ତାଙ୍କ ଗସ୍ତର ଦ୍ୱିତୀୟ ଦିନରେ, ୨୦ ମାର୍ଚ୍ଚରେ, ରାଷ୍ଟ୍ରପତି ମଥୁରା ଜିଲ୍ଲାର ବୃନ୍ଦାବନରେ ରାମକୃଷ୍ଣ ମିଶନ ସେବାଶ୍ରମର ନନ୍ଦ କିଶୋର ସୋମାନି ଅଙ୍କୋଲୋଜି ବ୍ଲକ ଉଦଘାଟନ କରିବେ।

# ମହିଳା ପର୍ଯ୍ୟଟକଙ୍କୁ ଦୁଷ୍କର୍ମ ମାମଲାରେ ୧୦ ବର୍ଷ କାରାଦଣ୍ଡ

ଭୁବନେଶ୍ୱର, ୧୮।୩(ମହାଭାରତ) ରାୟଗଡା ଜିଲ୍ଲାରେ ଜଣେ ପର୍ଯ୍ୟଟକ ମହିଳାଙ୍କୁ ଦୁଷ୍କର୍ମ ସଂପର୍କିତ ଏକ ସମ୍ବେଦନଶୀଳ ମାମଲାରେ ରାୟଗଡା ଜିଲ୍ଲା ଅତିରିକ୍ତ ଜିଲ୍ଲା ବିଚାରପତି ଚୂଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତକୁ କଠୋର ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ଭାରତୀୟ ନ୍ୟାୟ ସଂହିତା ଧାରା ୬୪(୧) ଅନୁଯାୟୀ ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡ ସହିତ ୧୦,୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ସେହିପରି ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ୧୨୦ ଦିନ ମଧ୍ୟରେ ଏହି ମାମଲାରେ ଅଭିଯୁକ୍ତକୁ ଦଣ୍ଡାଦେଶ ହେବା ଓଡ଼ିଶା ପୋଲିସର ଦ୍ରୁତ ତଦନ୍ତର ଏକ ଉତ୍କୃଷ୍ଟ ଉଦାହରଣ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ମସିହା ନଭେମ୍ବର ୧୮ ତାରିଖରେ ଏହି ଘଟଣା ଘଟିଥିଲା। ଦୁଷ୍କର୍ମର ଶିକାର ହୋଇଥିବା ମହିଳା ଏବଂ ତାଙ୍କ ସ୍ୱାମୀ କୋରାପୁଟକୁ ଫେରିବା ପାଇଁ ରାୟଗଡାରେ ଅପେକ୍ଷା କରିଥିଲେ। ଅଭିଯୁକ୍ତଜଣକ ଉଭୟଙ୍କୁ ନିଜ ଘରେ ରହିବାର ବ୍ୟବସ୍ଥା କରିବା ବାହାନାରେ ରଯୋତ କଲୋନୀକୁ ନେଇଥିଲା। ପରେ ଏକୁଟିଆ ପାଇ ପୀଡିତାଙ୍କୁ ଦୁଷ୍କର୍ମ କରିଥିଲା। ଘଟଣା ସଂପର୍କରେ ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ମାନ୍ୟବର ଅଦାଲତ ଆଜି ମାମଲାର ଚୂଡାନ୍ତ ରାୟ ପ୍ରଦାନ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ନୂତନ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରେ ଏପରି ମାମଲାରେ ତ୍ୱରିତ ତଦନ୍ତ, ଦୃଢ଼ ପ୍ରମାଣ ସଂଗ୍ରହ ଓ ସମୟସୀମା ମଧ୍ୟରେ ଚାର୍ଜସିଟ ଦାଖଲ ଫଳରେ ଦୋଷୀଙ୍କୁ ଶୀଘ୍ର ଦଣ୍ଡାଦେଶ ନିଶ୍ଚିତ କରାଯାଉଛି। ଏହା ମହିଳାଙ୍କ ସୁରକ୍ଷା ପ୍ରତି ପୋଲିସର ପ୍ରତିବଦ୍ଧତାର ଏକ ସ୍ପଷ୍ଟ ପ୍ରତିଫଳନ।

ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ରାୟଗଡା ଜିଲ୍ଲା ଏସପିଙ୍କ ସମେତ ସରକାରୀ ଓକିଲ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ନୂତନ ଭାରତୀୟ ଆଇନ କାର୍ଯ୍ୟକରି ହେବାପରେ ଦ୍ରୁତ ତଦନ୍ତ ଓ କମ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ସନ୍ତୋଷବ୍ୟକ୍ତ କରିଛନ୍ତି।

# ୫୪,୯୨୬ କୋଟିର ପୁଞ୍ଜିନିବେଶକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ,୧୮।୩(ପିଆଇବି): ଦେଶରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୫୪,୨୯୬ କୋଟି ଟଙ୍କା ବ୍ୟୟ କରାଯିବ। ଏଥିପାଇଁ ଆଜି କେନ୍ଦ୍ର କ୍ୟାବିନେଟ୍ ? ଅନୁମୋଦନ ପ୍ରଦାନ କରିଛି। ଅନୁମୋଦନ ଲାଭ କରିଥିବା ପ୍ରକଳ୍ପଗୁଡିକ ମଧ୍ୟରେ ଜଳ ବିଦ୍ୟୁତ୍ ? ପ୍ରକଳ୍ପଠାରୁ ଆରମ୍ଭ କରି ଜାତୀୟ ରାଜପଥ, ଶିଳ୍ପ ପାର୍କ ଇତ୍ୟାଦି ରହିଛି।



କେନ୍ଦ୍ର କ୍ୟାବିନେଟ ଭାରତ ଔଦ୍ୟୋଗିକ ବିକାଶ ଯୋଜନା (ଭବ୍ୟ)କୁ ଅନୁମୋଦନ କରିଛି। ଏହା ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନା ଅଧୀନରେ, ସାରା ଦେଶରେ ୧୦୦ଟି ପ୍ଲଗ୍-ଏଣ୍ଡ-ପ୍ଲେ ଶିଳ୍ପ ପାର୍କ ବିକାଶ ପାଇଁ ୩୩,୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।ଏହି ଯୋଜନାର ଲକ୍ଷ୍ୟ ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ବିକଶିତ କରିବା, ଉତ୍ପାଦନ ପାଇଁ ସମ୍ଭାବନାକୁ ଉନ୍ମୁକ୍ତ କରିବା ଏବଂ ଭାରତର ଅଭିବୃଦ୍ଧି କାହାଣୀକୁ ତ୍ୱରାନ୍ୱିତ କରିବା।

ବିକଶିତ ଭାରତ ପାଇଁ ଶିଳ୍ପ ଭିତ୍ତିଭୂମି ନିର୍ମାଣଜାତୀୟ ଶିଳ୍ପ କରିଡର ବିକାଶ କାର୍ଯ୍ୟକ୍ରମ (ଏନଆଇସିଡିପି) ଅଧୀନରେ ବିକଶିତ ଶିଳ୍ପ ସ୍ମାର୍ଟ ସିଟିର ସଫଳତାକୁ ଆଧାର କରି ଏହି ଭବ୍ୟ ଯୋଜନାକୁ ରାଜ୍ୟ ଏବଂ ଘରୋଇ କ୍ଷେତ୍ରର ଅଂଶୀଦାରମାନଙ୍କ ସହଯୋଗରେ କାର୍ଯ୍ୟକାରୀ କରାଯିବ।

ର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ୨୦୨୩-୨୪ କପା ଋତୁ ପାଇଁ ଭାରତୀୟ କପା ନିଗମ (ସିସିଆଇ) ଲାଗି ୧,୭୧୮.୫୬ କୋଟି ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ପାଣ୍ଠିକୁ ଅନୁମୋଦନ କରିଛି। କୃଷକ କଲ୍ୟାଣକୁ ସୁଦୃଢ଼ କରିବା ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପାଣ୍ଠିର ଲକ୍ଷ୍ୟ ହେଉଛି ସାରା ଦେଶରେ କପା ଚାଷୀମାନଙ୍କୁ ପ୍ରତ୍ୟକ୍ଷ ମୂଲ୍ୟ ସହାୟତା ପ୍ରଦାନ କରିବା ।କପା ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଏମଏସପି ପରିଚାଳନା କରାଯାଏ। ବଜାର ମୂଲ୍ୟ ଏମଏସପି ଠାରୁ କମ୍ ହେଲେ ଏହା ଲାଭଦାୟକ ହୋଇଥାଏ। ଏହି ହସ୍ତକ୍ଷେପଗୁଡ଼ିକ କପା ମୂଲ୍ୟକୁ ସ୍ଥିର କରିବା, ଅଭାବୀ ବିକ୍ରି ରୋକିବା ଏବଂ ଚାଷୀମାନଙ୍କୁ ଲାଭଦାୟକ ଫେରସ୍ତ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କୃଷି ବଜାରରେ ଅନ୍ତର୍ଭୁକ୍ତିକରଣ ବୃଦ୍ଧି କରି, ଏମଏସପି ପରିଚାଳନା କପା ଚାଷ କରୁଥିବା ଲୋକମାନଙ୍କର ଆର୍ଥିକ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଏ ।କପା ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅର୍ଥକରୀ ଫସଲ ମଧ୍ୟରୁ ଅନ୍ୟତମ। ପ୍ରାୟ ୬୦ ଲକ୍ଷ ଚାଷୀଙ୍କ ଜୀବିକା ଏହା ଉପରେ ନିର୍ଭରଶୀଳ। ଏହି ଚାଷ ପ୍ରକ୍ରିୟାକରଣ, ବାଣିଜ୍ୟ ଏବଂ କପଡ଼ା ସମେତ ଆନୁସଙ୍ଗିକ କାର୍ଯ୍ୟକଳାପରେ ନିଯୋଜିତ ୪୦୦-୫୦୦ ଲକ୍ଷ ଲୋକଙ୍କୁ ସମର୍ଥନ କରେ।

ସେହିପରି କପାଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୧,୭୧୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି। ୯୨୭ ନମ୍ବର ଜାତୀୟ ରାଜପଥର ଚାରି ଲେନ୍ ? କାର୍ଯ୍ୟ ପାଇଁ ୬୯୬୯ କୋଟି ଟଙ୍କାର ଅନୁମୋଦନ ମିଳିଛି। ଦେଶରେ କ୍ଷୁଦ୍ର ଜଳ ବିଦ୍ୟୁତ୍ ? ଉତ୍ପାଦନ ପ୍ରକଳ୍ପ ଗୁଡିକ ପାଇଁ ୨୫୮୫ କୋଟି ଟଙ୍କା ବିନିଯୋଗ କରିବାକୁ ଅନୁମୋଦନ ପ୍ରଦାନ କରାଯାଇଛି।

# ପାଲମ ଅଗ୍ନିକାଣ୍ଡରେ ୯ ମୃତ

## ଦୁଃଖ ପ୍ରକାଶ କଲେ ପିଏମ ମୋଦି

ନୂଆଦିଲ୍ଲୀ,୧୮।୩(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଦିଲ୍ଲୀର ପାଲମ ଅଞ୍ଚଳରେ ଥିବା ବହୁମହଲା ଭବନରେ ଲାଗିଥିବା ନିଆଁ ଲାଗିବା ଘଟଣା ଉପରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିଜନମାନଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି।

ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ହୋଇଥିବା ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପାଲମରେ ଲାଗିଥିବା ଅଗ୍ନିକାଣ୍ଡ ଘଟଣା ଦୁଃଖଦ। ସେ ଶୋକାକୁଳ ପରିବାରଙ୍କ ପ୍ରତି ସମବେଦନା ଜଣାଇଥିବା ସହ ଆହତମାନଙ୍କ ଶୀଘ୍ର ସୁସ୍ଥତା ପାଇଁ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ ମୃତକଙ୍କ ପରିଜନମାନଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ? କୋଷରୁ ପ୍ରତ୍ୟେକଙ୍କୁ ୨-୨ ଲକ୍ଷ ଟଙ୍କା ଦିଆଯିବ, ଯେତେବେଳେ ଆହତମାନଙ୍କୁ ୫୦-୫୦ ହଜାର ଟଙ୍କା ସହାୟତା ଦିଆଯିବ।

ପାଲମର ରାମ ଚୌକ ମାର୍କେଟ୍ ?ରେ ବୁଧବାର ସକାଳ ପ୍ରାୟ ୭ଟା ସମୟରେ ଗୋଟିଏ ବହୁମଞ୍ଜିଳା ଭବନରେ ନିଆଁ ଲାଗିଥିଲା। ସୂଚନା ମିଳିବା ସହିତ ଦମକଳ ବିଭାଗର ଅନେକ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁ ନିୟନ୍ତ୍ରଣ ପାଇଁ ଚେଷ୍ଟା କରିଥିଲେ। ବର୍ତ୍ତମାନ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ନିଆଁ ଲାଗିବାର କାରଣ ନେଇ ତଦନ୍ତ ଚାଲିଛି। ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନେକ ଅନ୍ୟମାନେ ଆହତ ହୋଇଥିବା ଖବର ମିଳିଛି।

# ସମ୍ବଲପୁର ମୂର୍ତ୍ତି ଚୋରି ଘଟଣାରେ ଅଭିଯୁକ୍ତକୁ ୨ ବର୍ଷ ଜେଲ୍

ଭୁବନେଶ୍ୱର,୧୮।୩(ମହାଭାରତ): ଏକ ମନ୍ଦିର ମୂର୍ତ୍ତି ଚୋରି ସମ୍ବନ୍ଧୀୟ ମାମଲାରେ ଦ୍ରୁତ ବିଚାର କରି ସମ୍ବଲପୁର ଜିଲ୍ଲାର ସମ୍ବଲପୁର ଏସଡିଜେଏମ୍ ଅଦାଲତ ଅଭିଯୁକ୍ତ ରଜନୀକାନ୍ତ ଭୈଁସାଲ ଓରଫ ମୋନୁକୁ ଭାରତୀୟ ନ୍ୟାୟ ସଂହିତା ର ଧାରା ୩୩୧(୩)/୩୦୫(ଡି) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ କାରାଦଣ୍ଡ ସହିତ ୧,୦୦୦ ଜରିମାନାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ୨୮ ଦିନ ମଧ୍ୟରେ ତଦନ୍ତରୁ ଦଣ୍ଡାଦେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମାପ୍ତ ହେବା ଭାରତୀୟ ନୂତନ ଆଇନର ସଫଳ କାର୍ଯ୍ୟକାରିତାର ଏକ ଉଲ୍ଲେଖନୀୟ ଉଦାହରଣ।ମାମଲାର ବିବରଣୀ ଅନୁଯାୟୀ, ୨୦୨୬ ମସିହା ଫେବୃୟାରୀ ୧୭ ତାରିଖରେ ସମ୍ବଲପୁର ଟାଉନ୍ ଥାନା ଅଧୀନ ସୋମନାଥ ବାବା ମନ୍ଦିର, ବାଲିବନ୍ଧରୁ ପ୍ରାୟ ୨ କିଲୋ ଓଜନର ପିତଳର ଗଣେଶ ମୂର୍ତ୍ତି ଚୋରି ହୋଇଥିବା ସମ୍ପର୍କରେ ମନ୍ଦିର ଟ୍ରଷ୍ଟି ଲୋକନାଥ ପାଣ୍ଡେ ଅଭିଯୋଗ କରିଥିଲେ ।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା।

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



ଖବର

## ନୂଆ ମାଇଲଖୁଣ୍ଟ ସ୍ଥାପନର ଲକ୍ଷ୍ୟ




ଧୁରନ୍ଧର ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ 'ଧୁରନ୍ଧର: ଦି ରିଭେଞ୍ଜ' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ଆଗରୁ ବକ୍ସ ଅଫିସରେକର୍ଡ ଭାଙ୍ଗିବାର ଧାରା ଆରମ୍ଭ କରିସାରିଲାଣି। ମୁକ୍ତିଲାଭ କରିବା ପୂର୍ବ ଦିନର ପ୍ରିଭ୍ୟୁ ସୋ'ର ଟିକେଟ୍ ବିକ୍ରିରେ ଏହା 'ସ୍ତ୍ରୀ ୨' ଚଳଚ୍ଚିତ୍ରର ରେକର୍ଡ ଭାଙ୍ଗିଦେଇଛି। ପ୍ରିଭ୍ୟୁ ସୋ' ଦେଖିବା ପାଇଁ ଭାରତରେ ସାଢ଼େ ତିନି ଲକ୍ଷରୁ ଅଧିକ ଲୋକ ଆଗୁଆ ଟିକେଟ୍ କାଟିସାରିଲେଣି, ଯାହାର ବ୍ୟାବସାୟିକ ମୂଲ୍ୟ ୨୦ କୋଟି ଟଙ୍କା ଟପିଯାଇଛିୟ ଏହା ୩୫ କୋଟି ଟଙ୍କା ଛୁଇଁବ ବୋଲି ଆଶା କରାଯାଉଛି।ତେବେ 'ଧୁରନ୍ଧର ୨' ଯେଉଁ ରେକର୍ଡ ଭାଙ୍ଗିବା ନେଇ ସବୁଠାରୁ ଅଧିକ ଉତ୍କଣ୍ଠା ଦେଖାଦେଇଛି ତାହା ହେଲା ଶାହରୁଖ ଖାଁଙ୍କ 'ଯବାନ' ଚଳଚ୍ଚିତ୍ର ନାମରେ ଥିବା ୧୩୦ କୋଟି ଟଙ୍କାର ପ୍ରଥମ ଦିନର ସର୍ବୋଚ୍ଚ ବ୍ୟବସାୟ ରେକର୍ଡ। 'ଧୁରନ୍ଧର ୨'କୁ ନେଇ ଲୋକଙ୍କ ଉତ୍ସାହ ଏବଂ ବକ୍ସ ଅଫିସ ବିଶେଷଜ୍ଞଙ୍କ ପୂର୍ବାନୁମାନରୁ ସ୍ପଷ୍ଟ ଜଣାପଡ଼ିଲାଣି ଯେ ଶୁଭମୁକ୍ତି ଦିନ ଏହି ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୨୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବ। ଏହା ହେଲେ 'ଧୁରନ୍ଧର ୨' ହିନ୍ଦୀ ଚଳଚ୍ଚିତ୍ର ଇତିହାସରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର ୨' ଆସନ୍ତା ୧୯ ତାରିଖ ମୁକ୍ତିଲାଭ କରିବାକୁ ଯାଉଛି। ପ୍ରଥମ ଦିନରେ ଏହା କେବଳ ଭାରତରେ ଶତାଧିକ କୋଟି ଟଙ୍କାର ବ୍ୟବସାୟ କରିବା ସୁନିଶ୍ଚିତ। ବିଦେଶରେ ମଧ୍ୟ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ସେ ସୂତ୍ରରୁ ଆନୁମାନିକ ୫୦ କୋଟି ଟଙ୍କାର ଆୟ ହେବ। ପ୍ରିଭ୍ୟୁ ସୋ'ର ଆୟ ଯୋଡ଼ିଦେଲେ ଏହା ୨୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବାରେ କୌଣସି ସମସ୍ୟା ହେବ ନାହିଁ। ରଣବୀର ସିଂହଙ୍କ ଏହି ସିକ୍ୱେଲ୍ ଚଳଚ୍ଚିତ୍ର ପୂର୍ବ ଭାଗର ରୋମା□, ଆକ୍ସନ୍ ଓ ନାଟକୀୟତାକୁ ଟପିପାରୁଛି କି ନାହିଁ ତାହା ଉପରେ ଦର୍ଶକଙ୍କ ଦୃଷ୍ଟି ରହିବ।

## ରାମାୟଣ : ଭରତଙ୍କ ସ୍ୱପ୍ନ

ବାଲ୍ମିକୀ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ ଭଗବାନ ରାମଚନ୍ଦ୍ର ବନବାସ ଯିବା ସମୟରେ ତାଙ୍କୁ ୨୭ ବର୍ଷ ହୋଇଥିଲା ।ରାଜା ଦଶରଥ ଶ୍ରୀରାମଙ୍କୁ ବନବାସ ପଠାଇବାକୁ ଚାହୁଁନଥିଲେ । ମାତ୍ର ସେ ବଚନବଦ୍ଧ ଥିଲେ । ଶ୍ରୀରାମଙ୍କୁ ଅଟକାଇବାର କୌଣସି ଉପାୟ ନପାଇ ଦଶରଥ କହିଥିଲେ ଯେ ମୋତେ ବନ୍ଦୀ କରି ତୁମେ ନିଜେ ରାଜା ହୋଇଯାଅ । ହେଲେ ରାମ ବନବାସ ଚାଲିଗଲେ। ଏହାପରେ ଦଶରଥଙ୍କ ମୃତ୍ୟୁ ଘଟିଲା। ପିତାଙ୍କ ମୃତ୍ୟୁର ଆଭାସ ଭରତ ପୂର୍ବରୁ ସ୍ୱପ୍ନ ମାଧ୍ୟମରେ ଜାଣିପାରିଥିଲେ । ସ୍ୱପ୍ନରେ ସେ ଦଶରଥଙ୍କୁ କଳା ବସ୍ତ୍ର ପରିଧାନ କରିଥିବା ଦେଖିଥିଲେ । ତାଙ୍କ ଉପରେ ହଳଦିଆ ରଙ୍ଗର ସ୍ତ୍ରୀ ଲୋକମାନେ ପ୍ରହାର କରୁଥିଲେ । ଭରତ ସ୍ୱପ୍ନରେ ଦେଖିଲେ ଯେ ରାଜା ଦଶରଥ ଲାଲ୍ ରଙ୍ଗର ଫୁଲ ମାଳପକାଇ ଲାଲ ଚନ୍ଦନ ଲଗାଇ ଗଧ ଟାଣୁଥିବା ରଥରେ ବସି ଦକ୍ଷିଣ ଦିଗ (ଯମଙ୍କ ଦିଗ) ଆଡ଼କୁ ଯାଉଥିଲେ ।



## ଜାଣନ୍ତୁ ଲବଙ୍ଗ ଏବଂ ସେଓ ଖାଇବାର ଫାଇଦା

ସେଓ ଖାଇବାର ଅନେକ ଲାଭକାରୀ ଗୁଣ ରହିଛି । କିନ୍ତୁ ଆପଣ ସେଓ ସହିତ କେବେ ଲବଙ୍ଗ ମିଶାଇ ଖାଇଛନ୍ତି କି ? ଯଦି କେହି ଖାଇନାହାଁନ୍ତି ତେବେ ଥରେ ନିଶ୍ଚିନ୍ତ ଖାଇବାକୁ ଚେଷ୍ଟା କରନ୍ତୁ । ଯାହା ଶରୀର ପାଇଁ ଲାଭଦାୟକ ହୋଇଥିବା ସହ ମାଇଗ୍ରେନ ଆକ୍ରମଣରୁ ରକ୍ଷା କରିଥାଏ ।ମାଇଗ୍ରେନର ଯନ୍ତ୍ରଣା ବହୁତ ତୀବ୍ର ହୋଇଥାଏ । ଯେଉଁ କାରଣରୁ କିଛି ଲୋକଙ୍କର ବାନ୍ତି ମଧ ହୋଇଯାଏ ।ଯନ୍ତ୍ରଣା ହେତୁ ମୁଣ୍ଡ ବିନ୍ଧା ପ୍ରବଳ ହୋଇଥାଏ । ଏପରି ପରିସ୍ଥିତିରେ ବିନା ଔଷଧରେ ଏଥିରୁ ଆରାମ ମିଳି ନଥାଏ । ଯଦି ଆପଣ ମାଇଗ୍ରେନ୍ ରୋଗରେ ଆକ୍ରାନ୍ତ, ତେବେ ଆପଣଙ୍କୁ ସେଓ ଖାଇବାର ଉପାୟ ବଦଳାଇବା ଆବଶ୍ୟକ । ଲବଙ୍ଗ ସହିତ ସେଓ ଖାଇବା ଦ୍ୱାରା ମାଇଗ୍ରେନ୍ ଆକ୍ରମଣରୁ ରକ୍ଷା ମିଳିଥାଏ ଯ କେବଳ ଏତିକି ନୁହେଁ,



ଏହା ଶ୍ୱାସକ୍ରିୟା ସମସ୍ୟାକୁ ମଧ ଦୂର କରିଥାଏ ।ସେଓ ସହିତ ଲବଙ୍ଗ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ଆଶ୍ଚର୍ଯ୍ୟଜନକ ଲାଭ ମିଳିବ । ତେବେ ଏହାକୁ ଖାଇବାର ସଠିକ୍ ଉପାୟ କ'ଣ ଜାଣନ୍ତୁ ।ଡାକ୍ତର କହିଛନ୍ତି ଯେ, ଯେଉଁମାନଙ୍କର ମାଇଗ୍ରେନ୍ ଏବଂ ପେଟ ସମସ୍ୟା ଅଛି, ସେମାନେ କ'ଣ କରିବା ଉଚିତ। ଗୋଟିଏ ସେଓ ନିଅନ୍ତୁ ଏବଂ ଏହାକୁ ଧୋଇ ଦିଅନ୍ତୁ । ଏବେ ଏକ ଟୁଥପିକ୍ ସାହାଯ୍ୟରେ ସେଓରେ ୫ଟି ଛୋଟ ଗାତ କରନ୍ତୁ । ଏବେ ସେଓରେ କରିଥିବା ଗାତରେ ଲବଙ୍ଗ ଭର୍ତ୍ତି କରନ୍ତୁ ।ରାତିସାରା ସେଓକୁ ଏହିପରି ଭାବେ ଛାଡି ଦିଅନ୍ତୁ। ସକାଳେ ସେଓରୁ ଲବଙ୍ଗ ବାହାର କରି ଏହାକୁ ନ କାଟି ଚୋବାଇ ଖାଆନ୍ତୁ । ଯଦି ଆପଣ ୧୫ ଦିନ ପର୍ଯ୍ୟନ୍ତ ଏପରି ସେଓ ଖାଆନ୍ତି ତେବେ ଆପଣଙ୍କୁ ଆଶ୍ଚର୍ଯ୍ୟଜନକ ଲାଭ ମିଳିବ। ଏହା ଶ୍ୱାସକ୍ରିୟା, ମାଇଗ୍ରେନ୍ ଆକ୍ରମଣ ଏବଂ ସାଧାରଣ ମୁଣ୍ଡବିନ୍ଧା ସମସ୍ୟାରୁ ଦୂର କରିବୟ ତେବେ ଏହାର ଫାଇଦା ସମ୍ପର୍କରେ ଆସନ୍ତୁ ଜାଣିବା ।ପ୍ରତିଦିନ ଗୋଟିଏ ସେଓ ଖାଇବା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ । ଯାହା ଶରୀର ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ସେଓକୁ ଆମ ହାର୍ଟ ପାଇଁ ଭଲ ବୋଲି ବିବେଚନା କରାଯାଏ । ଏହା ସହିତ ପାଚନ କ୍ରିୟାକୁ ଉତ୍ତତ କରିବାରେ ମଧ ଏହା ସାହାଯ୍ୟ କରେ ।ସେଓ ଲିଭର ପାଇଁ ବେଷ୍ଟ ହୋଇଥାଏ । ଯାହା ଲିଭରରେ ଜମାଟ ବାନ୍ଧୁଥିବା ଚର୍ବିକୁ ରୋକିପାରେ। ଏହା ବ୍ୟତୀତ ଏହା କିଡନୀ କାର୍ଯ୍ୟରେ ସାହାଯ୍ୟ କରିବା ସହିତ ମସ୍ତିଷ୍କକୁ ଆଲଜାଇମର ଭଳି ରୋଗରୁ ରକ୍ଷା କରିଥାଏ ।ଉଜ୍ଜ୍ୱଳ ୍ବଚ୍ଚ ପାଇଁ ସେଓ ଫଳପ୍ରଦ ହୋଇଥାଏ ।ସେଓ ଭିଟାମିନ୍ ସି, ଭିଟାମିନ୍ ଏ, ଆଣ୍ଟିଅକ୍ସିଡା□ ଏବଂ ଫାଇବରରେ ଭରପୂର । ସେହିପରି ଲବଙ୍ଗରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି। ଯାହା ଦାନ୍ତ ଯନ୍ତ୍ରଣାରୁ ମୁକ୍ତି ଦେବାରେ ପ୍ରଭାବଶାଳୀ ହୋଇଥାଏ ।ଲବଙ୍ଗ ଖାଇବା ଦ୍ୱାରା ପେଟ ଯନ୍ତ୍ରଣା, ଗ୍ୟାସ୍, ଫୁଲା ଏବଂ ବଦହଜମୀକୁ ହ୍ରାସ କରିଥାଏ । ଏଥିରେ ୟୁଜେନୋଲ୍ ଏବଂ ଫ୍ଲାଭୋନଏଡ୍ ଉପାଦାନ ଥାଏ ଯାହା ଶରୀରରେ ପ୍ରଦାହକୁ ମଧ କମ୍ କରିଥାଏ ।ଲବଙ୍ଗ କାଶ, ଆଜ୍ମା ଏବଂ ବ୍ରୋଙ୍କାଇଟିସ୍ ଭଳି ସମସ୍ୟାକୁ ଚୁଟିକିରେ ଗାଏବ କରିଦେଇଥାଏ ।ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ବଡ଼ ଭୂମିକା ର୍ନିବାହ କରେ ।ତେଣୁ କେବଳ ସେଓ ନଖାଇ ସେଥିରେ ଲବଙ୍ଗ ମିଶାଇ ଖାଆନ୍ତୁ । ଯାହା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟଜନିତ ଫାଇଦା ଦେବ ।

## ଶିବଙ୍କୁ ସନ୍ତୁଷ୍ଟ କରିବା ଲାଗି ଶ୍ରୀକୃଷ୍ଣଙ୍କ ତପସ୍ୟା

ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ । ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ,





ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

## ଚେହେରାରେ ଚମକ ଆଣିଥାଏ ବିରିଡାଲି ଫେସପ୍ୟାକ୍

ଭାରତୀୟ ଭୋଜନରେ ଡାଲିର ବେଶ ମହତ୍ତ୍ୱ ରହିଥାଏ। ଏଥିରେ ଥିବା ଭିଟାମିନ ଏବଂ ପ୍ରୋଟିନ ଶରୀର ପାଇଁ ବେଶ ଲାଭକାରୀ ହୋଇଥାଏ । ଆପଣ ନିଜ ଚେହେରାରେ ବିରି ଡାଲିକୁ ଏମିତି ଭାବେ ବ୍ୟବହାର କରିପାରିବେ, ଫଳରେ ଏହା ଚେହେରାରୁ





ସୁନ୍ଦରତା ବଜାୟ ରଖିବାରେ ସାହାଯ୍ୟ କରିଥିଲେ । ଆସନ୍ତୁ, ଜାଣିବା କେମିତି ବ୍ୟବହାର କରିବେ ବିରି ଡାଲି..

ଟୋନିଂ କରିବା ପାଇଁ : ବିରି ଡାଲିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଥାଏ। ଟ୍ୟାନ୍ରୁ ରକ୍ଷା ପାଇବା ପାଇଁ ଆପଣ ଏହାକୁ ବ୍ୟବହାର କରିପାରିବେ। ୧/୨ କପ ଡାଲିକୁ ରାତିସାରା ପାଣି ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ପେଷ୍ଟ କରିଦିଅନ୍ତୁ। ଏଥିରେ ୧/୨ ଚାଉଳ ଗୁଣ୍ଡ ମିଶାଇ ଏବଂ ଚାମଚ ଲେମ୍ବୁ ଚୁପୁଡିଦିଅନ୍ତୁ । ଏହାକୁ ଏକାଠି ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ଧୋଇଦିଅନ୍ତୁ।

ତ୍ୱଚାରୁ ଦାଗ ଦୂର କରିବା ପାଇଁ : ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ଦାଗ ଦୂର କରିବାରେ ବେଶୀ ପ୍ରଭାବୀ ହୋଇଥାଏ । ଏହା ତ୍ୱଚାରେ ହେଲଥି ଗ୍ଲୋ ଆଣିଥାଏ। ୧/୨ କପ ବିରି ଡାଲିକୁ ରାତିରେ ଭିଜାଇ ସକାଳୁ ପେଷ୍ଟ କରିଦିଅନ୍ତୁ । ଏଥିରେ ଏକ ଚାମଚ ଚାଉଳ ପେଷ୍ଟ ମିଶାଇ ଭଲଭାବେ ପେଷ୍ଟ କରି ଲେମ୍ବୁ ରସ ମିଶାଇ ଦିଅନ୍ତୁ।

ନଗରନକ୍ସା
ମହାନଗରର ନିଜ ଭାଷା



# ଇତିହାସରୁ ଶିକ୍ଷା ନେଇ 'ବିକଶିତ ଓଡ଼ିଶା' ଓ ବିକଶିତ ଭାରତ ଗଢ଼ିବା

**ଭୁବନେଶ୍ୱର,୧୭।୩ (ମହାଭାରତ):** ଅତୀତର ଗୌରବମୟ ଇତିହାସ ହିଁ ଭବିଷ୍ୟତର ସମୃଦ୍ଧି ପାଇଁ ଶ୍ରେଷ୍ଠ ମାର୍ଗଦର୍ଶକ । ଇତିହାସର ଦର୍ପଣରେ ଆମର ସଭ୍ୟତା ଓ ସଂସ୍କୃତିକୁ ବୁଝି 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନ ପାଇଁ ଏକ ନୂତନ ପଥ ପ୍ରସ୍ତୁତ କରିବା ଆଜିର ସମୟର ଆହ୍ୱାନ । ରବିବାର ସମ୍ବଲପୁରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଦ୍ୱାରା ଆୟୋଜିତ ପ୍ରାନ୍ତୀୟ ଅଧିବେଶନ "ଶିଖର-୨୦୨୬" ରେ ଯୋଗଦେଇ ଏହିପରି ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଭାରତର ପ୍ରାଚୀନ ସଭ୍ୟତା ଠାରୁ ଆରମ୍ଭ କରି ୨୦୪୭ର ବିକଶିତ ଭାରତର ସଂକଳ୍ପ ପର୍ଯ୍ୟନ୍ତ, ମାରୱାଡ଼ି ସମାଜର ଭୂମିକା ଓ ଓଡ଼ିଶାର ଅର୍ଥନୈତିକ ପ୍ରଗତିକୁ ନେଇ ସେ ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ଏହି ଅଧିବେଶନ କେବଳ ଏକ ସଭା ନୁହେଁ, ବରଂ ଏହା ଏକ ଏକତା, ସଂକଳ୍ପ ଏବଂ ଭବିଷ୍ୟତ ପାଇଁ ଏକ ନୂତନ ଦିଗଦର୍ଶନର ମଂଚ । ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇଥିବା ବେଳେ ଏହି ସଫଳତାରେ ସବୁ ନାଗରିକଙ୍କ ସହ ମାରୱାଡ଼ି



ସମାଜର ବିଶେଷ ଅବଦାନ ଓ ଦାୟିତ୍ୱ ରହିଛି । ସେହିପରି ଭାରତୀୟ ସଂସ୍କୃତି, ପରମ୍ପରା ଓ ସଭ୍ୟତାକୁ ଆଗେଇ ନେବାରେ ମାରୱାଡ଼ି ସମାଜର ଯଥେଷ୍ଟ ଅବଦାନ ରହିଛି । ଅତୀତରେ ସୋମନାଥ ମନ୍ଦିର ଉପରେ ଆକ୍ରମଣ ଓ ଗୁଲାମୀ କାରଣରୁ ଆମେ ଆମର ଅନେକ ଗୌରବମୟ ଇତିହାସ ଭୁଲିଯାଇଥିଲେ । ମାତ୍ର ବର୍ତ୍ତମାନ ଇତିହାସର ଦର୍ପଣରେ ଭବିଷ୍ୟତ ପାଇଁ ମାର୍ଗ ପ୍ରସ୍ତୁତ କରିବାର ସମୟ ଆସିଛି। ବର୍ତ୍ତମାନ ଆମେ ଏପରି ଏକ ସମୟରେ ଉପନୀତ ହୋଇଛେ, ଯେଉଁଠି ଆମର ଲକ୍ଷ୍ୟ ହୋଇଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ କରିବା ସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଦାୟିତ୍ୱ ନେବାକୁ ହେବ । ବିକଶିତ ଭାରତର ସ୍ୱପ୍ନ ବିକଶିତ ଓଡ଼ିଶା ବିନା ପୂରଣ ହୋଇପାରିବ ନାହିଁ । ବିକଶିତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଓଡ଼ିଶାର ୫୦ ହଜାରରୁ ଅଧିକ ଥିବା ଗାଁକୁ ବିକଶିତ କରିବାକୁ ହେବ । ଯଦି ସମାଜର ଇଞ୍ଜିନ ଅର୍ଥାତ୍ ନେତୃତ୍ୱ ଓ ଅର୍ଥନୀତି ଶକ୍ତିଶାଳୀ ହୁଏ, ତେବେ ବିକାଶର ଗତି ଦ୍ରୁତ ହେବ । ତେଣୁ ଏ ଦିଗରେ ମାରୱାଡ଼ି ସମାଜ ମଧ୍ୟ ରେଳଡବାର ଇଞ୍ଜିନ ବୃହତ୍ତର ଦାୟିତ୍ୱ ନେବା ଆବଶ୍ୟକ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବଲପୁରରେ ଅନେକ ସମ୍ଭାବନା ରହିଛି, ତେଣୁ ଏହାକୁ ଏକ 'ଏଜୁକେସନ ହବ୍' ଓ 'ଇକୋନୋମିକ ଜୋନ୍' ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କର ସାମୂହିକ ଆବଶ୍ୟକତା ରହିଛି । ସେହିପରି ସେ କହିଥିଲେ, ଭାରତର ପ୍ରକୃତ ପୁଞ୍ଜି ହେଉଛି 'ଜ୍ଞାନ' । ପାଠପଢ଼ାକୁ ଗୁରୁତ୍ୱ ଦେଲେ ହିଁ ସମାଜରେ ବୈପ୍ଲବିକ ପରିବର୍ତ୍ତନ ଆସିପାରିବ। ଏହି ଅବସରରେ ଶ୍ରୀ ପ୍ରଧାନ ମାରୱାଡ଼ି ସମାଜକୁ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ସହ ମାତୃଭାଷାକୁ ପ୍ରୋତ୍ସାହନ ଦେବା ଏବଂ ବିଶେଷ ପର୍ବ ପର୍ବାଣୀ ବା ଦିନମାନଙ୍କର ଅଙ୍ଗନବାଡ଼ି ଭଳି ଛୋଟ ଛୋଟ ପିଲାମାନଙ୍କୁ ଫଳ ଓ ପୋଷଣଯୁକ୍ତ ଖାଦ୍ୟ ବିତରଣ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଖାଦ୍ୟରେ ତେଲର ବ୍ୟବହାର ହ୍ରାସ କରି ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଛନ୍ତି ।

# ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

**ଭୁବନେଶ୍ୱର,୧୮।୩ (ମହାଭାରତ):** ଓଡିଶା ସରକାରୀ ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କ ରାଜ୍ୟ ସ୍ତରୀୟ ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି ଆନ୍ଦୋଳନ କୁ ସମର୍ଥନ ଜ୍ଞାପନ କରିଛନ୍ତି ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ।ଆଉଟ ସୋର୍ସିଙ୍ଗ କର୍ମଚାରୀ ମାନେ ସରକାରଙ୍କ ଦ୍ୱାରା ଶୋଷିତ ହେଉଛନ୍ତି । ଏହା ଗୋତି ପ୍ରଥା ସହିତ ସମାନ । ଏହି ପ୍ରଥାକୁ ତୁରନ୍ତ ଉଚ୍ଛେଦ କରି ସେମାନଙ୍କ ଚାକିରୀ କୁ ନିୟମିତ କରିବାକୁ ଦାବି କରିଛନ୍ତି । ସରକାର ଯଦି ମାନବିକତା ଦୃଷ୍ଟିରୁ ଏହା ନକରନ୍ତି ତେବେ ଆନ୍ଦୋଳନ କୁ ବ୍ୟାପକ କରିବାପାଇଁ ସେ ଆହ୍ୱାନ ଦେବା ସହିତ ଏହାକୁ କଂଗ୍ରେସ ପ୍ରତ୍ୟକ୍ଷ ଭାବରେ ଏହି ଆନ୍ଦୋଳନ କୁ ସମର୍ଥନ ଦେବ ବୋଲି ଶ୍ରୀ ଦାସ ଘୋଷଣା କରିଥିଲେ। ବିଧାନସଭାରେ କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀ ରାମଚନ୍ଦ୍ର କଡମ ଏଥିରେ ଯୋଗ ଦେଇ ଏହି ଆନ୍ଦୋଳନ କୁ ସମର୍ଥନ ଦେବା ସହିତ କର୍ମଚାରୀ ମାନଙ୍କ ୩ ଦଫା ଦାବି ପୂରଣ ପାଇଁ ବିଧାନସଭା ରେ ଦାବି କରିବେ



ବୋଲି ଘୋଷଣା କରିଥିଲେ । ଦଳର ମୁଖ୍ୟ ସଚେତକ ରାଜନ ଏକ୍କା, ବିଧାୟକ ସତ୍ୟନାରାୟଣ ଗମାଙ୍ଗ, କଂଗ୍ରେସ ନେତା ତଥା ରାଜୀବ ଗାନ୍ଧୀ ପଂଚାୟତି ରାଜ ସଂଗଠନ ର ଅଧ୍ୟକ୍ଷ ଶ୍ରୀ ସୁଦର୍ଶନ ଦାସ ମଧ୍ୟ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ।

# ନନ୍ଦଲା ଗ୍ରାମକୁ ତୁରନ୍ତ ଐତିହ୍ୟ ଗ୍ରାମ ତାଲିକାଭୁକ୍ତ କରନ୍ତୁ ସରକାର

**ଭୁବନେଶ୍ୱର,୧୮।୩ (ମହାଭାରତ):** ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓଡ଼ିଶାର ୨୫ ଜଣ ବରପୁତ୍ରଙ୍କ ଗ୍ରାମକୁ ଐତିହ୍ୟ ଗ୍ରାମ ଭାବରେ ଘୋଷଣା କରିଛନ୍ତି । ଅଥଚ ଏ ତାଲିକାରେ କବି ପଦ୍ମଶ୍ରୀ ଡ. ମାୟାଧର ମାନସିଂହଙ୍କ ଗାଁ ନନ୍ଦଲା ଗ୍ରାମ ନାହିଁ । ସରକାରଙ୍କ ଏହି ବୈମାତୃକ ମନୋଭାବକୁ କଡ଼ା ସମାଲୋଚନା କରିଛନ୍ତି ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା । ଏକ ପ୍ରେସ ବିବୃତ୍ତିରେ ବିଜୁ ଜନତା ଦଳର ଉପସଭାପତି ଶ୍ରୀ ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ନନ୍ଦଲା ଗ୍ରାମ ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟର ଅନ୍ୟତମ ଏନ୍ତୁଡ଼ିଶାଳ । ନିଜ କବିତା ମାଧ୍ୟମରେ ଡ. ମାନସିଂହଙ୍କ ପ୍ରେମ, ଜୀବନବାଦ ଓ ସୌନ୍ଦର୍ଯ୍ୟର ଯେଉଁ ନୂଆ ସୃଜନ କୋଣାର୍କ ଗଢ଼ିଛନ୍ତି ତାହାର ମୂକସାକ୍ଷୀ ନନ୍ଦଲା ଏକ ଆଧୁନିକ ତୀର୍ଥକ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ଧୂପ, ସାଧବଝିଅ, ହେମଶସ୍ୟ, ପଲ୍ଲୀସନ୍ଧ୍ୟା, ମହାନଦୀରେ ଜ୍ୟୋତ୍ସ୍ନା ବିହାର, ଦହନ ସୁଖ, ରୂପଦେବତା, କୋଣାର୍କ, ଉପେକ୍ଷିତା, ନିକ୍ୱଣ, ଶୁଭଦୃଷ୍ଟି, ଜେମା, କମଳାୟନ, ଦୂରେ ରହ ପ୍ରମୁଖ କାଳଜୟୀ କାବ୍ୟକୃତିର ସ୍ରଷ୍ଟା ତଥା ପ୍ରଥମ ପୂର୍ଣ୍ଣାଙ୍ଗ 'ଓଡ଼ିଆ ସାହିତ୍ୟ ଇତିହାସ'ର ରଚୟିତା ଡ. ମାନସିଂହଙ୍କ ପ୍ରତି ଏ ସରକାରର ବୈମାତୃକ ମନୋଭାବ କାହିଁକି ? ଶ୍ରୀ ଦାସବର୍ମା ଆହୁରି କହିଥିଲେ, ସାଂସ୍କୃତିକ ଓ ସାରସ୍ୱତ ବିବିଧତାରେ ସମୃଦ୍ଧ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀକୁ ବର୍ତ୍ତମାନର ସରକାର ଓ ଜନପ୍ରତିନିଧି ଜାଣିଶୁଣି ବାରମ୍ବାର ଅବହେଳା କରିଆସୁଛନ୍ତି ।

# ଶିକ୍ଷାନୁଷ୍ଠାନରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଉ

**କଟକ,୧୮।୩ (ମହାଭାରତ):** ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରିବା ପାଇଁ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଦାବି କରାଯାଇଛି । ମହାସଂଘ ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖକୁ ଏକ ପତ୍ର ଲେଖି ଏହି ଦାବି ଉପସ୍ଥାପନ କରିଛନ୍ତି। ଉକ୍ତ ପତ୍ରରେ ସେ ଲେଖିଛନ୍ତି ଯେ, ଜାନୁଆରି ପହିଲା ଆମର ନିଜସ୍ୱ ନୂଆବର୍ଷ ନୁହେଁ। ଇଂରେଜମାନେ ଏହି ଦିନକୁ ନବବର୍ଷ ଭାବେ ଆମ ଉପରେ ଲଦିଦେଇଛନ୍ତି। ଚୈତ୍ର ଶୁକ୍ଳ ପ୍ରତିପଦା ବା ବର୍ଷ ପ୍ରତିପଦା ହିଁ ଆମ ନିଜର ନୂଆବର୍ଷ ଅଟେ। ଆମର ପରମ୍ପରା ଅନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦା ସୃଷ୍ଟିର ପ୍ରଥମ ଦିବସ ହୋଇଥିବାରୁ ଆମେ ଏହାକୁ ନବବର୍ଷର ମାନ୍ୟତା ଦେଇଥାଉ। ଆମ ପାଇଁ ଏହି ଦିନର ପ୍ରାକୃତିକ, ଐତିହାସିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଅଛି।

# ବ୍ଲୁ ଇକୋନୋମି ସମିଟରେ ଓଡ଼ିଶାର ଦୂରଦୃଷ୍ଟିମୟ ରୋଡମ୍ୟାପ୍

**ଭୁବନେଶ୍ୱର,୧୮।୩ (ମହାଭାରତ):** ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋ ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢୀ ଭୁବନେଶ୍ୱରରେ ଆୟୋଜିତ ଗ୍ଲୋବାଲ୍ ବ୍ଲୁ ଇକୋନୋମି ସମିଟ୍-୨୦୨୬ ଅବସରରେ ଓଡ଼ିଶାର ନୀଳ ଅର୍ଥନୀତିର ଗତିବିକାଶ ପାଇଁ ଏକ ଦୂରଦୃଷ୍ଟିମୟ ରୋଡମ୍ୟାପ୍ ଉନ୍ମୋଚନ କରିଛନ୍ତି। ଏହା ମାଧ୍ୟମରେ ସ୍ଥାୟୀ ସାମୁଦ୍ରିକ ଅଭିବୃଦ୍ଧି, ନବସୃଜନ ଓ ଉପକୂଳବର୍ତ୍ତୀ ଅଂଚଳର ସମୃଦ୍ଧିକୁ ନୂତନ ଗତି ଦେବା ଲକ୍ଷ୍ୟ ରହିଛି। ରାଜ୍ୟର ୪୮୦ କିଲୋମିଟରରୁ ଅଧିକ ଦୀର୍ଘ ଉପକୂଳରେଖା ଓଡ଼ିଶାକୁ ବ୍ଲୁ ଇକୋନୋମି କ୍ଷେତ୍ରରେ ବିଶେଷ ରଣନୈତିକ ସୁବିଧା ପ୍ରଦାନ କରୁଥିବା କଥା ଉଲ୍ଲେଖ କରି ଶ୍ରୀମତୀ ପାଢୀ କହିଥିଲେ ଯେ, ଏହି ସମ୍ଭାବନାକୁ ସ୍ଥାୟୀ ଓ ପରିବେଶ-ସମନ୍ୱିତ ଉନ୍ନୟନରେ ପରିଣତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।




ଏହି ରୋଡମ୍ୟାପ୍‌ର କେନ୍ଦ୍ରବିନ୍ଦୁ ହେଉଛି 'ପୋର୍ଟ-ଲେଡ୍ ଅର୍ବାନାଇଜେସନ୍' ରଣନୀତି। ଏହା ଅନୁଯାୟୀ ପାରାଦୀପ, ଧାମରା ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରକୁ କେନ୍ଦ୍ର କରି ବ୍ଲୁ ଇକୋନୋମି ଇଣ୍ଡଷ୍ଟ୍ରିଆଲ୍ ହବ୍ ଗଢ଼ିଉଠିବ, ଯାହା ସାମୁଦ୍ରିକ ବାୟୋଟେକ୍ନୋଲୋଜି, ଗ୍ରୀନ୍ ସିପିଂ ଓ କୃତ୍ରିମ ବୁଦ୍ଧିମତା ଆଧାରିତ ସାମୁଦ୍ରିକ ପରିଚାଳନା ଭଳି ଉଦୀୟମାନ କ୍ଷେତ୍ରରେ ନିବେଶ ଓ ନବସୃଜନକୁ ଉତ୍ସାହିତ କରିବ।

ସେ କହିଥିଲେ ଯେ, ଡିଜିଟାଲ୍ ରୂପାନ୍ତରଣ, ଶିଳ୍ପ ଦକ୍ଷତା ବୃଦ୍ଧି ଓ ବ୍ୟବସାୟ କରିବାର ସହଜତା ଉଦ୍ୟମ ମାଧ୍ୟମରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀ ଓ ଷ୍ଟାର୍ଟଅପ୍ ମାନଙ୍କ ପାଇଁ ଆକର୍ଷଣୀୟ ଗନ୍ତବ୍ୟରେ ପରିଣତ କରାଯାଉଛି। ସମାବେଶୀ ବିକାଶକୁ ଗୁରୁତ୍ୱ ଦେଇ ସେ ଉଲ୍ଲେଖ କରିଥିଲେ ଯେ, ନୀଳ ଅର୍ଥନୀତିର ବିକାଶ ସହିତ ଉପକୂଳ ପରିବେଶ ସୁରକ୍ଷା ଓ ସ୍ଥାନୀୟ ସମୁଦାୟର କଲ୍ୟାଣକୁ ସମାନ ଗୁରୁତ୍ୱ ଦିଆଯାଉଛି। ସମନ୍ୱିତ ଉପକୂଳ କ୍ଷେତ୍ର ପରିଚାଳନା, ସି-ଉଇଡ୍ ଚାଷ ଓ ପରିବେଶ-ଅନୁକୂଳ ସାମୁଦ୍ରିକ ପର୍ଯ୍ୟଟନକୁ ଏହି ରଣନୀତିର ପ୍ରମୁଖ ଅଂଶ ଭାବେ ଚିହ୍ନଟ କରାଯାଇଛି। ଶ୍ରୀମତୀ ପାଢୀ ଉଲ୍ଲେଖ କରିଥିଲେ ଯେ, ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଓ ଆଧୁନିକ ନବସୃଜନର ସମନ୍ୱୟ ମାଧ୍ୟମରେ ରାଜ୍ୟ ଭବିଷ୍ୟତରେ ସ୍ଥାୟୀ ସାମୁଦ୍ରିକ ଶାସନ ଓ ବ୍ଲୁ ଇକୋନୋମି କ୍ଷେତ୍ରରେ ଜାତୀୟ ଓ ବିଶ୍ୱସ୍ତରୀୟ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ।

# ହସ୍ତଶିଳ୍ପ ଓ ହସ୍ତତନ୍ତ ହବ ନିର୍ମାଣ ଅଗ୍ରଗତି ନେଇ ସମୀକ୍ଷା

**ଭୁବନେଶ୍ୱର,୧୮।୩ (ମହାଭାରତ):** ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରସିଦ୍ଧି ସାରା ବିଶ୍ୱରେ ରହିଛି ଓ ରାଜ୍ୟ ତଥା ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ମାନେ ଓଡ଼ିଶାର ଏହି ସାମଗ୍ରୀ କିଣିବାରେ ବେଶ ଆଗ୍ରହ ଦେଖାଇଥାନ୍ତି ଓ ଓଡିଶାର ଏହି ପ୍ରସିଦ୍ଧିକୁ ବିଶ୍ୱବ୍ୟାପୀ କରାଇବା ତଥା ରାଜ୍ୟରେ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ଯେଉଁ ଲକ୍ଷ୍ୟ ରହିଛି ତାହାକୁ ଆଗେଇ ନେବା ଲାଗି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ମାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ ର ନିର୍ମାଣ ଡିଜାଇନ, ସାଜସଜ୍ଜା, ପାର୍କିଂ ସ୍ଥଳ, ଫୁଡକୋର୍ଟ ସହ ସମ୍ପୂର୍ଣ୍ଣ କୋଠାକୁ



ଯେପରି ପୁରାତନ କଳାକୃତି ଆକର୍ଷଣୀୟ କରିହେବ ସେଥିନେଇ ବିସ୍ତୃତ ଆଲୋଚନା ହୋଇଥିଲା ଓ ଏଥି ସହିତ ଏହି କୋଠାରେ ବୟନିକା, ଉତ୍କଳିକା ଏବଂ ସମ୍ବଲପୁରୀ ବସ୍ତ୍ରାଳୟ ସହ ସରକାରୀ କାର୍ଯ୍ୟାଳୟ ରହିବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ମୁଖ୍ୟଯନ୍ତ୍ରୀ ବିଲଡିଂ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦଙ୍କ ସମେତ ଅଧିକ୍ଷଣ ଯନ୍ତ୍ରୀ ସଚିନ ସାହୁ ଏବଂ ଅନ୍ୟ ଅଧିକାରୀ ଗଣ ଉପସ୍ଥିତ ଥିଲେ।

# ଲୋକ ଅଦାଲତରେ ୫୦,୯୬୨ ମାମଲାର ଫଇସଲା

**ଭୁବନେଶ୍ୱର,୧୮।୩ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣ, ଭୁବନେଶ୍ୱରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଓ ରାଜସ୍ୱ ଅଦାଲତ ପରିସରରେ ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଚିଲିକା, ଟାଙ୍ଗି, ବେଗୁନିଆ ଓ ଜଟଣୀ ଠାରେ ଚଳିତ ବର୍ଷର ପ୍ରଥମ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଉକ୍ତ ଲୋକ ଅଦାଲତରେ ମୋଟ ୮୮ ହଜାର ୬୯୪ଟି ମାମଲା ଆଗତ କରାଯାଇ ସେଥିମଧ୍ୟରୁ ୫୦ ହଜାର ୯୬୨ଟି ମାମଲା ଫଇସଲା କରାଯାଇଥିଲା । ଏହି ମାମଲା ଗୁଡିକର ଫଇସଲା କରାଯାଇ ମୋଟ ୧୮ କୋଟି ୫୫ ଲକ୍ଷ ୫୬ହଜାର ୧୪୯ ଟଙ୍କାର ରାଜସ୍ୱ,ଜରିମାନା ଏବଂ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ମୋଟ ୫ ହଜାର ୩୨୩ଟି ଦେୱାନି ଓ ଫୌଜଦାରୀ ମାମଲା ଫଇସଲା ହୋଇଥିବା ବେଳେ ୪୫ ହଜାର ୨୪୫ଟି ରାଜସ୍ୱ ମାମଲା, ୩୯୪ଟି ପ୍ରାକ ମୋକଦ୍ଦମା ଫଇସଲା କରାଯାଇଥିଲା । ଉକ୍ତ ଲୋକ ଅଦାଲତରେ ଫୌଜଦାରୀ ସାଲିସ୍ ଯୋଗ୍ୟ ମାମଲା, ଚେକ୍ ବାଉନ୍ସ, ବ୍ୟାଙ୍କ ରିକଭରି, ମୋଟର ଯାନ ଦୁର୍ଘଟଣା, ଶ୍ରମ,ଟ୍ରାଫିକ ଚାଲାଣ ମାମଲା,ବିଭିନ୍ନ ଜନଉପଯୋଗୀ ମାମଲା, ବୈବାହିକ, ଜମି ଅଧିଗ୍ରହଣ, ରାଜସ୍ୱ ଏବଂ ଦେୱାନି ମାମଲା ସହ ବ୍ୟାଙ୍କ ଋଣ ଅନାଦେୟ, ଟେଲିଫୋନ୍, ବିଦ୍ୟୁତ ବିଲ୍‌ଏବଂ ପ୍ରାକ୍ ମୋକଦ୍ଦମାମାନ ଫଇସଲା କରାଯାଇଥିଲା। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ବିରଂଚି ନାରାୟଣ ମହାନ୍ତି ଉକ୍ତ ଲୋକ ଅଦାଲତର ସଫଳତା ପାଇଁ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ରାଜସ୍ୱ, ଆଂଚଳିକ ବ୍ୟାଙ୍କ ମ୍ୟାନେଜର, ଟେଲିକମ୍ ଓ ବୀମା ଅଧିକାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

**AFFIDAVIT**

I, Golekh Samal, aged about 45 years S/O- Gurubari Samal, Permanent resident of Vill - Dondua (Samantaraypur), P.O.- Nuapada, P.S.- Raghunathpur, Dist- Jagatsinghapur, do hereby solemnly affirm and declare as under: That I am permanent resident of the above noted addres. That my actual name is Golekh Samal which name has been entered in my Aadhaar Card No.- 6984 3526 5676. That my name and address has beeb entered as Binas Kumar Samal Vill-Samantaraypur, P.O.- Rahadinga, P.S.- Tirtol Dist - Jagatsinghpur in my D.L. No.- OR-04 19970029992. That Golekh Samal and Binas Kumar Samal of Vill- Dondua (Samantaraypur) is one and same person.

# ରନ୍ଧନଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ଭୁବନେଶ୍ୱର,୧୮।୩ (ମହାଭାରତ):** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ରନ୍ଧନଗ୍ୟାସ ଦରବୃଦ୍ଧି ଏବଂ ଏହାର ସାଙ୍ଘାତିକ ଅଭାବ ପ୍ରତିବାଦରେ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହାସହ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ଏଡିଏମ, ଭୁବନେଶ୍ୱରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜେନା କହିଲେ ଯେ ଆଜି ରନ୍ଧନଗ୍ୟାସର ଦରବୃଦ୍ଧି ଓ ଅଭାବକୁ ନେଇ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ତାହା ପ୍ରଧାନମନ୍ତ୍ରୀ ମୋଦିଙ୍କର ଆଚ୍ଛାଦିନର ବାସ୍ତବ ଚିତ୍ର। ଗତ ୨୦୨୫ ରେ ମୋଦି ସରକାର ସିଲିଣ୍ଡର ପିଛା ୫୦ ଟଙ୍କା ଦରବୃଦ୍ଧି କରିଥିବା ବେଳେ ଏବେ ପୁଣି ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି କରିଛନ୍ତି। ବ୍ୟବସାୟୀକ କଳାବଜାରି ଆରମ୍ଭ ହୋଇଗଲାଣି। ସିଲିଣ୍ଡର ପିଛା ୨୦୦୦-୨୫୦୦ ଟଙ୍କା ରେ କିଣିବାପାଇଁ ଲୋକେ ବାଧ



ସିଲିଣ୍ଡର ପିଛା ୧୧୫ ଟଙ୍କା ବଢ଼ାଇଛନ୍ତି। ୟୁପିଏ ସରକାର ସମୟରେ ୨୦୧୪ ମସିହା ସୁଦ୍ଧା ସିଲିଣ୍ଡର ପିଛା ୪୫୦ ଟଙ୍କା ଥିଲା। ଏବେ ସିଲିଣ୍ଡରର ମୂଲ୍ୟ ୧୦୦୦ ଟଙ୍କା ହେଲାଣି। ଏବେ ରନ୍ଧନଗ୍ୟାସର ହେଉଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି ଅଯଥା ଆମେରିକା- ଇସ୍ରାଏଲ- ଇରାନର ଯୁଦ୍ଧ ପରିସ୍ଥିତି ଭିତରକୁ ଭାରତକୁ ଠେଲି ଦେଉଛନ୍ତି। ମୋଦିଙ୍କର ଭୁଲ ନୀତି ଯୋଗୁଁ ଆଜି ଭାରତରେ ଦୟନୀୟ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି।

# ୩୭,୦୯୪ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୩୬୫ ଗିରଫ

**ଭୁବନେଶ୍ୱର,୧୮।୩ (ମହାଭାରତ):** ସାଇବର ଅପରାଧ ନେଟୱର୍କକୁ ସମୂଳ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୭,୦୯୪ଟି ମ୍ୟୁଲ୍/ ବେନାମୀ ବ୍ୟାଙ୍କ ଆକାଉଂଟ ଯାଂଚ କରାଯାଇଛି। ଏହାସହ ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୧୧୮୫ଟି ସାଇବର ମାମଲା, ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୬ଟି ମାମଲା, ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୪୧ଟି ମାମଲା ଏବଂ ନକଲି ସିମ୍/ପିଓଏସ୍ ସମ୍ପର୍କିତ ୨୩ଟି ମାମଲା ରୁଜୁ ହୋଇଛି। ୩୬୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୯୨ଟି ପୁରୁଣା ଏଫ୍.ଆଇ.ଆର୍ ସହ ସଂପୃକ୍ତ ୭୨୭୬ଜଣ ସନ୍ଦିଗ୍ଧ ଆକାଉଂଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି।

ଏହି ଅଭିଯାନରେ କେନ୍ଦୁଝର ଜିଲ୍ଲା ପୋଲିସ ୯୫ଟି ବେନାମୀ ଆକାଉଂଟ ଯାଂଚ କରି ୮ଟି ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ ଏବଂ ୫ଜଣଙ୍କୁ ନୋଟିସ୍ ଜାରି କରିଛି।

ସେହିପରି ରାଉରକେଲା ଜିଲ୍ଲା ପୋଲିସ ୭୫ଟି ବେନାମୀ ଆକାଉଂଟ ଯାଂଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଂଟ ସମ୍ପର୍କିତ ୫୭ଟି ମାମଲା, ଏଟିଏମ୍ ଉଠାଣ ସମ୍ପର୍କିତ ୧ଟି ମାମଲା ଏବଂ ଚେକ୍ ଉଠାଣ ସମ୍ପର୍କିତ ୪ଟି ମାମଲା ରୁଜୁ କରି ୩୩ଜଣଙ୍କୁ ନୋଟିସ୍ ଜାରି କରିଛି। ସେହିପରି ଭଦ୍ରକ ଜିଲ୍ଲା ପୋଲିସ ୧୪୫ଟି ବେନାମୀ ଆକାଉଂଟ ଯାଂଚ କରି ମ୍ୟୁଲ୍ ଆକାଉଂଟ ସମ୍ପର୍କିତ ୧ଟି ମାମଲା ରୁଜୁ କରି ୨ଜଣଙ୍କୁ ନୋଟିସ୍ ଜାରି କରିଛି।

ଭୁବନେଶ୍ୱର (ୟୁପିଡି) ପୋଲିସ ୩୪୭ଟି ବେନାମୀ ଆକାଉଂଟ ଯାଂଚ କରି ୩ଟି ମାମଲା ରୁଜୁ କରି ୯ଜଣଙ୍କୁ ଗିରଫ କରିଛି। କଟକ (ୟୁପିଡି) ପୋଲିସ ୩୨୮ଟି ବେନାମୀ ଆକାଉଂଟ ଯାଂଚ କରି ୨ଟି ମାମଲା ରୁଜୁ କରି ୧୩ ଜଣଙ୍କୁ ନୋଟିସ୍ ଜାରି କରିଛି। ଜଗତସିଂହପୁର ଜିଲ୍ଲା ପୋଲିସ ୨୦ଟି, ନୟାଗଡ଼ ଜିଲ୍ଲା ପୋଲିସ ୧୧୫ଟି ଆକାଉଂଟ ଯାଂଚ କରି ୧୦ଜଣଙ୍କୁ ନୋଟିସ୍, ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୨୩୮ଟି ଆକାଉଂଟ ଯାଂଚ କରି ୧ଟି ପୁରୁଣା ଏଫ୍.ଆଇ.ଆର୍‌ରେ ୧ଜଣଙ୍କୁ ଗିରଫ, ପୁରୀ ଜିଲ୍ଲା ପୋଲିସ ୧ଟି ପୁରୁଣା ଏଫ୍.ଆଇ.ଆରର ୧ଜଣଙ୍କୁ ଗିରଫ, ବାଲେଶ୍ୱର ଜିଲ୍ଲା ପୋଲିସ ୨୯ଟି ଆକାଉଂଟ, ମୟୂରଭଞ୍ଜ ଜିଲ୍ଲା ପୋଲିସ ୫ଟି ଆକାଉଂଟ ଯାଂଚ କରି ୫ଜଣଙ୍କୁ ନୋଟିସ୍, ବ୍ରହ୍ମପୁର ଜିଲ୍ଲା ପୋଲିସ ୩୧ଟି ଆକାଉଂଟ ଯାଂଚ କରି ୧ଟି ପୁରୁଣା ଏଫ୍.ଆଇ.ଆର ସହ ସଂପୃକ୍ତ ୧୧ଜଣଙ୍କୁ ନୋଟିସ୍, ବୌଦ୍ଧ ଜିଲ୍ଲା ପୋଲିସ ୧୨୩ଟି ଆକାଉଂଟ ଯାଂଚ କରି ୧୨୩ଜଣଙ୍କୁ ନୋଟିସ୍, ଗଞ୍ଜାମ ଜିଲ୍ଲା ପୋଲିସ ୧୫ଟି ଆକାଉଂଟ ଯାଂଚ କରି ୧ଟି ପୁରୁଣା ଏଫ୍.ଆଇ.ଆରରେ ୧ଜଣଙ୍କୁ ଗିରଫ ଏବଂ ୧ଜଣଙ୍କୁ ନୋଟିସ୍, କନ୍ଧମାଳ ଜିଲ୍ଲା ପୋଲିସ ୧ଟି ଆକାଉଂଟ ଯାଂଚ କରି ୨ଜଣଙ୍କୁ ନୋଟିସ୍, ଢେଙ୍କାନାଳ ଜିଲ୍ଲା ପୋଲିସ ୭ଟି, କଳାହାଣ୍ଡି ଜିଲ୍ଲା ପୋଲିସ ୧୨ଟି, କୋରାପୁଟ ଜିଲ୍ଲା ପୋଲିସ ୧୯ଟି ଆକାଉଂଟ ଯାଂଚ କରିଛନ୍ତି। ସେହିପରି ମାଲକାନଗିରି ଜିଲ୍ଲା ପୋଲିସ ଏକ ଏଟିଏମ୍ ଉଠାଣ ମାମଲାରେ ୨ଜଣଙ୍କୁ ନୋଟିସ୍ ଜାରି କରିଛି।

# ୱାଙ୍ଗଚୁକଙ୍କୁ ଜେଲରୁ ମୁକ୍ତି

ଲଦାଖର ସାମାଜିକ କର୍ମୀ ତଥା ପରିବେଶବିତ ସୋନମ ୱାଙ୍ଗଚୁକଙ୍କୁ ଜେଲରୁ ମୁକ୍ତି ମିଳିଛି। କେନ୍ଦ୍ର ସରକାର ତାଙ୍କ ଉପରୁ ଏନଏସଏ ହଟାଇବାକୁ ନିଷ୍ପତ୍ତି ନେବା ପରେ ସେ ଜେଲରୁ ମୁକ୍ତି ପାଇଛନ୍ତି। ଗତ ବର୍ଷ ସେପ୍ଟେମ୍ବର ୨୬ରେ ଲେହ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସୁପାରିଶ ଆଧାରରେ ତାଙ୍କୁ ଏନଏସଏରେ ଗିରଫ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ତାଙ୍କୁ ରାଜସ୍ଥାନ ସ୍ଥାନାନ୍ତର କରାଯାଇଥିଲା ଏବଂ ସେ ଯୋଧପୁର ଜେଲରେ ଅଟକ ଥିଲେ। ଏହା ବିରୋଧରେ ସୋନମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିଛି ଦିନ ତଳେ ସୁପ୍ରିମକୋର୍ଟଙ୍କ ଏକ ଖଣ୍ଡପୀଠ ସୋନମଙ୍କ ଆବେଦନ ଉପରେ ଶୁଣାଣୀ କରିଥିଲେ। ସେତେବେଳେ ସରକାରଙ୍କ ପକ୍ଷରୁ ତାଙ୍କ ବିରୋଧରେ ଦେଶ ବିରୋଧୀ କାର୍ଯ୍ୟ, ହିଂସାକୁ ଉସୁକାଇବା ଭଳି ଅଭିଯୋଗର ପ୍ରମାଣ ସ୍ୱରୂପ କିଛି ଭିଡିଓ ଉପସ୍ଥାପନ କରାଯାଇଥିଲା। ଏଥିରେ ଲଦାଖରେ କେତେକ ଜନସଭାରେ ୱାଙ୍ଗଚୁକ ଦେଇଥିବା ଉତ୍ତେଜନାମୂଳକ ଭାଷଣ ରହିଛି। ସୁପ୍ରିମକୋର୍ଟ ଏହାକୁ ଅନୁଧ୍ୟାନ କରିବା ପରେ କହିଥିଲେ ଯେ, ଏଆଇ ଯୁଗରେ କେବଳ ଭିଡିଓ ଚିତ୍ରକୁ ଆଧାର କରି କାହାକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବନି କିମ୍ବା ତାଙ୍କ ବିରୋଧରେ ଅଭିଯୋଗର ପ୍ରମାଣ ଭାବେ ଏହାକୁ ଗ୍ରହଣ କରାଯାଇପାରିବନି। ଆଗକୁ ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣୀ ଶେଷ ହୋଇ ରାୟ ପ୍ରକାଶ ପାଇବାର ଅଛି। ତେବେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟକୁ ଅନୁଧ୍ୟାନ କରିବା ପରେ କେନ୍ଦ୍ର ସରକାର ଏହି ମାମଲାରେ ପରାଜୟ ଆଶଙ୍କା କରି ସୋନମ ୱାଙ୍ଗଚୁକଙ୍କ ବିରୋଧରେ ଏନଏସଏ ହଟାଇବାକୁ ନିଷ୍ପତ୍ତି ନେଲେ। ଏବେ ସୋନମ ମୁକ୍ତ। ତାଙ୍କୁ ଯୋଧପୁର ଜେଲରୁ ତତ୍କାଳ ମୁକ୍ତି ମିଳିଛି। ଏହା ସ୍ୱାଗତଯୋଗ୍ୟ। ଗତ ବର୍ଷ ଲଦାଖରେ ଯେଉଁ ଜନ ଆନ୍ଦୋଳନ ହୋଇଥିଲା, ସେଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଲେହରେ ହିଂସାକାଣ୍ଡ ଯୋଗୁ ଜନଜୀବନ ବ୍ୟାହତ ହୋଇଥିଲା। ଲଦାଖକୁ ରାଜ୍ୟମାନ୍ୟତା ଦାବି କରି ସୋନମ ୱାଙ୍ଗଚୁକ ଅନଶନରେ ବସିଥିଲେ। ତାଙ୍କର ଏହି ଦାବି ସମ୍ପୂର୍ଣ୍ଣ ହାସ୍ୟାସ୍ପଦ ଥିଲା। ତେବେ ଅନଶନ କରିବା ଲାଗି ତାଙ୍କର ଗଣତାନ୍ତ୍ରିକ ଅଧିକାର ଥିଲା। ଏଥିରେ କିଛି ଆପତ୍ତି ନାହିଁ। କିନ୍ତୁ ଏହା ଲଦାଖ ଭଳି ଏକ ଶାନ୍ତିପୂର୍ଣ୍ଣ ଅଞ୍ଚଳରେ ଅଶାନ୍ତିର ବାତାବରଣ ସୃଷ୍ଟି କରିଥିଲା। ଏହାକୁ ସୋନମ ଉସୁକାଇଥିଲେ। ତାଙ୍କ ଉତ୍ତେଜନାପୂର୍ଣ୍ଣ ଭାଷଣ ଯୋଗୁ ଲୋକେ ଉତ୍ତ୍ୟକ୍ତ ହୋଇଥିଲେ। ଏହା ଲଦାଖ ଭଳି ଏକ ସ୍ପର୍ଶକାତର ଅଞ୍ଚଳରେ ଅରାଜକତା ସୃଷ୍ଟି କରିଥିଲା। ପୂର୍ବରୁ ଲଦାଖ ଜାମ୍ମୁ-କାଶ୍ମୀରର ଏକ ଅଂଶ ଥିଲା। ୨୦୧୯ରେ ଯେତେବେଳେ ଧାରା ୩୭୦ ଉଚ୍ଛେଦ ହେଲା, ସେତେବେଳେ ଜାମ୍ମୁ-କାଶ୍ମୀରକୁ ବିଭାଜିତ କରି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ସୃଷ୍ଟି କରାଗଲା। ଗୋଟିଏ ହେଲା ଜାମ୍ମୁ ଏବଂ କାଶ୍ମୀର ଓ ଅନ୍ୟଟି ହେଲା ଲଦାଖ। ସେତେବେଳେ ଏହାକୁ ଲଦାଖବାସୀ ସ୍ୱାଗତ କରିଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ଲଦାଖ ଏକ ଅତି ସ୍ପର୍ଶକାତର ଅଞ୍ଚଳ। ଉଭୟ ଚୀନ ଏବଂ ପାକିସ୍ତାନ ସୀମାକୁ ଏହା ଲାଗିଛି। ବିଶେଷ କରି ଲଦାଖ ଉପରେ ଚୀନର ଲୋଲୁପ ଦୃଷ୍ଟି ରହିଥିବାରୁ ଏହାକୁ ସବୁ ବେଳେ ସୁରକ୍ଷା ବଳୟ ଭିତରେ ରଖାଯିବା ଉଚିତ। ଲଦାଖରେ ଅଶାନ୍ତି, ହିଂସା ଏବଂ ଜନ ଆନ୍ଦୋଳନ ଦେଶ ପାଇଁ ସ୍ୱାଗତଯୋଗ୍ୟ ନୁହେଁ। ଲଦାଖର ପରିବେଶ ସୁରକ୍ଷା ଲାଗି ସୋନମ ୱାଙ୍ଗଚୁକଙ୍କ ଦାବି ଏବଂ ଆନ୍ଦୋଳନ ସ୍ୱାଗତଯୋଗ୍ୟ, ଏଥିରେ ସନ୍ଦେହ ନାହିଁ। ଏହାକୁ କେନ୍ଦ୍ର ସରକାର ଅଣଦେଖା କରିପାରିବେ ନାହିଁ। ଏଥିଲାଗି ସବୁ ପକ୍ଷ ସହ ଆଲୋଚନା ହେବା ଉଚିତ। ହିମାଳୟ ପାଦଦେଶରେ ଥିବା ଲଦାଖ ଏକ ବରଫାବୃତ ଅଞ୍ଚଳ। ଏଠାରେ ଜୀବନ ଯାପନ ଅତ୍ୟନ୍ତ କଠିନ। ତଥାପି ଲୋକେ ଏଠାରେ ବହୁ ବର୍ଷ ହେବ ଶାନ୍ତିପୂର୍ଣ୍ଣ ଭାବେ ବସବାସ କରୁଛନ୍ତି। ଏବେ ତାହାର ତର୍ଜମା କରାଯିବା ସମୟ ଆସିଛି।

# କଳକୀ

**॥ ଅଜୟ କୁମାର ବେହେରା ॥**

*ଘୋଡ଼ା ଖେଳରେ ଲୋକେ ଟଙ୍କା ଲଗାଇ ଅନେକ ଲାଲେନହାଲେ ହେଉଥିଲେ। ଅନେକ ଶୂନ୍ୟରୁ ଧନୀରେ ଆସୁଥିଲେ। ଏବେ ଘୋଡ଼ା ଖେଳର ଧାରା ଭିନ୍ନ ଭିନ୍ନ କୌଶଳ ନେଲାଣି। କେଉଁ ଦଳ କେଉଁ ନେତା ଆସିବା ସମ୍ଭବନା ଅଧିକ ତାଙ୍କରି ପାଇଁ ଅର୍ଥ ପ୍ରୟୋଗ ହେଉଛି। ବ୍ୟାଙ୍କମାନେ ଋଣ ପାଉବା ବଣିକ ବୁଝି ତାଙ୍କୁ ଅର୍ଥ ଦେଉଛନ୍ତି। ଦୂର ବୃହଦ୍ ବଣିକ କେଉଁ ପ୍ରକାର ଛୋଟ ବଣିକକୁ ବାଣିଜ୍ୟ ପଣ୍ୟ ବାକିରେ ଦେଇ କୃତ୍ୟ ଚଳାଉଛନ୍ତି।*

ବଏଲ ଅଣ୍ଡା କହିଲେ ସିଝା ଅଣ୍ଡାକୁ ଲୋକେ ବୁଝନ୍ତି। ମାତ୍ର ଏଥିରେ ଛନ୍ଦଣି ରହିଛି। ବଏଲ୍ ଅର୍ଥ ସିଝା, ବୈଲ ହେଲା ହିନ୍ଦୀରେ ବଳଦ, ବୈଲ ଅଣ୍ଡା ଯଦି ହିନ୍ଦୀ ଶବ୍ଦ ଧରାଯାଏ ତେବେ ଏହା ଅର୍ଥ ଉଭଟ। କାରଣ ବଳଦ ଅଣ୍ଡା ଦିଏ ନାହିଁକି ତାର ଯୌନାଙ୍ଗ ସଂଶ୍ଲିଷ୍ଟ ଅଣ୍ଡକୋଷ ବାଛୁରୀ ବେଳେ ଛିନ୍ନ କରି ଦିଆଯାଇଥାଏ। ଏମିତି ଛନ୍ଦଣି ଶବ୍ଦ ସବୁ ଭାଷାରେ କିଛି କିଛି ଚଳି ଆସୁଛି। ଲୋକରେ ଚଳି ଗଲାଣି ବୋଲି ଲୋକେ ଆନ ନଭାବି ପ୍ରକୃତ ଅର୍ଥରେ ଧରି ନେଉଛନ୍ତି। ଏଇ କଳକୀ ଏଥିରେ ଅଛି କଳ ଓକୀ। କି ଅର୍ଥ ଚାବି। କଳର ଚାବି ଭାବରେ ଧରାଯାଇପାରେ। ସବୁ କଳର ଚାବି ଅଛି। ମଟ ସାଇକେଲ, ମଟରଗାଡ଼ି, ରେଲଗାଡ଼ି, ଉଡାଜାହାଜ ସବୁର ଚାବି ଅଛି। କମ୍ପ୍ୟୁଟର ବି ଚାବି ଅଛି, ବଡ଼ ବଡ଼ କାରଖାନାର ଚାବି ଅଛି। ଜେଲଖାନାର ଚାବି ଅଛି, ଚାବିକୁ ଛାଡ଼ି କୌଣସି ଯନ୍ତ୍ର ନାହିଁ। ରେଡ଼ିଓ, ଟିଭିର ଚାବି ତାର ରିମୋଟ କଣ୍ଟ୍ରୋଲ ଓ ପାୱାର ଅଫଅନ ସିଷ୍ଟମ। ଏବେ ଓଟିପି ବି ଏକ ପ୍ରକାର ସାଂଘାତିକ ଚାବି।

ସରକାରୀ ନଥିରେ ପ୍ରତ୍ୟେକଙ୍କ ପରିଚିତ ପାଇଁ ଫଟୋ ପରିଚୟ ପତ୍ର, ଆଧାରକାର୍ଡ଼, ପାନକାର୍ଡ଼ ଏସବୁ ସହିତ ଟେଲିଫୋନ ନମ୍ବର ସଂଯୋଗ ରହିଛି। ଏଥିରୁ ଗୋଟିକୁ ଧରିଲେ ବ୍ୟକ୍ତିର ସମସ୍ତ ସ୍ଥିତି ସମ୍ବନ୍ଧ ସମ୍ପତ୍ତି ଗଚ୍ଛିତ ଧନ, ବୟସ ସବୁ ଧରାପଡୁଛି ଏଇ ସେହି କଳକୀ। ବାରହାତ ଖଣ୍ଡା ସମସ୍ତେ ଜାଣନ୍ତି ବାରଟି ରାଶି ଅଛି ଓ ଏଥିରେ ପୃଥିବୀ ଆରମ୍ଭରୁ ଶେଷ ଯାଏ ସମସ୍ତ ଜନ୍ମ ଏ ସମୟ ଜିବିତଙ୍କର ଜନ୍ମ ରହିଛି। ବାର ରାଶିର ପ୍ରକୃତି ଉଦ୍ଦୀପନା ଭାବନା କାର୍ଯ୍ୟକାରୀ ଶକ୍ତି ସର୍ବଦା ଭିନ୍ନ ଭିନ୍ନ। ରାଜନୈତିକ ଦଳ ମାନଙ୍କରେ ଦ୍ୱିଧା କି ଅଛି। ଏକ ଦଳୀୟ ମୁଖ୍ୟଙ୍କର ଓ ତାଙ୍କୁ ପରାମର୍ଶ ଦେଉଥିବା ବ୍ୟକ୍ତିଙ୍କର ହାତରେ କାହାକୁ ଯୋଗ୍ୟ କାହାକୁ ଅଯୋଗ୍ୟ ସମୟ ଅନୁସାରେ କରାଯାଇ ଉଥାନ ବା ପତନ କରାଯିବ ତାର ଧାରା ବ୍ୟାଙ୍କରେ ଲକର ଚାବି ପରି ଦୁଇଟି ଚାବି ଏଥିରେ ଦୃଶ୍ୟ। ନେତାଙ୍କ ପାଖରେ ଏତେ ପଇସା କେବେ ଭୋଟର ପୂର୍ବରୁ ନଥାଏ। ଭୋଟ ବେଳେ କାହୁଁ କାହୁଁ କଉଡି ଧନ ପହଞ୍ଚେ ଏ ମଧ୍ୟରେ ବଣିକ ଗୋଷ୍ଠୀ ଥାଆନ୍ତି ଯେଉଁମାନେ ଅଗାଡ଼ି ଖିଲାଏଗା ପିଛେ ଟାଣେଗା। ଏ ଧାରାରେ ପ୍ରତ୍ୟେକ ଦଳ ବଣିକ ମାନଙ୍କର ପୃଷ୍ଠପୋଷକରେ ଚାଲୁଛି। ବଣିକମାନେ ପ୍ରତ୍ୟେକ ଦଳୀୟ ପ୍ରାର୍ଥୀକୁ ଅର୍ଥ ଦିଅନ୍ତି ଯେଉଁ ଦଳ ଜିତିଲା ବାସ ତାଠାରୁ ପଛେ ପଛେ ବାଣିଜ୍ୟର ମଞ୍ଜି ଓ କ୍ଷେତ୍ର ଖୋଜା ଯାଇ ଧନ ଫେରସ୍ତ ଚିନ୍ତା ରହିଆସୁଛି।

ଘୋଡ଼ା ଖେଳରେ ଲୋକେ ଟଙ୍କା ଲଗାଇ ଅନେକ ଲାଲେନହାଲେ ହେଉଥିଲେ। ଅନେକ ଶୂନ୍ୟରୁ ଧନୀରେ ଆସୁଥିଲେ। ଏବେ ଘୋଡ଼ା ଖେଳର ଧାରା ଭିନ୍ନ ଭିନ୍ନ କୌଶଳ ନେଲାଣି। କେଉଁ ଦଳ କେଉଁ ନେତା ଆସିବା ସମ୍ଭବନା ଅଧିକ ତାଙ୍କରି ପାଇଁ ଅର୍ଥ ପ୍ରୟୋଗ ହେଉଛି। ବ୍ୟାଙ୍କମାନେ ଋଣ ପାଉବା ବଣିକ ବୁଝି ତାଙ୍କୁ ଅର୍ଥ ଦେଉଛନ୍ତି। ଦୂର ବୃହଦ୍ ବଣିକ କେଉଁ ପ୍ରକାର ଛୋଟ ବଣିକକୁ ବାଣିଜ୍ୟ ପଣ୍ୟ ବାକିରେ ଦେଇ କୃତ୍ୟ ଚଳାଉଛନ୍ତି। ଏବେ ଖେଳ ଦୁନିଆଁରେ ଏପରି ସମ୍ଭାବିତ ଜିତାପଟ ବ୍ୟକ୍ତିକୁ ଅନେକ ଅର୍ଥ ଦେଇ ହରାଇ ଏଇ ଘୋଡ଼ା ଖେଳ ପରି ଅର୍ଥ ପାଉଛନ୍ତି ଯେ ଜିତିବାର ସମ୍ଭବ ନଥିଲା ତାକୁ ଜିତାଇବା କୌଶଳରେ ଏସବୁର କି ଧନ। ଖଣ୍ଡା ଅର୍ଥ ଯେ ଖଣ୍ଡ ଖଣ୍ଡ କରେ ବା ଛେଦ କରେ। ଏଇ ବାର ରାଶି ଜନ୍ମ ଜାତକମାନେ ପରସ୍ପର ସହଯୋଗ ନକରି ଭିନ୍ନ ଭିନ୍ନ ମତରେ ତର୍କବାଜୀ କରି ସମୟକୁ ଧ୍ୱଂସ ଆଡ଼କୁ ନେବେ ଏହା କଳକୀ ଲୀଳା। କେହି ବଞ୍ଚିବେ ନାହିଁ ଜାଣୁଛନ୍ତି ତଥାପି ରାଜ କରିବା ପାଇଁ ସମୟକୁ ସ୍ୱ ମନ ମାନିରେ ନେବାକୁ ଚାହୁଁଛନ୍ତି। ଏଇପାଇଁ ଗୃହସ୍ଥ ମାନଙ୍କର ଗୃହସ୍ଥି ଜୀବନ ବର୍ତ୍ତମାନ ଏବେ ଠିକ ଚାଲୁନାହିଁ। ସ୍ୱାମୀ ସ୍ତ୍ରୀ ବାପପୁଅ, ମାଆପୁଅ, ମାଆ ଝିଅ, ଭାଇ ଭାଇ, ଭାଉ ଭଉଣୀ, ଦୁଇ ପଡ଼ୋଶୀ, ଦୁଇ ସାହି ଲୋକ, ଦୁଇ ଗ୍ରାମ ଲୋକ, ଦୁଇ ଜାତି, ଦୁଇ ଧର୍ମ ଲୋକ, ଦୁଇ ରାଜ୍ୟ, ଦୁଇ ଦେଶ ଏଇ ଅଦୃଶ୍ୟ ଖଣ୍ଡା ଧାରଣରେ ସର୍ବଦା ମତ ଫରକ କଳହ ଲାଗି ରହୁଛି। ଏଇ କଳକୀ ଲୀଳା ଏଥିରେ କି କ'ଣ? ତୃତୀୟ ପକ୍ଷ ପାଖରେ କି ଏବେ ପହଞ୍ଚି ଯାଇଛି ସେ ନଚାଉଛନ୍ତି ଲୋକେ ତାଙ୍କ କଥାରେ ନାଚୁଛନ୍ତି। ପୁଅ ଝିଅ ବିବାହ ହେବେ, ପାଠ ପଢ଼ିଛନ୍ତି, ରୋଜଗାର ଅଛି ବାପାମା ଅପାରଗ ନୁହଁନ୍ତି ହେଲେ ପୁଅଝିଅ ବିବାହରେ ସମସ୍ୟା, ମନ ପସନ୍ଦ ପାର୍ଥୀ ପ୍ରାପ୍ତି ପାଇଁ ମ୍ୟାରେଜ ବ୍ୟୁରୋକୁ ଯାଇ ନାମ ରେଜେଷ୍ଟ୍ରି କରି ତାଙ୍କର ପ୍ରସ୍ତାବ ପ୍ରାପ୍ତି ପାଇଁ ପ୍ରତୀକ୍ଷା କରିବାକୁ ପଡ଼ିଲାଣି ଏଇ ହେଲା ବିବାହ ପାଇଁ କି। ମନ ମିଳିଲା ନାହିଁ ଯୌବନର ସଙ୍ଗ ଦୁଃଖଦ ଉଭୟ ଶିକ୍ଷିତ ହେଲେ ବି ଚଳୁନାହିଁ ଏଣୁ ନୋଟ ଆଶ୍ରୟ ଦରକାର ଏଥିରେ ଯେ ଯାହା କରିନାହିଁ କି ପ୍ରସଙ୍ଗ ପ୍ରକୃତରେ ତାହା ନୁହେଁ। ଏପରି ଅପ୍ରାସଙ୍ଗିକ ଅଭିଯୋଗ କୋର୍ଟରେ ଉତ୍ଥାନ କରାଯାଉଛି। କେଶ ସାଥି ସାଥି ତୁଟେ ନାହିଁ ଏଥିରେ ଅଭିଯୋଗକାରୀ ଓ ପକ୍ଷ ଦୁଇଜଣଙ୍କର ଯୌବନ ବିଫଳ ହେଉଥାଏ। ଏହାର କି ହେଲା ମିଥ୍ୟାରୋପ ବିବାହ ପୂର୍ବରୁ ଓ ବିବାହ ପରେ। ପୁଣି ତୃତୀୟ ପକ୍ଷ ଏ ମଧ୍ୟରେ ଚାଟୁବାକ୍ୟ କହି ବିଚ୍ଛେଦ ମନ୍ତ୍ରଣା ମୋବାଇଲ ଫୋନ ମାର୍ଫତ ବାରମ୍ବାର ଦେବା। ଶିକ୍ଷାକୁ ଏକ ବ୍ୟବସାୟରେ ପରିଣତ କରାଗଲାଣି। ସରକାରୀ ଓ ବେସରକାରୀ ଦୁଇ ସ୍ତରରେ କୌଶଳ କରି ପରୀକ୍ଷାର୍ଥୀକୁ ନମ୍ବର ଭିତ୍ତିକ ଛାତ୍ର ଓ ଅର୍ଥ ଭରିବାରେ ଉଚ୍ଚତର ଶିକ୍ଷା ଦିଆଯିବା ବ୍ୟବସ୍ଥା ହେଲାଣି। ଡାକ୍ତରୀ ଶିକ୍ଷା, ଇଞ୍ଜିନିୟରିଂ ଶିକ୍ଷା ପାଇଁ ପ୍ରତିବର୍ଷ ଆଡ଼ମିଶନ ତାମସା ଦେଖିଲେ ବୁଝା ପଡୁଛି। ସରକାରୀ କଲେଜ ବିଦ୍ୟାଳୟରେ ପରୀକ୍ଷାର୍ଥୀଙ୍କୁ ଧୂରୀଣ କରାଯିବା ପଦ୍ଧତିରେ କିଛି ତ୍ରୁଟି ଜଣାପଡୁଛି ଲୋକେ ଟିଉଟୋରିଆଲରେ ନାମ ଲେଖାଇ ଅର୍ଥ ଦେଇ ଧୁରୀଣ ହେବା ଚେଷ୍ଟା ରହିଛି। ପ୍ରକୃତରେ ମୌଳିକ ଶିକ୍ଷା ପଦ୍ଧତିରେ ଢ଼ିଲା ହିଁ ଅନ୍ୟକୁ ରୋଜଗାରକ୍ଷମ କରାଉଛି। ଏଥିରେ ବି କି ରହିଛି। ଏହି ଶିକ୍ଷା ପଦ୍ଧତି ଏକ କଳ।

କଳଘର ଏକ ଓ ଅନେକ ମିଶିଥାଏ। ସେମିତି ସରକାର ଏକ କଳ ଏଥିରେ ଅନେକ ବିଭାଗ ଓ ଉପ ବିଭାଗ ରହୁଛି। ସବୁ କଳର ଚାବି ଓ କଳ ଘର ଚାବି ଓ ପାୱାର ସପ୍ଲାଇ, କଞ୍ଚାମାଲ ସପ୍ଲାଇ କାର୍ଯ୍ୟକାରୀ ଅଫିସର ଟେକନିସିଆନ ଶ୍ରମିକଙ୍କ ରହିବା ପରି ସରକାରୀ କଳରେ ବି ଏପରି ପାହ୍ୟା। ପାହ୍ୟା ସ୍ତର ସର୍ବତ୍ର ଅଛି। ଏହାର କି ପ୍ରକୃତରେ ଜଣକ ଦସ୍ତଖତରେ ହିଁ ହୋଇ ଆସୁଛି। ରାଷ୍ଟ୍ରପତି କେଉଁଠି, କିନ୍ତୁ ରାଜପଥରୁ ଟ୍ୟାକ୍ସ ଆଦାୟ ସ୍ଥାନରେ ତାଙ୍କର ଆଦେଶ ନାମ ଦରଜ ରହିବା ଦେଖାଯାଉଛି। ଜଗୁଆଳି ପ୍ରତ୍ୟେକ୍ଷ ଓ ପରୋକ୍ଷ ଦୁଇ ପ୍ରକାରର ହୋଇ ପାରନ୍ତି। ପୁଣି ଜଗୁଆଳୀ ଧନ ଜୀବନ ସ୍ଥାନ ସବୁ ପର୍ଯ୍ୟାୟର ହୋଇପାରନ୍ତି। ଏକ ପିଲା, ଏକ ଯୁବତୀ ଏକ ବୁଢ଼ା ବା ବୁଢ଼ୀ ଏମାନଙ୍କର ହେପାଜତ ପାଇଁ ଜଗୁଆଳୀ ପ୍ରତ୍ୟେଗ ଗୃହରେ ଅଛନ୍ତି। ରାଜ୍ୟରେ ଶାନ୍ତିରକ୍ଷା ପୋଲିସଙ୍କ ଉପରେ ନ୍ୟସ୍ତ। ଦେଶର ସୀମା ଜଗି ସ୍ଥାନକୁ ସୁରକ୍ଷା ଦେବା ସୈନ୍ୟଙ୍କ କାମ ଏହା ପ୍ରତ୍ୟକ୍ଷ ଜଗୁଆଳୀ, ଧାରା ପରୋକ୍ଷରେ ପ୍ରତି ସ୍ଥାନରେ ଭେଡ଼ାବାଡ଼, ପାଚେରୀ ସ୍ଥାନକୁ ଏକ ଜଗୁଆଳୀ ରୂପେ ଜଗି ରହିଛନ୍ତି। ଗୃହ କାନ୍ଥ, ଛାତ, କବାଟ ଏମାନେ ଗୃହ ଆଭ୍ୟନ୍ତର ଧନ ସମ୍ପତ୍ତି ଜୀବନର ଜଗୁଆଳୀ। ଗାଡ଼ିଟିଏ କିଣି ଷ୍ଟାଣ୍ଡରେ ରଖି କାମ ବ୍ୟସ୍ତରେ କ୍ଷେତ୍ରରେକୁ ବାହାରିଗଲେ ମାନବ ଜଗୁଆଳୀ ପ୍ରତ୍ୟକ୍ଷ ଓ ଗାଡ଼ିର କବାଟ ଚାବି ପରୋକ୍ଷ ଗାଡ଼ିଟିକୁ ଜଗୁଛନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ
ଦୂରଭାଷ : ୯୪୩୭୦୩୧୨୫୩

# ଆଧ୍ୟାତ୍ମିକତା ଓ ଭାରତର ଯୋଗ ବିଜ୍ଞାନ

**॥ ରଜତ କୁମାର ବୋଷ ॥**

ଆଜିର କର୍ମବ୍ୟସ୍ତ ଜୀବନରେ ମଣିଷ ସବୁବେଳେ ଦୌଡ଼ିବାରେ ଲାଗିଛି। ବର୍ତ୍ତମାନର କରୋନା ବିଭୀଷିକା ସମୟରେ ଯୋଗର ପ୍ରାସଙ୍ଗିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ରୋଗ ଓ ବିଷାଦ ମଣିଷର ମନ ଓ ଶରୀରକୁ ଭାରାକ୍ରାନ୍ତ କରିଦିଏ। ଏହାସହ କର୍ମରେ ସର୍ବଦା ବ୍ୟସ୍ତ ରହି ଆମୋଦପ୍ରମୋଦ ପାଇଁ ସମୟ ବାହାର କରିପାରେନି। ତେଣୁ ଚିନ୍ତା, ବିଷାଦ, ଚିଡ଼ିଚିଡ଼ାପଣ ଆଦି ମନ ଭିତରେ ଘର କରିନିଏ। ଶରୀର କ୍ଳାନ୍ତ ହୋଇପଡ଼େ। ଏହାପରେ ମଣିଷ ହୋଇଯାଏ ଡାକ୍ତର ଓ ଔଷଧର କ୍ରୀତଦାସ। ମାତ୍ର ଏହି ସବୁ ମଧ୍ୟରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ପାଇବାର ଏକମାତ୍ର ପନ୍ଥା ହେଉଛି ଯୋଗ। ଶରୀରକୁ ସୁସ୍ଥ ରଖିବା ସହ ଶରୀରର ଶକ୍ତି ବଢ଼ାଇବା, ମନକୁ ଶୀତଳତା ପ୍ରଦାନ କରିବାରେ ଯୋଗର ଭୂମିକା ଅପରିହାର୍ଯ୍ୟ। ଯୋଗ ଦ୍ୱାରା ଆପଣଙ୍କ ବ୍ୟସ୍ତମୟ ଜୀବନକୁ ଏକ ସୁନ୍ଦର ସଙ୍ଗୀତମୟ ଗତି ମିଳିଯାଏ। ଯୋଗ ଆମ ପ୍ରାଚୀନ ଭାରତର ପରିଚୟ ଅଟେ। ସଂସାରର ପ୍ରଥମ ପୁସ୍ତକ ଋକବେଦର କେତେକ ସ୍ଥାନରେ ଯୋଗକ୍ରିୟାର ବିଶେଷ ଉଲ୍ଲେଖ ରହିଛି। ପ୍ରାୟ ୫୦୦୦ ବର୍ଷ ପୁରୁଣା ଏହି ଯୋଗ କ୍ରିୟା କେବଳ ରୋଗକୁ ଦୂର କରିବାର ପ୍ରକ୍ରିୟା ଭାବେ ନିଜର ଉପସ୍ଥିତି ଜାହିର କରିନାହିଁ ବରଂ ଶରୀରର ସମସ୍ତ ରୋଗେ ଦୂର କରିବା ସହ ମସ୍ତିଷ୍କକୁ ଚିନ୍ତାମୁକ୍ତ କରେ ଓ ମନକୁ ପବିତ୍ର କରି ଆତ୍ମାକୁ ଈଶ୍ୱରଙ୍କ ନିକଟବର୍ତ୍ତୀ କରାଇଥାଏ।

'ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧୀମହି ଧିୟୋ ଯୋନଃ ପ୍ରଚୋଦୟାତ୍' - ବେଦରୁ ହିଁ ସର୍ବ ପ୍ରଥମେ ପ୍ରାଚୀନ ଯୋଗର ଉଦ୍ଭବ। ଆଉ ଯୋଗ ହେଉଛି ଆମର ପ୍ରାଚୀନ ଯୋଗୀ, ମୁନିଋଷି ମାନଙ୍କ ଦୀର୍ଘ ସାଧନାର ଫଳସ୍ୱରୂପ ଏକ ଦାନ। ସେମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ତଥା ଗଭୀର ଅନୁଶୀଳନ ଦ୍ୱାରା ସମଗ୍ର ବିଶ୍ୱବାସୀଙ୍କ ପାଇଁ ଏହି ଶ୍ରେଷ୍ଠ ସମ୍ପତି ରଖିଯାଇଛନ୍ତି। ବେଦାନ୍ତ ତତ୍ତ୍ୱର ତିନୋଟି ଗ୍ରନ୍ଥ ଉପନିଷଦ, ବ୍ରହ୍ମସୂତ୍ର ଓ ଶ୍ରୀମଦଭାଗବତ ଗୀତାରେ ଏହି ଯୋଗତତ୍ତ୍ୱ ନିହିତ। ମହାଭାରତର ଯୁଦ୍ଧଭୂମି କୁରୁକ୍ଷେତ୍ରରେ ନିଜର ମିତ୍ର ଅର୍ଜ୍ଜୁନଙ୍କ ଭାବାନ୍ତରକୁ ଦୃଷ୍ଟିରେ ରଖି ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରୁ ଗୀତା ରୂପେ ମୁଖରିତ ହୋଇଥିଲା। ଆଜିର ସମୟରେ ଯୋଗ କେବଳ ମଣିଷ ସମାଜର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ ବିଭିନ୍ନ ସାମଗ୍ରୀକ ଚିନ୍ତନ ଓ ସମସ୍ୟାକୁ ସମାଧାନ କରିପାରୁଛି। ଏହା ସେମାନଙ୍କୁ ଶାନ୍ତି ଓ ଦିବ୍ୟାନନ୍ଦର ଅନୁଭୂତି ପ୍ରଦାନ କରିବା ସହ ମନର ସନ୍ତୁଳନ, ବ୍ୟକ୍ତିତ୍ୱର ବିକାଶ ଓ ଜୀବନକୁ ଦିବ୍ୟମୟ କରିବା ପାଇଁ ପଥ ପ୍ରଦର୍ଶନ କରୁଛି। ସଂପ୍ରତି ଭାରତୀୟ ଯୋଗବିଜ୍ଞାନ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ସହ ପ୍ରାୟ ପୃଥିବୀର ଅଳ୍ପ ବହୁତ ଅଧିକାଂଶ ରାଷ୍ଟ୍ରରେ ଏ କ୍ଷେତ୍ର ଉପରେ ବିଜ୍ଞାନୀଗଣ ଗବେଷଣା ଓ ପରୀକ୍ଷଣ ଜାରି ରଖିବା ସହ ଯୋଗ ପ୍ରତି ଦିନକୁ ଦିନ ଉତ୍କଣ୍ଠା ଓ ଆଗ୍ରହ ବଢ଼ିବାରେ ଲାଗିଛି। ଭାରତ ହେଉଛି ଯୋଗର ଉଦ୍‌ଗମ ଓ ପ୍ରୟୋଗର କ୍ଷେତ୍ର। ଯୋଗ, ଧ୍ୟାନ, ପ୍ରାଣାୟମ, ଆସନ, ବନ୍ଧମୁଦ୍ରା, ସମାଧି ପରି ବିଭିନ୍ନ କ୍ଷେତ୍ର ଉପରେ ଯୋଗ ବିଜ୍ଞାନର ଗବେଷଣା ବି ଚାଲିଛି। ଯୋଗର ପରମ ଲକ୍ଷ୍ୟ ହେଉଛି ଜୀବାତ୍ମାର ପରମାତ୍ମାଙ୍କ ସହିତ ଯୋଗ ବା ମିଳନ। ଯୋଗ ଦ୍ୱାରା ମନୁଷ୍ୟ ଜନ୍ମ-ମୃତ୍ୟୁ ରୂପକ ସଂସାରଚକ୍ରରୁ ମୁକ୍ତି ପାଏ। ଏବଂ ଅମରତ୍ୱ ଲାଭ କରିଥାଏ।

ଯୋଗକୁ କୌଣସି ନୀତି ରୂପେ ନୁହେଁ ବରଂ ମାନବ ଜୀବନର ମୂଳଭୂତ ଆଧାରଶିଳା ଭାବେ ଗ୍ରହଣ କରିବା ଉଚିତ। ଧର୍ମ ପାଳନ ଏବଂ ସାଧନା ହେଉଛି ଯୋଗର ଦୁଇଟି ବାହୁ। ଏହିପରି ଯୋଗ ହେଉଛି ଏକ ସାମଗ୍ରୀକ ଜୀବନ ପଦ୍ଧତି। ଯୋଗ ସାଧନାର ମୂଳ ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିତ୍ୱର ଜୀବନରେ ସରସତା ଆନନ୍ଦ ଆଣିବା ସହ ସନ୍ତୁଳନ ସାଧନା କରିବା। ଆମର ଭାରତୀୟ ମହର୍ଷୀଗଣ ଆଧ୍ୟାତ୍ମିକ ଜୀବନର ପ୍ରତିଟି ମୁହୂର୍ତ୍ତକୁ ତତ୍ତ୍ୱ ଦର୍ଶନର ଅନୁସନ୍ଧାନ ତଥା ନିଜର କଠୋର ତପସ୍ୟା ଓ ସାଧନାତ୍ମକ ପ୍ରୟୋଗର ନିଷ୍କର୍ଷରେ ପହଞ୍ଚି ମାର୍ଗଦର୍ଶନ କରିଛନ୍ତି ଯେ ପରମାତ୍ମା ହେଉଛନ୍ତି ଅସୀମ ଅନନ୍ତ ସମଷ୍ଟି ସତ୍ତା। ଆଉ ମହାନ ହେବାକୁ ହେଲେ ବ୍ୟକ୍ତିସତ୍ତାକୁ ସମଷ୍ଟି ସତ୍ତା ସହିତ ସଂଯୋଗ କରିବାର ଆବଶ୍ୟକତା ରହିଛି। ବିଶ୍ୱରେ ସତ୍-ଚିତ୍-ଆନନ୍ଦମୟ ଚେତନାର ଯେଉଁ ଦିବ୍ୟାନୁଭୂତି ମିଳିଛି ସେସବୁ ହେଉଛି ଯୋଗ ପଦ୍ଧତିର ବିଭିନ୍ନ ଅଙ୍ଗ। ଭାରତୀୟ ବେଦ, ଉପନିଷଦ, ପୁରାଣ ହେଉ ମହାଭାରତ ବା ଭାଗବତ ଯୋଗବାଶିଷ୍ଠ ହେଉ ବା ଯାଜ୍ଞବଲ୍କ୍ୟସ୍ମୃତି ସବୁ ଗ୍ରନ୍ଥରେ ଅନନ୍ତ ଯୋଗସୂତ୍ରର ଉଲ୍ଲେଖ ଦେଖିବାକୁ ମିଳେ। ମହାତ୍ମା ବୁଦ୍ଧଦେବ ଯୋଗଶାସ୍ତ୍ର ନିର୍ଦ୍ଦେଶିତ ଆସନ, ପ୍ରାଣାୟମ, ଧ୍ୟାନ, ମୁଦ୍ରା ଅଭ୍ୟାସ କରି ସମାଧି ସାଧନା କରିଥିଲେ। ଋଗ୍‌ବେଦ, ଅଥର୍ବବେଦରେ ଯୋଗଭ୍ୟାସକୁ ନେଇ ଅନେକ ମନ୍ତ୍ର ସ୍ଥାନିତ ହୋଇଛି। ଜୈନ ଧର୍ମରେ ଭଗବାନ ମହାବୀର ଜୈନ ସ୍ୱୟଂ ସିଦ୍ଧଯୋଗୀ ଥିଲେ। ତାଙ୍କ ପଥ ପ୍ରଦର୍ଶିତ ପଞ୍ଚଜମ ହିଁ ଯୋଗର ମୁଖ୍ୟ ଉପାୟ। ସେହିପରି ପାତଞ୍ଜଳୀ ଯୋଗରେ ବର୍ଣ୍ଣିତ ଅହିଂସା ସହିତ ଜୈନ ସମତ ଅହିଂସା ମହାବ୍ରତର ସ୍ୱରୂପ ଅନେକ କ୍ଷେତ୍ରରେ ସମାନ। ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ। ଯାହାକି ଏକ ଆଧ୍ୟାତ୍ମିକ ବିଜ୍ଞାନ। ଯୋଗର ଲକ୍ଷ୍ୟ ହେଉଛି ମନୁଷ୍ୟକୁ ପ୍ରକୃତିର ଦାସତ୍ୱରୁ ମୁକ୍ତ କରି ତାକୁ ନିଜ ସ୍ୱରୂପର ସାକ୍ଷାତକାର କରାଇବା। ସଂପ୍ରତି ଭାରତୀୟ ଯୋଗଦର୍ଶନ ଗିରିକନ୍ଦର ତଥା ପାହାଡ଼ ପର୍ବତର ଗୁମ୍ଫାରୁ ବାହାରି ସମଗ୍ର ବିଶ୍ୱର ପ୍ରତିଟି କୋଣ ଅନୁକୋଣରେ ପହଞ୍ଚିଛି। ମୋଟାମୋଟି ଭାବରେ ଯୋଗର ଅର୍ଥ ଜୀବାତ୍ମାଙ୍କ ସହ ପରମାତ୍ମାଙ୍କ ମିଳନ। ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ। ଯୋଗ ସାଧନା ଏକ ବିଂଶ ଶତାବ୍ଦୀରେ ପ୍ରତ୍ୟେକ ମାନବର ଅନିର୍ବାର୍ଯ୍ୟ କର୍ତ୍ତବ୍ୟ ରୂପେ ପରିଣତ ହୋଇଛି। ଏହି ସାଧନା ଦ୍ୱାରା ଜଣେ ନିଜକୁ ଠିକ୍ ଭାବରେ ଜାଣିବା ସହ ନିଜକୁ ଅନୁଶାସନରେ ରଖିବା ପାଇଁ ସମର୍ଥ ହୋଇପାରିବ। ମଣିଷର ଉଜୁଡି ଯାଇଥିବା ମୁହୂର୍ତ୍ତ ପୁଣିଥରେ ଗଢ଼ାଯାଇ ପାରିବ। ଯୋଗ ସାଧନାର ତତ୍ତ୍ୱ ଦର୍ଶନ ସହିତ ପରିଚିତ ହୋଇ ମଣିଷ ନିଜକୁ ଜାଣିପାରେ। ହଜିଯାଇଥିବା ଶାନ୍ତିକୁ ପୁନର୍ବାର ଫେରି ପାଇପାରେ। ଏହାର ନିୟମିତ ଅଭ୍ୟାସ ଦ୍ୱାରା ଆମ୍ଭେମାନେ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ପ୍ରତିଭା, ବିଦ୍ୟା, ଆନନ୍ଦ ଓ ସର୍ବୋପରି ଶାନ୍ତି ଭଳି ବରଦାନ ପ୍ରାପ୍ତ ହୋଇପାରିବା। ତେଣୁ ଆଜି ଆନ୍ତର୍ଜାତିକ ଯୋଗ ଦିବସରେ ଉଜ୍ଜ୍ୱଳ ଭବିଷ୍ୟତର ଆଧ୍ୟାତ୍ମିକ ସମ୍ଭାବନାକୁ ସାକାର କରିବାଲାଗି ଯୋଗ ସାଧନାର ତତ୍ତ୍ୱ ଦର୍ଶନକୁ ହୃଦୟଙ୍ଗମ କରିବା ଏବଂ ଏହାକୁ ଜୀବନର ଦିବ୍ୟମୟ ପଥପାଇଁ ପ୍ରଶସ୍ତର କ୍ଷେତ୍ର ଭାବେ ଗ୍ରହଣ କରିବା।

କୁଆଁସରପୁର, ଯାଜପୁର, ଦୂରଭାଷ : ୯୪୩୭୧୦୩୫୦୨

# ପିଲାଙ୍କ ପାଇଁ ଯୋଗ

**॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

ନିକଟରେ ମିଳିତ ଜାତିସଂଘ ଦ୍ୱାରା ଭାରତର ପ୍ରଧାନମନ୍ତ୍ରୀଙ୍କ ଯୋଗକୁ ଏକ ସ୍ୱତନ୍ତ୍ର ଦିବସ ରୂପେ ପାଳନ କରିବାକୁ ଗ୍ରହଣ କରିନେବା ପରେ ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। କେବଳ ଭାରତୀୟ ଆଧ୍ୟାତ୍ମିକ ବିଜ୍ଞାନ ନୁହେଁ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରକୁ ଦେଖାଗଲେ ଜଣାଯାଏ ଯେ ଏହି ଯୋଗ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଭୂମିକା ଗ୍ରହଣ କରିଥାଏ। ତେବେ ଯୋଗାସନ କ୍ଷେତ୍ରରେ ପିଲାମାନଙ୍କର କ୍ଷେତ୍ରକୁ ଦେଖିଲେ କେତେକ କ୍ଷେତ୍ରରେ ଭିନ୍ନ ମତ ଦେଖିବାକୁ ମିଳେ। ଏହା ସୁନିଶ୍ଚିତ କଥା ଆଠ ବର୍ଷରୁ ଉର୍ଦ୍ଧ୍ୱ ପିଲା ତା'ର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଯୋଗ ଶିଖାଇଲେ କିଛି ଖରାପ ନୁହେଁ। କିନ୍ତୁ ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପ୍ରସଙ୍ଗଟି ହେଉଛି ପିଲାଟିର ସ୍ୱାସ୍ଥ୍ୟ, ଶାରୀରିକ ଅସୁବିଧା ବା ଚିକିତ୍ସା, କୌଣସି ବଂଶାନୁକ୍ରମିକ ରୋଗ ବା ପରିପାର୍ଶ୍ୱିକ ଅବସ୍ଥିତିକୁ ଦେଖି ନିର୍ଣ୍ଣୟ ନେବାକୁ ପଡ଼ିଥାଏ ଯେ ପିଲାଟିର ଶାରୀରିକ ପୃଷ୍ଟିସାଧନ କ୍ଷେତ୍ରରେ ଯୋଗର କ୍ଷେତ୍ର କେଉଁପରି ଓ କିଭଳି ରହିବ। ଆଜିକାଲି କିଛି ପିଲାମାନଙ୍କ ବାପମାଆ ବା ଅଭିଭାବକ ଭାବପ୍ରବଣ ହୋଇ ଖୁବ୍ କମ୍ ବୟସରୁ ପିଲାମାନଙ୍କୁ ଯୋଗ, ଆସନ, ପ୍ରାଣାୟମ ଓ ବିଭିନ୍ନ ଶାରୀରିକ ବିଜ୍ଞାନ କଳା ଶିଖାଉଛନ୍ତି। ଏହାକୁ ଏକ ପ୍ରକାର ଭାବପ୍ରବଣତାର ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବନାହିଁ କିନ୍ତୁ ଏହି କ୍ଷେତ୍ରରେ ଚିକିତ୍ସା ବିଜ୍ଞାନ ନିଶ୍ଚିନ୍ତ ଭାବରେ ଏକ ଚିନ୍ତାଜନକ ବିତର୍କରେ ବି ପହଞ୍ଚି ଯାଇଥାଏ। ଶାସ୍ତ୍ର କହିଛି - 'ଶରୀର ମାଦ୍ୟମଂ ଖଳୁଧର୍ମ ସାଧନମ୍।' ଯାହାର ଭାବାର୍ଥ ହେଉଛି ଶରୀରକୁ ଦେଖି ଧର୍ମ ସାଧନା କର। ସେହିପରି ଆଜିକାଲି କିଛି ବିଦ୍ୟାଳୟରେ ମଧ୍ୟ ପିଲାମାନଙ୍କୁ ଏହିପରି ଯୋଗାସନ ଶିକ୍ଷା ପାଇଁ ଉତ୍ସାହିତ କରାଯାଉଛି। ଆଗାମୀ କାଲିର ଭବିଷ୍ୟତ କୁହାଯାଉଥିବା କୋମଳମତି ପିଲାଙ୍କୁ ଶାରୀରିକ ତତ୍ତ୍ୱ କ୍ଷେତ୍ରରେ ଗଢ଼ି ତୋଳିବା ଏକ ସାଧନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଛୋଟ ପିଲାଟି ପାଇଁ ଏପରି ଅତ୍ୟନ୍ତ ଉପାଦେୟ ପ୍ରସଙ୍ଗ କେତେକ କ୍ଷେତ୍ରରେ ବିପଜ୍ଜନକ ହେବାର ଦୃଷ୍ଟାନ୍ତ ବି ରହିଛି। ସବୁପିଲାମାନଙ୍କ ବାପମାଆ ଚାହାଁନ୍ତି ସେମାନଙ୍କ ପିଲା ସୁସ୍ଥ ସବଳ ଭାବେ କୌଣସି ରୋଗର ଶିକାର ନହୋଇ ବେଶ ଡଉଲ ଡାଉଲ ଶରୀରଟି ପାଉ। କେବଳ ଶାରୀରିକ ଭାବରେ ନୁହେଁ ମାନସିକ ସ୍ତରରେ ପିଲାଟିର ଉନ୍ନତି ବି ବାପମାଆମାନେ ଚାହାଁନ୍ତି। ତେବେ ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ବୟସ ଅବଧି ପରେ ଏବଂ ତାହାର ଶରୀରର ସୁସ୍ଥ ସବଳତାକୁ ଦେଖି ତାହାର ଚିକିତ୍ସା କରୁଥିବା ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଯୋଗାଭ୍ୟାସ କଲେ ଏହା ପିଲାଟି ପାଇଁ ଶାରୀରିକ କ୍ଷେତ୍ରରେ ନିଶ୍ଚିନ୍ତ ଭାବରେ ଉପାଦେୟ ହୋଇପାରିବ।

ପିଲାମାନଙ୍କୁ ଆମର ଭାରତୀୟ ପ୍ରାଚୀନତମ ବିଜ୍ଞାନ ଅନୁଯାୟୀ ସୂର୍ଯ୍ୟ ନମସ୍କାର ଶିଖାଇବା ଏକ ଖୁବ୍ ଭଲ ଅଭ୍ୟାସ। ତେବେ ପ୍ରଥମ କଥା ହେଉଛି ପିଲାଟିକୁ ନିର୍ଦ୍ଦିଷ୍ଟ ଖାଦ୍ୟ ଓ ବିଶ୍ରାମର ରୁଟିନ୍ ତିଆରି କରି ସକାଳୁ ଯୋଗ, ଆସନ ପାଇଁ ପ୍ରସ୍ତୁତି କରନ୍ତୁ। ଏହା ପୂର୍ବରୁ ପିଲାଟିର କୋଷ୍ଠକାଠିନ୍ୟ ଥିଲେ, ବଦ୍‌ହଜମ ରହୁଥିଲେ, ଶ୍ୱାସ ବା ଅନ୍ୟକୌଣସି ଆନୁବଂଶିକ ବା ସଂକ୍ରମିତ ରୋଗ ରହୁଥିଲେ, ପିଲାଟିକୁ ନିଦ ନ ହେଉଥିଲେ, ଦୁର୍ବଳ ସ୍ୱାସ୍ଥ୍ୟ ରହୁଥିଲେ, ଉଦାସୀନତା ଚିନ୍ତାଧାରା ଥିଲେ ଏହିପରି ଅନେକ କ୍ଷେତ୍ରର ପରିପାର୍ଶ୍ୱିକ ସ୍ଥିତିକୁ ଗୁରୁତ୍ୱର ସହିତ ଦୃଷ୍ଟି ଦିଅନ୍ତୁ। ପିଲାଟିକୁ ପ୍ରଥମେ ଆଗେ ସୁସ୍ଥସବଳ ରଖିବା ପରେ ହିଁ ଯୋଗ ଦିଗଟିକୁ ଦୃଷ୍ଟି ଦିଅନ୍ତୁ। ଯୋଗାସନ ଶିକ୍ଷା ଦେବା ପୂର୍ବରୁ ପିଲାଟିର ସକାଳୁ ନିତ୍ୟକର୍ମ ସାରିବାର ଅଭ୍ୟାସ ରଖନ୍ତୁ। ପିଲାଟିକୁ ନିଶ୍ଚିନ୍ତ ଭାବରେ ଜଣେ ବିଧିବଦ୍ଧ ଯୋଗ ପ୍ରଶିକ୍ଷକଙ୍କ ଠାରୁ ହିଁ ଏହାକୁ ଶିକ୍ଷା ଦେବାକୁ ବ୍ୟବସ୍ଥା କରନ୍ତୁ। ପିଲାମାନଙ୍କର ପ୍ରାୟ ସକାଳୁ ବିଦ୍ୟାଳୟ ଥିବାରୁ ଘରୋଇ ପରିବେଶରେ ଶିକ୍ଷା ଦେବା କିଛି ମନ୍ଦ ନୁହେଁ। ତେବେ ଯୋଗ ଦ୍ୱାରା ପିଲାଟିକୁ ଖୁବ୍ କମ ଦିନ ଭିତରେ ବେଶ୍ ମଜଭୁତିଆ ଶରୀରର କରିଦେବା ପରି ଚିନ୍ତାଧାରା ରଖନ୍ତୁ ନାହିଁ। ପିଲାଟିର ଗତ ରାତ୍ରିର ବିଶ୍ରାମ, ସକାଳର ନିଦ୍ରା ତ୍ୟାଗ, ନିତ୍ୟକର୍ମ ସହ ବିଦ୍ୟାଳୟକୁ ଯିବା ସମୟକୁ ମଧ୍ୟ ଦୃଷ୍ଟିରେ ରଖନ୍ତୁ। କେତେକ ବାପାମାଆ ଜିମ୍‌ରେ ପିଲାଙ୍କୁ ଶରୀର ବିଜ୍ଞାନ ବା ଯୋଗ ଶିଖାଇବାକୁ ଇଚ୍ଛୁକ ଥାନ୍ତି। ଏହାକିନ୍ତୁ କିଛି ମନ୍ଦ ନୁହେଁ, କିନ୍ତୁ କଥାଟି ହେଉଛି 'ଦିଅଁ ଗଢୁ ଗଢୁ, ମାଙ୍କଡ଼ ନହେଉ'। ପିଲାଟିକୁ ଶିକ୍ଷା ଦିଅନ୍ତୁ କିନ୍ତୁ ଶିକ୍ଷା ନାଁରେ ତା କ୍ରମବିକାଶର ବାଧକ ଯେ ଆପଣଙ୍କ ଶିକ୍ଷା ନ ହେଉଛି ତାହାକୁ ଚିନ୍ତାରେ ରଖିଥାନ୍ତୁ। କିଛି ଅଭିଭାବକ ଯୋଗାସନ କରୁଥିବା ପିଲାମାନଙ୍କ ପାଇଁ ବଜାରରେ ମିଳୁଥିବା ତଥାକଥିତ ପ୍ରୋଟିନ୍ ଖାଦ୍ୟକୁ ବେଶ୍ ଗୁରୁତ୍ୱ ଦିଅନ୍ତି। ସେମାନେ ଭାବନ୍ତି ପିଲାଟି ଯୋଗ, ବ୍ୟାୟାମ କରୁଛି ମାନେ ତା'ଶରୀରକୁ ଭଲ ରକମର ପୁଷ୍ଟିକର ଖାଦ୍ୟ ଦରକାର। ଏହା କିନ୍ତୁ ନିଶ୍ଚିନ୍ତ କଥା। ପିଲାଟିକୁ ଘରୋଇ ବ୍ୟବସ୍ଥାର ପୃଷ୍ଟିକର ଖାଦ୍ୟ ଦିଅନ୍ତୁ। ମୁଗଗଜା ହେଉ ବା ବାଦାମ, ପଞ୍ଚବର୍ଣ୍ଣି ଛତୁଆ ହେଉ ବା ଫଳ, କ୍ଷୀର ହେଉ ବା ଅଣ୍ଡା ବା ଛୋଟମାଛ ଏହା ପିଲାମାନଙ୍କ ପାଇଁ ଅତ୍ୟନ୍ତ ପୁଷ୍ଟିକର। ଯୋଗାସନ ପରେ କିଛି ସମୟ ପିଲାମାନଙ୍କ ପାଇଁ ବିଶ୍ରାମର ଆବଶ୍ୟକତା ବି ରହିଛି। ପିଲାଟି ଯୋଗ ଅଭ୍ୟାସ ବେଳେ ଢ଼ିଲା ଓ ସୂତାବସ୍ତ୍ର ପିନ୍ଧାନ୍ତୁ। ଖୋଲା ଏବଂ ମୁକ୍ତ ପବନ ଯାଉଥିବା ସ୍ଥାନରେ ଏ ଅଭ୍ୟାସ ଶରୀର ପାଇଁ ଉପାଦେୟ। କେତେକ ବିଦ୍ୟାଳୟରେ ନିୟମିତ ଶାରୀରିକ ବିଜ୍ଞାନ ଶ୍ରେଣୀ ବି ରହିଛି ଏହା ପିଲାମାନଙ୍କ ପାଇଁ ବି ଯୋଗାଭ୍ୟାସ କ୍ଷେତ୍ର ପାଇଁ ଉପାଦେୟ। ତେବେ ପିଲାକୁ ଯୋଗାସନ କରିବା ପୂର୍ବରୁ ତାର ସ୍ୱାସ୍ଥ୍ୟର ସମସ୍ତ କ୍ଷେତ୍ରକୁ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ହିଁ ଅଭ୍ୟାସ କରନ୍ତୁ। ନଚେତ୍ ଏହା ପିଲାମାନଙ୍କ ପାଇଁ ଘାତକ ବି ସାବ୍ୟସ୍ତ ହୋଇପାରେ। ଭାରତର ପ୍ରାଚୀନତମ ଯୋଗବିଜ୍ଞାନ ଆଜିକା ସମୟରେ ପିଲାମାନଙ୍କ ପାଇଁ ବି ନିଶ୍ଚିନ୍ତ ଭାବରେ ଉପାଦେୟ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ଦୂରଭାଷ : ୯୪୩୭୧୨୪୦୭୪



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବା ବ୍ୟବସାୟୀଙ୍କୁ ଇଫକୋର ଆର୍ଥିକ ସହାୟତା



ପାରାଦୀପ, (ମହାଭାରତ): ପାରାଦୀପଠାରେ ଥିବା ବିଶ୍ୱର ସର୍ବବୃହତ୍ତ ସମବାୟ ଭିତ୍ତିକ ସାର କାରଖାନା ଇଫକୋ ପକ୍ଷରୁ ପାରାଦୀପ ବଡପଡିଆ ମାର୍କେଟରେ ଥିବା ପରିବା ମାର୍କେଟର କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବୁଧବାର ଦିନ ମାନ୍ୟବର ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ନଗରପାଳ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ଉପସ୍ଥିତିରେ ଇଫକୋର ୟୁନିଟ୍ ହେଡ୍ ପି.କେ. ମହାପାତ୍ର ବ୍ୟବସାୟୀମାନଙ୍କୁ ପାଂଚ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରି ମହାନୀୟତା ପ୍ରଦର୍ଶନ କରିଛନ୍ତି । ଇଫକୋ ସବୁବେଳେ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ସବୁବେଳେ ଅସହାୟଙ୍କ ନିକଟତର ହୋଇଥାଏ ଏହା ତାର ଏକ ପ୍ରମାଣ । ଜଗତସିଂହପୁର, କେନ୍ଦ୍ରାପଡା ଜିଲ୍ଲାରେ ସାଧାରଣ ଲୋକଙ୍କ ପାଖରେ ପହଂଚି ସେବା ଯୋଗାଇ ଦେବା ସହିତ ଗୋଶାଳାମାନଙ୍କରେ ଗୋମାତାଙ୍କ ସେବାରେ ଇଫକୋ ସମର୍ପିତ । ବୁଧବାର ଦିନ ଇଫକୋ ୟୁନିଟ୍ ହେଡ୍ ପି.କେ.ମହାପାତ୍ରଙ୍କ ସହିତ ଇଫକୋର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ଡ.ପ୍ରସନ୍ନ କୁମାର ବେଉରା ଉପସ୍ଥିତ ଥିଲେ । ଇଫକୋର ଏହି ସହାୟତାକୁ ପରିବା ବ୍ୟବସାୟୀମାନେ ହୃଦୟତାର ସହିତ କୃତଜ୍ଞତା ଜଣାଇଛନ୍ତି । ଇଫକୋ ଆଗାମୀ ଦିନରେ ଏହି ଭଳି ଲୋକାଭୀମୁଖୀ କାର୍ଯ୍ୟ ଜାରୀ ରଖିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

## ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବା ବ୍ୟବସାୟୀଙ୍କ ନିମନ୍ତେ ଭେଣ୍ଡିଂଜୋନ୍ ଶିଳାନ୍ୟାସ କଲେ ଶିଳ୍ପମନ୍ତ୍ରୀ



ପାରାଦୀପ, (ମହାଭାରତ): ପାରାଦୀପ ବଡପଡିଆଠାରେ ଥିବା ପରିବା ମାର୍କେଟରେ ଗତ ମାସ ୨୨ ତାରିଖରେ ଅଗ୍ନିକାଣ୍ଡ ଘଟି ୫୦ରୁ ଉର୍ଦ୍ଧ ପରିବା ଦୋକାନର ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଖବର ପାଇ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ବିଭୂପ୍ରସାଦ ତରାଇ, ନଗରପାଳ ବସନ୍ତ ବିଶ୍ୱାଳ. ପାରାଦୀପ ବନ୍ଦର ସଚୀବ କିଷ୍ଟା ବାପି ରାଜୁ, ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ପ୍ରମୁଖ ପରିବା ମାର୍କେଟରେ ପହଂଚିଥିଲେ । ପରିବା ବ୍ୟବସାୟୀମାନଙ୍କ ନିମନ୍ତେ ସ୍ଥାୟି ପିଣ୍ଡି ନିର୍ମାଣ କରିବା ପାଇଁ ବନ୍ଦର କର୍ତ୍ତୃପକ୍ଷଙ୍କ ଆଲୋଚନା ହୋଇଥିଲା । ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁମିତି ମିଳିବା ପରେ ଏଠାରେ ପିଣ୍ଡି ନିର୍ମାଣ ପାଇଁ ସିଦ୍ଧାନ୍ତ ହୋଇଥିଲା । ବୁଧବାର ଦିନ ଏହି ଭେଣ୍ଡିଂ ଜୋନ୍‌ର ଶିଳାନ୍ୟାସ କରିବାକୁ ପହଂଚିଥିଲେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ନଗରପାଳ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଇଫକୋର ୟୁନିଟ୍ ହେଡ୍ ପି.କେ. ମହାପାତ୍ର, ପାରାଦୀପ ବନ୍ଦର ଡେପୁଟି ସେକ୍ରେଟାରୀ ପି.ଟୁଡୁ, ସ୍ଥାନୀୟ ପାରିଷଦ ସୌଦାମିନୀ ସାହୁ, ପାରିଷଦ ସୁବ୍ରତ ପ୍ରଧାନ, ପାରିଷଦ ଅଜିତ କୁମାର ଷଡଙ୍ଗୀ, ବିଧାୟକଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂଙ୍କ ଉପସ୍ଥିତିରେ ଶିଳାନ୍ୟାସ କରିଥିଲେ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ । ଏହି ପିଣ୍ଡି ନିର୍ମାଣ ହେଲେ ପରିବାର ବ୍ୟବସାୟୀଙ୍କ ଦୀର୍ଘ ଦିନର କଷ୍ଟ ଦୂର ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

## ବିଜେଡିରେ ଦୁଇ ଗୋଷ୍ଠୀ, କୁଶପୁତ୍ତଳିକା ଦାହରେ ପ୍ରକାଶ ପାଇଲା ଭିତର ଫାଟ

ବାଲିପାଟଣା,( ମହାଭାରତ) : ଜୟଦେବ ନିର୍ବାଚନ ମଣ୍ଡଳୀର ରାଜନୈତିକ ପାଣିପାଗ ଏବେ ଦିନକୁ ଦିନ ସରଗରମ ହେଉଛି । ବିଧାୟକ ନବ କିଶୋର ମଲ୍ଲିକଙ୍କ ଦଳ କ୍ରସ୍ ଭୋଟିଂ ବିରୋଧୀ ଆଭିମୁଖ୍ୟକୁ ନେଇ ଆଜି ବାଲିପାଟଣା ଛକଠାରେ ବିଜେଡ଼ି ର ଏକ ଅସନ୍ତୁଷ୍ଟ ଗୋଷ୍ଠୀ ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଇଛି ।



ମାତ୍ର ଏହି ପ୍ରତିବାଦ ସଭାରେ ଦଳୀୟ କନ୍ଦଳ ଓ ଗୋଷ୍ଠୀବାଦର ନଗ୍ନ ଚିତ୍ର ସ୍ପଷ୍ଟ ଭାବେ ବାରି ହୋଇପଡ଼ିଛି । ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଏଭଳି ଏକ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ ସମୟରେ ସ୍ଥାନୀୟ ବ୍ଲକ ବିଜେଡି ସଭାପତି, ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟ ଓ ଅନ୍ୟାନ୍ୟ ପ୍ରମୁଖ ନେତାଙ୍କ ଅନୁପସ୍ଥିତି ଘଟଣାକୁ ଅଧିକ ଚର୍ଚ୍ଚାର କେନ୍ଦ୍ର କରିଛି ।ଯେଉଁମାନେ ଦଳର ମଙ୍ଗୁଆଳ ସାଜିବା କଥା, ସେମାନଙ୍କ ଗାଏବ ହେବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସୂଚନା ମିଳୁଛି ଯେ,ବିଜେଡିର ଗୋଟିଏ ଗୋଷ୍ଠୀ ଏହି ଆନ୍ଦୋଳନ ପଛରେ ଥିବାବେଳେ ଅନ୍ୟ ଏକ ଶକ୍ତିଶାଳୀ ଗୋଷ୍ଠୀ ବିଧାୟକଙ୍କ ସପକ୍ଷରେ ରହି କାର୍ଯ୍ୟକ୍ରମରୁ ଦୂରେଇ ରହିଛି । ସାଧାରଣ କର୍ମୀଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି ଯଦି ବିଧାୟକ ଦଳ ବିରୋଧରେ ଯାଇଛନ୍ତି,ତେବେ ଶୀର୍ଷ ନେତୃତ୍ୱ ଚୁପ୍ କାହିଁକି ? ବିଜେଡିର ଏହି ଆଭ୍ୟନ୍ତରୀଣ ଫାଟ ଏବେ ବାଲିପାଟଣା ଓ ବାଲିଅନ୍ତା ରାଜନୀତିକୁ ଗୋଳିଆ କରିଦେଇଛି । କୁଶପୁତ୍ତଳିକା ଦାହ ସମୟରେ ଉପସ୍ଥିତ ଥିବା ଅସନ୍ତୁଷ୍ଟ ଗୋଷ୍ଠୀର କର୍ମୀମାନେ ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଦଳ ମଧ୍ୟରେ ଥିବା 'ବିଭୀଷଣ' ମାନଙ୍କୁ ଚିହ୍ନଟ କରିବାକୁ ହାଇକମାଣ୍ଡଙ୍କୁ ନିବେଦନ କରିଛନ୍ତି । ଆଜିର ଏହି ବିକ୍ଷୋଭରେ ପୂର୍ବତନ ବିଜେଡି ବ୍ଲକ ସଭାପତି ପ୍ରତାପ କେଶରୀ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ତ୍ରିବିକ୍ରମ ଦାସ, ବିନେଷ କୁମାର ନାୟକ , ସନ୍ଦିପ୍ତ ସେନାପତି, ସୋଲାର ମିଶ୍ର, ଜଗନ୍ନାଥ ପଣ୍ଡା, ଅମୁଲ୍ୟ ପ୍ରଧାନ, ମାନସ ପଣ୍ଡାଙ୍କ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଏହି ଘଟଣା ଜୟଦେବ ନିର୍ବାଚନ ମଣ୍ଡଳୀର ରାଜନୀତିକୁ କେଉଁ ଆଡ଼କୁ ନେଉଛି,ତାହା ଏବେ ସମସ୍ତ ଙ୍କ ନଜର ରେ ରହିଛି ।

## ଓୟୁଡବ୍ଲ୍ୟୁଜେ ବିରୁଦ୍ଧରେ ଭୁଲ ନିର୍ଦ୍ଦେଶନାମା ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ପଡ଼ିଲା ମହଙ୍ଗା

# ବିରୋଧ ପରେ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କଲା ଜିଲ୍ଲା ପ୍ରଶାସନ

ଖୋର୍ଦ୍ଧା, (ମହାଭାରତ): ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଭାବେ ଜାତୀୟ ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ ଏବଂ ଜିଲ୍ଲା ସଭାପତିଙ୍କ ବିରୁଦ୍ଧରେ ମିଥ୍ୟା ଆରୋପ ଲଗାଇବା ଘଟଣା ଆଜି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ମହଙ୍ଗା ପଡିଲା । ପୂର୍ବ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ଜିଲ୍ଲା ସଭାପତି ପ୍ରକାଶ ହାତୀ ପୂର୍ବ ପରି କାର୍ଯ୍ୟ କରିବା ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରିବାକୁ ବାଧ୍ୟ ହୋଇଥିଲେ । ସୂଚନା ଅନୁଯାୟୀ ଗତ ୧୩ ତାରିଖରେ ଖୋର୍ଦ୍ଧା ଜିଲ୍ଲାରେ ଆତ୍ମଘୋଷିତ ଅଣ ସାମ୍ବାଦିକ ଏବଂ କିଛି ଅସାମାଜିକ ତତ୍ତ୍ୱଙ୍କ ମିଥ୍ୟା ପ୍ରବୋଚନାରେ ପଡ଼ି ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ କୌଣସି ପ୍ରକାର ତର୍ଜ୍ଜମା କରା ନଯାଇ ଜାତୀୟ କର୍ମଜିବୀ ସାମ୍ବାଦିକ ସଂଘର ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ ହାତୀଙ୍କ ବିରୁଦ୍ଧରେ ଏକ ମିଥ୍ୟା ନିର୍ଦ୍ଦେଶନାମା ଜାରି କରିବା ସହିତ ଶ୍ରୀ ହାତୀ କାର୍ଯ୍ୟ କରୁଥିବା ଉକ୍ତ ସଙ୍ଘର କୌଣସି ଅସ୍ତିତ୍ୱ ନଥିବା ମଧ୍ୟ ଉଲ୍ଲେଖ କରା ଯାଇଥିଲା । ଯାହାକୁ ନେଇ ଜିଲ୍ଲା ସାମ୍ବାଦିକ ମହଲରେ ଚାଞ୍ଚଲ୍ୟ ସୃଷ୍ଟି ହେବା ସହିତ ରାଜ୍ୟ ନେତୃବର୍ଗଙ୍କୁ ଏହା ଚକିତ କରିଥିଲା । ଏହାର ପ୍ରତିବାଦରେ ରାଜ୍ୟ କର୍ମଜୀବୀ ସାମ୍ବାଦିକ ସଂଘର ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲା ବ୍ୟତୀତ ପୁରୀ, ନୟାଗଡ଼, କଟକ ଏବଂ ଯାଜପୁର ଆଦି ଜିଲ୍ଲାରୁ ଶତାଧିକ ସାମ୍ବାଦିକ ଏକଜୁଟ ହୋଇ ବିରାଟ ଶୋଭାଯାତ୍ରାରେ ଖୋର୍ଦ୍ଧା ବଜାର ପରିକ୍ରମା କରିବା ସହିତ ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ମିଥ୍ୟା ଆରୋପର ଏକ ପ୍ରତିବାଦ ଦାବି ପତ୍ର ପ୍ରଦାନ କରିଥିଲେ । ଏହା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ପ୍ରଶାସନର ଚତୁର୍ଥ ସ୍ତମ୍ଭ ପ୍ରତି ଅବମାନନା ବିରୁଦ୍ଧରେ ନାରାବାଜି ଦେଇଥିଲେ । ଜିଲ୍ଲାପାଳ




ଅନୁପସ୍ଥିତ ରହିଥିବାରୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଧାରଣା ସ୍ଥଳକୁ ଆସି ଧାରଣାରତ ସାମ୍ବାଦିକ ଏବଂ ରାଜ୍ୟ ନେତୃବର୍ଗଙ୍କ ସହିତ ଆଲୋଚନା କରିଥିଲେ । ଜାତୀୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ଜାତୀୟ ସଭାପତି ପୀତବାସ ମିଶ୍ର ଏବଂ ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ଜିଲ୍ଲା ପ୍ରଶାସନର ଏପରି କାର୍ଯ୍ୟକୁ ଘୋର ନିନ୍ଦା କରିଥିଲେ । କୌଣସି କାରଣ ନଥାଇ ଜିଲ୍ଲା ସଭାପତି ପ୍ରକାଶ ହାତୀଙ୍କ ସମ୍ପର୍କରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଙ୍କ ଦ୍ୱାରା ପ୍ରେରିତ ପତ୍ରକୁ ଭୁଲ ବୋଲି ଦର୍ଶାଇଥିଲେ । ଏ ସଂପର୍କରେ ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ସାମ୍ବାଦିକ ମାନଙ୍କ ବିରୁଦ୍ଧରେ ହୋଇଥିବା ପତ୍ର ସମ୍ପର୍କରେ ଅବଗତ କରାଇବା ପରେ ତୁରନ୍ତ ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିବାକୁ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ପୂର୍ବ ନିର୍ଦ୍ଦେଶନାମାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟାହାର କରାଗଲା ବୋଲି ଏକ ନୂତନ ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇଥିଲା । ଏହା ସହିତ କଂଗ୍ରେସ ନେତ୍ରୀ ସୋନାଲି ସାହୁ ଘଟଣା ସ୍ଥଳରେ ପହଞ୍ଚି ଏହା ଜଣେ ନିର୍ଭୀକ ସାମ୍ବାଦିକତାର କଣ୍ଠରୋଧ ପାଇଁ ଜିଲ୍ଲା ପ୍ରଶାସନ ହୀନ ଚକ୍ରାନ୍ତ କରୁଥିବା ବେଳେ ଖୋର୍ଦ୍ଧାରୁ ଅହରହ ଲୁଟ ହେଉଥିବା ଲଘୁ ଖଣିଜ ସମ୍ପଦ ଉପରେ ରୋକ୍ ଲଗାଇବାକୁ କହିଥିଲେ ।

## ଜେଏସଡବ୍ଲ୍ୟୁ ସିଆରଇୟୁ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ




ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର ପୋତାଶ୍ରୟ ଅଂଚଳ ମଧ୍ୟରେ କାର୍ଯ୍ୟ କରୁଥିବା ଜେଏସଡବ୍ଲ୍ୟୁ ପାରାଦୀପ ସାଇଟ୍‌ରେ ଚେନ୍ନାଇ ରାଧା ଇଂଜିନିୟରିଂ ଓ୍ୱର୍କସ୍ (ପ୍ରା) ଲିମିଟେଡ୍ (ସିଆରଇୟୁ)ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ସମାରୋହ ଉଦଯାପିତ ହୋଇଯାଇଛି । କମ୍ପାନୀର ସୁରକ୍ଷା ଅଧିକାରୀ, କର୍ମଚାରୀ ଏବଂ ପରିଚାଳନା ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଦୂର୍ଘଟଣା ନିବାରଣ ଏବଂ ସୁରକ୍ଷିତ କାର୍ଯ୍ୟ ପରିସ୍ଥିତି ବଜାୟ ରଖିବା ପ୍ରତି ସେମାନଙ୍କର ପ୍ରତିବଦ୍ଧତା ସୁଦୃଢ କରିଥିଲେ । ଏହି ଅବସରରେ ସୁରକ୍ଷା ସଙ୍ଗୀତ, ସଚେତନତାଧର୍ମୀ ନାଟକ ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅଥିଥି ଭାବେ ଚେନ୍ନାଇ ରାଧା କମ୍ପାନୀର ନିର୍ଦ୍ଦେଶକ ଭି.ଆର.ରାମୁ, ଜେଏସଡବ୍ଲ୍ୟୁ ୟୁନିଟ୍ ହେଡ୍ ସିଦ୍ଧାର୍ଥ ଶୁକ୍ଲା, ସେଫଟି ଉପସଭାପତି ଗଜେନ୍ଦ୍ର ଚନ୍ଦ୍ର ବିଶୋଇ, ଓଆଣ୍ଡଏମ୍ ହେଡ୍ ସନ୍ଦୀପ ମିଶ୍ର, ସିଆଇଏସଏଫ କ୍ରାଇମ୍ ହେଡ୍ କେ.ସି.ମୁଣ୍ଡ, ଆଇଆଇସି ପିଣ୍ଟୁ କୁମାର ଏବଂ ପାରାଦୀପ ଏଏସପି ସ୍ମୃତିରଂଜନ କର ଯୋଗ ଦେଇଥିଲେ । ସପ୍ତାହ ପାଳନ ଅବସରରେ ଅଗ୍ନି ନିର୍ବାପନ ପ୍ରଦର୍ଶନ, ସ୍ୱାସ୍ଥ୍ୟ ଶିବିର, ସୁରକ୍ଷଅ ଉପକରଣ ପ୍ରଦର୍ଶନୀ ସମେତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅତିଥିମାନେ ଚେନ୍ନାଇ ରାଧା ଇଂଜିନିୟରିଂ କମ୍ପାନୀର ସୁରକ୍ଷା ସଚେତନତା କାର୍ଯ୍ୟକୁ ପ୍ରଶଂସା କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଚେନ୍ନାଇ ରାଧା କମ୍ପାନୀର ରେସିଡେଣ୍ଟ ମ୍ୟାନେଜର ଏଚ.କେ.ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ରେଙ୍ଗସା ପାଲି ଗ୍ରାମପଞ୍ଚାୟତରେ ସରକାରି ଅର୍ଥ ବାଟମାରଣା

## ସ୍ତ୍ରୀ ସରପଞ୍ଚ ସ୍ୱାମୀ ଠିକାଦାର ଭିଜିଲାନସ୍ ତଦନ୍ତ ଦାବୀ

କଳାହାଣ୍ଡି, (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରେଙ୍ଗସା ପାଲି ଗ୍ରାମପଞ୍ଚାୟତ ଦୁର୍ନୀତିର ଗନ୍ତାଘର ପାଇଟିଛି,ପଞ୍ଚାୟତର ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ବହୁ ଅର୍ଥ ପ୍ରଦାନ କରାଯାଉଛି । ଭାତହାଣ୍ଡି ରୁ ଗୋଟାଏ ଭାତ ଚିପଲେ ଜଣାପଡ଼େ ଯେପରି ଏହି ରେଙ୍ଗସା ପାଲି ପଞ୍ଚାୟତରେ କିପରି ସରକାରୀ ଅର୍ଥକୁ ବାଟ ମାରଣା କରାଯାଉଛି ଗୋଟିଏ କାମରୁ ଜଣା ପଡିଛି ସରକାରୀ ଅର୍ଥ କିପରି ବାଟମାରଣା କରାଯାଉଛି । ଏ ସଂପର୍କରେ ଖବର ସଂଗ୍ରହ କରିବାରୁ ଜଣାଯାଏ ଯେ ଏହି ପଞ୍ଚାୟ ପଦବୀ ମହିଳାଙ୍କ ପାଇଁ ଅଟେ ବର୍ତ୍ତମାନ ମଧ୍ୟ ଜଣେ ମହିଳା ଯାହାଙ୍କର ନାମ ରଜନୀ ବୁଧିଆ ସରପଞ୍ଚ ଅଛନ୍ତି ହେଲେ ସେ ନାମକୁ ମାତ୍ର ପଞ୍ଚାୟତରେ ସରକାରଙ୍କ ନିୟମକୁ ଖୋଲାଖୋଲ ଫୁ କରିଦେଇଛନ୍ତି ।ସ୍ତ୍ରୀଙ୍କ ସରପଞ୍ଚ ପଦବୀର ସବୁ ପାବାର ତାଙ୍କ ସ୍ୱାମୀ ତୁଲାଉଛନ୍ତି ।କନ୍ତୁ ସରକାର ନିୟମ ପ୍ରଣୟନ କରିଛନ୍ତି ସ୍ତ୍ରୀ ସରପଞ୍ଚ ଅଛନ୍ତି ସ୍ୱାମୀ ତାଙ୍କ ପାବାର କୁ ବିନିଯୋଗ କରିପାରିବେ ନାହିଁ । ହେଲେ ରେଙ୍ଗ ସା ପାଲି ପଞ୍ଚାୟତରେ ସ୍ତ୍ରୀ ସରପଞ୍ଚ ସ୍ୱାମୀ ପାଳଟୁଛନ୍ତି ସରପଞ୍ଚ ଗ୍ରାମ ର ଯେଉଁଠି କାମ ହୁଏ ସେଠି ସରପଞ୍ଚଙ୍କ ସ୍ୱାମୀ ହାଜର ହୋଇଥାନ୍ତି ଠିକାଦାର ସାଜି ଲୋକେ କହିଲେ ଖୋଲାଖୋଲି କୁହନ୍ତି ତୁମେ ପାରିବ ନାହିଁ ମୋ ସ୍ତ୍ରୀ ସରପଞ୍ଚ ଏଣୁ ବିଲି ଉଠାଣରେ ମୋର ଅସୁବିଧା ନାହିଁ ବିଡ଼ିଓ ମୋ ହାତରେଏଣୁ ମୁଁ କାହାକୁ ଡ଼େର ନାହିଁ ଏହା ଯଦି ସତ୍ୟ ହୁଏ ତାହା ହେଲେ ସାଘାତିକ ଏହାରି ଉଚସ୍ତରୀୟ ତଦନ୍ତ ହେବାକଥା । କଥାରେ ସତ୍ୟଥାଇ ପାରେ ବୋଲି ମଧ୍ୟ ଅନୁଭବ ହେଉଛ, ଏହାର ଉଦାହରଣ ସ୍ୱରୂପ କାର୍ଲ ଗ୍ରାମଠାରେ ଏକ ହାଟ ବା ବଜାର ଠାରେ ମାରକେଟ ପଣ୍ଡି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା ସରପଞ୍ଚ ସାମୀ ସେଠାରେ ପହଞ୍ଚ କିଛି ଲେବରମାନଙ୍କୁ ନେଇ କାମ ଆରମ୍ଭ କଲେ ବିନା ସୂଚ ?ନା । ଫଳକରେ କିଛି ଜନସାଧାରଣ ପଚାରିବାରୁ ସିଧାସଲଖ ମୁଁ ଯାହା ଚାହିଁବି ସେୟା ହେବ ତୁମେମାନେ ମୁଣ୍ଡ ପୁରାଅନାହିଁ ଜେଇଙ୍କ ଦେଖାନାହିଁ ମନଇଛା ପାଞ୍ଚରୁ ଛହଇଞ୍ଚମାଟି ଖୋଲି ପିଣ୍ଡି କାମ ସାରିଦେଲ ଲୋକଙ୍କ ଅଭିଯୋଗ ପରେ ଏକ ଦେବାଳୟ କାନ୍ଥରେ ସୂଚନା ଫଳକ ଲେଖିଦେଲେଞ୍ଜ ଅନ୍ୟପଟେ କାମ ଅତି ନିମ୍ନମାନର ହୋଇଥିବା ଗ୍ରାମ ଲୋକେ କୁହନ୍ତୁ, ଏହାତଦନ୍ତ ସାପକ୍ଷ, ମନେରେଗାକାମରେ ବହୁ ଅର୍ଥହରିଲୁଟ ହୋଇଥିବା ଅଭିଯୋଗ ହୁଏ ସରକାରଙ୍କ ନିୟମ ଅଛି କାମ ସ୍ଥାନରେ ଲେବରମାନଙ୍କ ଫୋଟ ଉଠାଯାଇ ମାଷ୍ଟରୋଲରେ ନାମ ପଞ୍ଜିକରଣ କରାଯାଇ ଟଙ୍କା ପଇଠ ହେବାକଥା କିନ୍ତୁ ଏଠାରେ ବହୁ ଚାଞ୍ଚକତା କରାଯାଇ ସରକାରୀ ଅର୍ଥକୁହରିଲୁଟ କରାଯାଇଛି । ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ ?କ୍ଷ ଜିଲ୍ଲାପ୍ରଶାସନ ଏବଂ ଭିଜିଲାସ୍ୱ ଦ୍ୱାରା ଏହି ପଞ୍ଚାର ତଦନ୍ତ କରାଗଲେ ସବୁ ଦୁର୍ନୀତିର ଗୁମର କଥା ଖୋଲିଯାଆନ୍ତି । ଏ ଖବର ପ୍ରସାରଣ ହେଲାପରେ ବ୍ଲକ୍କ ଓ ଜିଲ୍ଲାପ୍ରଶାସନ ଏପଞ୍ଚାୟତ ଉପରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡା ପ୍ରତିଯୋଗିତା

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ପଞ୍ଚାୟତର ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ବାଘମୁଣ୍ଡା ନୂଆଗାଁ ପରିସରରେ ମଣ୍ଡଳସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ଏକ ଦିବସୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରାଙ୍କ ତତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାସୁଦେବ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବେ ବିଆରସିସି ସିଦ୍‌ଧେଶ୍ୱର କରଣ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ମଣ୍ଡଳ ସମ୍ବଳ କର୍ମୀ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବ୍ଲକର ୬୦ରୁ ଉର୍ଦ୍ଧ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ବାଟି ଚାମଚ, ଦୌଡ଼, ନୃତ୍ୟ, ସଙ୍ଗୀତ, ମିୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାସୁଦେବ ହାଇସ୍କୁଲ କ୍ରୀଡା ଶିକ୍ଷକ ବଟକୃଷ୍ଣ ସେନାପତି ଏବଂ ସହକାରୀ ଶିକ୍ଷୟତ୍ରୀ ମାନିନୀ ଜାଲି ପ୍ରତିଯୋଗିତା ଗୁଡ଼ିକ ପରିଚାଳନା କରିଥିଲେ । କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହିତ ସିଲ କପ ଦିଆଯାଇ ପୁରସ୍କୃତ କରାଯାଇଥିଲା । ସମ୍ବଳ କର୍ମୀ ହରପ୍ରିୟା ବେହେରା, ପ୍ରଭାକର ଦାସ, ଶିବରାମ ନାୟକ ସମେତ ବାସୁଦେବ ହାଇସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଏବଂ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବାରହା ଶିକାର ଘଟଣାସ୍ଥଳକୁ ପରିଦର୍ଶନ କଲେ ତଦନ୍ତକାରୀ ଅଧିକାରୀ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ପୋଇପାଣି ବିଟ୍ ରେ ଗତ ରବିବାର ଦିନ ଏକ ଜଙ୍ଗଲୀ ବାରହା ମାରିବା ଅପରାଧ ରେ ପୋଇପାଣି ଗ୍ରାମ ର ବିରବଲ ମହାନ୍ତ ଙ୍କୁ ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିବା ପରେ ଆଜି ସେହି କେସ ର ତଦନ୍ତକାରୀ ସେହି ମାମଲା ର ତଦନ୍ତ ନିମନ୍ତେ ଆଇଏଫ୍‌ଏସ ପ୍ରତୀକ ଇଂଡଲକର ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ରେ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର, ବନରକ୍ଷୀ ରାଜେଶ୍ ଜେନା ଉପସ୍ଥିତ ଥିଲେ । ଏହି ବାରହା ଶିକାର ଘଟଣା ସମ୍ପୃକ୍ତ ରହିଥିବା ଅନ୍ୟ ଅପରାଧୀ ମାନ ଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି ।

# ବିପଦପୂର୍ଣ୍ଣ ଜାତୀୟ ରାଜପଥ ନିର୍ମାଣ- ଜିପସମ୍, ଫ୍ଲାଏ ଆସ୍ ଧୂଳିରେ ହନ୍ତସନ୍ତ କୋଲଡିଆବାସୀ

ପାରାଦୀପ, (ମହାଭାରତ): ଚଣ୍ଡିଖୋଲଠାରୁ ପାରାଦୀପ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ବିଭାଗ ପକ୍ଷରୁ ୫୩ ନମ୍ବର ଜାତୀୟ ରାଜପଥ ରାସ୍ତା ନିର୍ମାଣ କାର୍ଯ୍ୟ ଯୋରଦାର ଚାଲିଛି । ଏହି ଜାତୀୟ ରାଜପଥ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ପାରାଦୀପକୁ ଅତି କମ୍ ସମୟରେ ପଣ୍ୟ ପହଂଚି ପାରିବ । ହେଲେ ଭୁତମୁଣ୍ଡାଇଠାରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତାକଡରେ ଗାଁ ଗୁଡିକ ଥିବାରୁ ରାସ୍ତା ନିର୍ମାଣରେ ଉପଯୋଗ ହେଉଥିବା ବିପଦଜନକ ସାମଗ୍ରୀ ଜିପସମ୍ ଓ ଫ୍ଲାଏ ଆସ୍ ଯୋଗୁଁ ନିକଟବର୍ତ୍ତୀ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ନିର୍ମାଣକାରୀ ସଂସ୍ଥା ଏଆରଏସଏସ୍ ପକ୍ଷରୁ ରାସ୍ତା ନିର୍ମାଣରେ ବିପଦଜନକ ସାମଗ୍ରୀ ଜିପସମ୍ ଓ ଫ୍ଲାଏ ଆସ୍ ବ୍ୟବହାର କରୁଥିବାରୁ ଏହି ରାସ୍ତାରେ ଯାଉଥିବା



ଗାଡି ଏହା ଉପରେ ଚଢି ଯାଉଥିବାରୁ ଜିପସମ୍ ଓ ଫ୍ଲାଏ ଆସ୍ ଧୂଳି ଉଡି ଗାଁ ଭିତରେ ପଶୁଛି । ଭୁତମୁଣ୍ଡାଇ ନିକଟସ୍ଥ କୋଲଡିଆ ଗ୍ରାମରେ ଧୂଳି ଉଡି ପଶିବାରୁ ଗାଁର ଘରମାନଙ୍କରେ ଧଳା ଆସ୍ତରଣ ସୃଷ୍ଟି ହେଲାଣି । ଗାଁରେ ଲୋକମାନଙ୍କୁ ଧୂଳି ଯୋଗୁଁ ଯାତାୟତ ସମୟରେ ଗାଁର ରାସ୍ତାବି ଠିକ୍ ଭାବେ ଦେଖା ଯାଉନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଲୋକମାନେ ନିତ୍ୟକର୍ମ ସାରି କପଡା ବାହାରେ ଶୁଖାଇବା ବେଳେ ଏଥିରେ ବି ଜିପସମ୍ ଓ ଫ୍ଲାଏ ଆସ୍‌ର ଧୂଳି ଉଡି ଲାଗି ରହୁଛି । ଗାଁର ପୋଖରୀ, କୂଅରେ ଏହି ଧୂଳି ଭର୍ତ୍ତି ହେବାରୁ ଗାଁର ଗାଇଗୋରୁ ରୋଗାକ୍ରାନ୍ତ ହେବା ସହିତ ଗ୍ରାମବାସୀମାନେ ନିଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ କରୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଜାତୀୟ ରାଜପଥରେ ଯିବା ଆସିବା ସମୟରେ ପ୍ରବଳ ମାତ୍ରାରେ ଦୂଳି ଉଡୁଥିବାରୁ ରାସ୍ତା ଠିକ୍ ଭାବେ ଦେଖା ଯାଉନଥିବାରୁ ଅନେକ ଦୂର୍ଘଟଣା ଘଟିଲାଣି । ହେଲେ ଏନେଇ ଜାତୀୟ ରାଜପଥର ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀମାନେ ସବୁ ଦେଖି ନଦେଖିଲା ପରି ରହୁଛନ୍ତି । ପାରାଦୀପଗଡରୁ କଟକ ବା ଭୁବନେଶ୍ୱର ଯାଉଥିବା ଲୋକମାନେ ଜଗତି ଗଡା ଦେଇ ଭୁତମୁଣ୍ଡାଇ ବଜାର ଯାଇଥାନ୍ତି । ସେମାନେ ଯିବା ବେଳେ ଧୂଳି ଯୋଗୁଁ ସେମାନଙ୍କ ପୋଷାକପତ୍ର ବି ଧଳା ଦେଖାଯାଉଛି । ଏହି ରସ୍ତା ଯିବା ବେଳେ ଯଦି ସୁରକ୍ଷା ଚଷମା ଏବଂ କାନରେ ଧୂଳି ନପଶିବା ପାଇଁ ବନ୍ଦୋବସ୍ତ କରି ଯିବା ପାଇଁ ଗ୍ରମାବାସୀମାନେ ପରାମର୍ଶ ଦେଉଛନ୍ତି । ପାରାଦୀପ ସହରଠାରୁ ଏଠାକାର ବାୟୁ ପ୍ରଦୂଷଣ ମାତ୍ରା ଏତେ ବଢିଗଲାଣି ଯେ ଗ୍ରାମବାସୀମାନେ ବାଧ ହୋଇ ଘର ଛାଡି ପଦାକୁ ଆସିଲେଣି । ରାସ୍ତା ନିର୍ମାଣକାରୀ ସଂସ୍ଥା ସମ୍ପୂର୍ଣ୍ଣ ଭାବେ ମାନବିତାକୁ ଭୂଲିଗଲେଣି ଏହି ଜିପସମ୍ ଓ ଫ୍ଲାଏ ଆସ୍‌ର ଧୂଳି ଉପରେ ପାଣି ପକାଇବାକୁ ମଧ୍ୟ ଦାୟିତ୍ୱ ବୋଲି ଗ୍ରହଣ କରୁନାହାନ୍ତି । ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଗ୍ରାମବାସୀମାନେ ସଜ ହେଲେଣି । ଏତେ ଧୂଳି ଧୂଆଁ ଉଡୁଛି ପାରାଦୀପଠାରେ ଥିବା ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ବି ଏଡାଇ ଦେଇ ଯାଉଛନ୍ତି । ସେବି ରାସ୍ତା ନିର୍ମାଣକାରୀ ସଂସ୍ଥା ଏଆରଏସଏସ୍‌କୁ ତାଗିଦ କରୁ ନାହାନ୍ତି । ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ, ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଢ ପଦକ୍ଷେପ ନେବାକୁ କୋଲଡିଆ ଗ୍ରାମବାସୀ ଦାବୀ କରିଛନ୍ତି ।

# ମହିଳାଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ ମାରିବା ଘଟଣାରେ ୪ଗିରଫ




ଆସିକା (ମହାଭାରତ)ମହିଳାଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ ମାରିବା ଘଟଣାରେ କୋଟିନଡ଼ା ଥାନା ପକ୍ଷରୁ ୪ଜଣଙ୍କୁ ଗିରଫ କରି ପୋଲିସ କୋଟିନାଡା ଥାନା କେସ୍ ନମ୍ବର ୯୩/୨୬ ରେ ମାମଲା ରୁଜୁକରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି ।ପ୍ରକାଶ ଥାଉକି କୋଟିନଡ଼ା ଥାନା ଭେଟନଇ ଗ୍ରାମରେ ହୋଇଥିବା ଚୋରି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ଆଜି ଭୋର ସମୟରେ ଭେଟନଇ ଗ୍ରାମର ସନ୍ତୋଷ ସେଠୀ,ଶଙ୍କର ସେଠୀ ଗ୍ରାମର ଅନ୍ୟ କିଛି ଗ୍ରାମବାସୀଙ୍କ ସହିତ ମିଶି ପୁଷ୍ପାଞ୍ଜଳି ସେଠୀଙ୍କ ଘରର କବାଟ ଜୋର ଜବରଦସ୍ତ ବାଡ଼େଇଥିଲେ ।ଏହା ପରେ ଘରେ ପଶି ପୁଷ୍ପାଞ୍ଜଳି ସେଠୀପୁଅ ତାପସ ସେଠୀଓ ତାଙ୍କ ଦୁଇ ବନ୍ଧୁ ଆସିକା ବ୍ଲକ ବଡ଼ଖୋଲି ଗ୍ରାମର ବୁଲୁ ପ୍ରଧାନ ଏବଂ କେଶରପାଲି ଗ୍ରାମର ସଞ୍ଜୟ ପ୍ରଧାନଙ୍କୁ ଘର ଭିତରୁ ବାହାରକୁ ଟାଣି ଆଣି ଗ୍ରାମର ଏକ ବିଦ୍ୟୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ ଏହି ଘଟଣା ଦେଖିବା ପରେ, ପୁଷ୍ପାଞ୍ଜଳି ସେଠୀ ତାଙ୍କ ପୁଅ ଏବଂ ତାଙ୍କ ବନ୍ଧୁମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିବାକୁ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ ହେଲେ ଅଭିଯୁକ୍ତମାନେ ତାଙ୍କୁ ମଧ ଅଟକାଇ ସେହି ବିଦ୍ୟୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ ।ଏନେଇ କୋଟିନଡ଼ା ଥାନା ପୋଲିସ ଘଟଣା ସ୍ଥଳରେ ପହ□ ସମସ୍ତଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରିଥିଲା ଏନେଇ ମହିଳାଙ୍କ ଲିଖିତ ଅଭିଯୋଗ ପରେ କୋଟିନଡା ପୋଲିସ ଥାନା କେସ ନଂ. ୯୩ ତାରିଖ ୧୬.୦୩.୨୦୨୬ କୁ ଇଘଝ ର ୨୯୬/୩୩୨(ମ)/୧୨୭(୨)/ ୭୪/୧୧୫(୨)/୩୫୧(୩)/ ୩(୫) ମାମଲା ରୁଜୁ କରି ଶଙ୍କର ସେଠୀ (୩୮) ପିତା ସ୍ୱର୍ଗତ ଖଣ୍ଡଳା ସେଠୀ,ସନ୍ତୋଷ କୁମାର ସେଠୀ (୨୪),ପିତା ମାଧବ ସେଠୀ,ସୁଶାନ୍ତ ସେଠୀ (୧୯),ପିତା ମାଧବ ସେଠୀ,ନରେସ କୁମାର ସେଠୀ, ପିତା ସ୍ୱର୍ଗତ ଉଦୟନାଥ ସେଠୀ କୁ ଗିରଫ କରି କୋର୍ଟକୁ ଚାଲାଣ କରିଥିବା କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ ସୂଚନା ପ୍ରଦାନ କରିଛନ୍ତି ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ କୋଲନରାରୁ ୧୧୧ ଯାତ୍ରୀଙ୍କ ପୁରୀ ଯାତ୍ରା ଆରମ୍ଭ




ରାୟଗଡ଼,(ମହାଭାରତ) : ଓଡ଼ିଶା ସରକାରଙ୍କ ପ୍ରଚଳିତ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଅନ୍ତର୍ଗତ ରାୟଗଡ଼ ଜିଲ୍ଲାର କୋଲନରା ବ୍ଲକରୁ ୧୧୧ ଜଣ ଯାତ୍ରୀ ୯ ଜଣ ଏସକର୍ଟ ଅଧିକାରୀଙ୍କ ସହ ଶ୍ରୀକ୍ଷେତ୍ର ପୁରୀ ଯାତ୍ରା ପାଇଁ ବାହାରିଛନ୍ତି । କୋଲନାରା ବସ୍ଷ୍ଟାଣ୍ଡରୁ ୩ଟି ବସ୍ ମାଧ୍ୟମରେ ଏହି ପବିତ୍ର ଯାତ୍ରାର ଶୁଭାରମ୍ଭ ହୋଇଥିଲା ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀ ନବୀନ ଚନ୍ଦ୍ର ନାୟକ, ବିଡିଓ କୋଲନାରା ଶ୍ରୀମତୀ ରୀନା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଶ୍ରୀକାନ୍ତ ପାଣିଗ୍ରାହୀ , ଜିଲ୍ଲା ପରିଚାଳକ ଓଡିଶା ରାଜ୍ୟ ପାରିବହନ ନିଗମ, ପଞ୍ଚାୟତ ସମିତି କୋଲନାରା ଅଧକ୍ଷା ଶ୍ରୀମତୀ ସଂଯୁକ୍ତା କୁଲେସିକା ଓ ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରୀୟା ଉପସ୍ଥିତ ରହି ଯାତ୍ରୀମାନଙ୍କୁ ଫୁଲ ଓ ଶୁଭେଚ୍ଛା ସହ ଆଶୀର୍ବାଦ ଜଣାଇଥିଲେ । ସେମାନେ ଯାତ୍ରୀମାନଙ୍କୁ ସୁଖଦ, ସୁରକ୍ଷିତ ଓ ସ୍ମରଣୀୟ ଯାତ୍ରା ପାଇଁ କାମନା କରିଥିଲେ ।ସମସ୍ତ ଯାତ୍ରୀଙ୍କ ପାଇଁ ଯାତାୟାତ, ଖାଦ୍ୟ, ରହଣିଓ ଚିକିତ୍ସା ସହିତ ଆବଶ୍ୟକ ସୁବିଧା ସରକାର ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବେଳେ ଯାତ୍ରା ସମୟରେ ସମ୍ପୂର୍ଣ୍ଣ ନିରାପତ୍ତା ଓ ନିରୀକ୍ଷଣ ପାଇଁ ଏସକର୍ଟ ଅଧିକାରୀମାନେ ନିଯୁକ୍ତ ହୋଇଛନ୍ତି ।ଏହି ଯୋଜନା ମାଧ୍ୟମରେ ଆର୍ଥିକ ଭାବେ ଦୁର୍ବଳ ଓ ବଞ୍ଚିତ ଶ୍ରେଣୀର ଲୋକମାନେ ଶ୍ରୀଜଗତ୍ତାଥଙ୍କ ଦର୍ଶନ କରିବାର ଏକ ସୁଯୋଗ ପାଉଛନ୍ତି, ଯାହା ସାମାଜିକ ଓ ଆଧ୍ୟାତ୍ମିକ ମାନସିକତାକୁ ଉତ୍ତତ କରିବାରେ ସହାୟକ ହେଉଛି । ଏହାକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ସ୍ୱାଗତ କରିଥିବା ଦେଖାଯାଇଛି ।

# ୫୪ତମ ଐତିହାସିକ ଗଣିଆ ଲଙ୍କାପୋଡ଼ି ଯାତ୍ରା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା



ଗଣିଆ(ମହାଭାରତ): ବୁଧବାର ଗଣିଆ ରାମ ମନ୍ଦିର ପରିସରରେ ଗଣିଆ ଲଙ୍କାପୋଡ଼ି ଯାତ୍ରା କମିଟିର ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ୫୪ତମ ଲଙ୍କାପୋଡ଼ି ଯାତ୍ରା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୨୭ ତାରିଖ ଶୁକ୍ରବାର ଦିନ ଶ୍ରୀରାମ ଜନ୍ମ ଓ ତାଡ଼କା ବଧ, ୨୮ ତାରିଖ ଶନିବାରଦିନ ସୀତା ବିବାହ ଓ ପର୍ଶୁରାମ ଭେଟ, ୨୯ ତାରିଖ ରବିବାର ଦିନ ଶ୍ରୀରାମ ବନବାସ, ୩୦ତାରିଖ ସୋମବାର ଦିନ ଭରତ ମିଳନ ଓ ବିରାୟୁଧ ବଧ ଓ ବେଢାବୁଲା, ୩୧ ତାରିଖ ମଙ୍ଗଳବାର ଦିନ ସୀତା ଚୋରୀ, ଏପ୍ରିଲ ୧ତାରିଖ ବୁଧବାର ଦିନ ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ ଓ ବାଳୀବଧ, ରାମ ନାଟକ ମଂଚସ୍ଥ ହେବ । ଏପ୍ରିଲ ମାସ ୨ ତାରିଖ ଗୁରୁବାର ଠାରୁ ୧୪ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ଗଣିଆ ଦଣ୍ଡଯାତ୍ରା ପାଇଁ ରାମ ନାଟକକୁ ବିଶ୍ରାମ ଦିଆଯାଇଥିବାବେଳେ ୧୫ ତାରିଖ ବୁଧବାର ଦିନ ସୀତା ଠାବ, ୧୬ ତାରିଖ ଗୁରୁବାର ବିଶ୍ରାମ, ୧୭ ତାରିଖ ଶୁକ୍ରବାର ସେତୁବନ୍ଧ ପ୍ରତିଷ୍ଠା, ରାବଣ ଛତ୍ରଭଙ୍ଗ, ଓ ବିଭୀଷଣ ଶରଣ ୧୮ତାରିଖ ଶନିବାର ଦିନ ନାଗଫାସ ବନ୍ଧନ, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ, ୧୯ତାରିଖ ରବିବାର ଦିନ ରାବଣର ବ୍ରହ୍ମଜ୍ଞାନ ଚର୍ଚ୍ଚା, ଓ ମହୀରାବଣ ବଧ, ୨୦ତାରିଖ ସୋମବାର ଦିନ ଲକ୍ଷ୍ମଣ ଶକ୍ତିଭେଦ ଓ ବିରବାହୁ ବଧ, ୨୧ ତାରିଖ ମଙ୍ଗଳବାର ଦିନ ଲଙ୍କାପୋଡ଼ି ଯାତ୍ରାର ମୁଖ୍ୟ ଉତ୍ସବ ରାବଣ ବଧ ନାଟକ ମଂଚସ୍ଥ ହେବ । ସନ୍ଧ୍ୟାରେ ସୁର୍ସ୍ନେହା, ମେଲାଡ଼ି ଭୁବନେଶ୍ୱର ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସଙ୍ଗୀତାକାର ଆଶୁତୋଷ ମହାନ୍ତି ଉପସ୍ଥିତ ରହିବେ । ସେହିପରି ୨୨ତାରିଖ ବୁଧବାର ଦିନ ମନ୍ଦିର ପରିସରରେ ଶ୍ରୀରାମ ଅଭିଷେକ ଅନୁଷ୍ଠିତ ହେବାକୁ ଥିବାବେଳେ ସୁରସନ୍ଧ୍ୟା ମେଲୋଡ଼ି, କଟକ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ ଗିତୀକାର ସୌଜନ୍ୟା ରଥ ଉପସ୍ଥିତ ରହିବେ, ୨୩ତାରିଖ ଗୁରୁବାର ଦିନ ସୁରଝଙ୍କାର ମେଲୋଡ଼ି, କଟକ ତରଫରୁ ଓଡ଼ିଶାର ସୁନାମଧନ୍ୟ ଗୀତିକାର ସ୍ମିତା ପଣ୍ଡା ଉପସ୍ଥିତ ରହିବେ । ସେହିପରି ୨୪ ତାରିଖ ଶୁକ୍ରବାର ଦିନ ଲଙ୍କାପୋଡ଼ି ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଉଦଯାପନୀ ଦିବସରେ ସମ୍ବଲପୁରର ରୁକ୍ମୁନା ମେଲାଡ଼ିର ତାଳେତାଳେ ଦର୍ଶକ ଝୁମିବେ । ଆଜିର ବୈଠକରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା, ସମ୍ପାଦକ ଉମାକାନ୍ତ ଦାଶ, ଉପସଭାପତି ଅଶୋକ କୁମାର ବେହେରା, ସହସମ୍ପାଦକ ବିଶ୍ୱରଂଜନ ସେଠୀ, କୋଷାଧକ୍ଷ, ଗିରିଧାରୀ ସେଠୀ, ସମିତିସଭ୍ୟ ଫକୀର ମୋହନ ଡାକୁଆ ଉପଦେଷ୍ଟା ବିଭୁତିଭୁଷଣ ପଣ୍ଡା, ଚନ୍ଦ୍ରଶେଖର ଦାଶ, ମହାବୀର ମିଶ୍ର, ସୁନିଲ କୁମାର ସାହୁ, ଲକ୍ଷ୍ମୀଧର ବେହେରା, ସୁଶାନ୍ତ କୁମାର ବେହେରା, ଅଜୟ କୁମାର ସେଠୀ, ଭାଗିରଥି ଗଡ଼ନାୟକ, ଚିତରଂଜନ ସାହୁ, , ସସ୍ମିତା ମିଶ୍ର, ପବନା ଅମାୟନ୍ତ, ଲିଙ୍କନ ଦାଶଙ୍କ ସମେତ ଲଙ୍କାପୋଡ଼ି ଯାତ୍ରା କମିଟିର ସଭ୍ୟମାନେ ଉପସ୍ଥିତ ରହି ଚଳିତ ବର୍ଷ ୫୪ତମ ଲଙ୍କାପୋଡ଼ି ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାକୁ ସରସ ସୁନ୍ଦର କରିବା ପାଇଁ ନିଷ୍ପତି ନେଇଥିଲେ ।

# ଘାଟବାଲି ଯୋଡି ଗ୍ରାମରେ ବନାଗ୍ନୀ ସଚେତନତା କାର୍ଯ୍ୟକ୍ରମ



ପାଟଣା:-(ମହାଭାରତ) ବିଭିତ୍ତ ସମୟ ରେ ଜଙ୍ଗଲ ରେ ନିଆଁ ଲାଗିବା ଫଳ ବିଭିତ୍ତ ମୂଲ୍ୟବାନ ଗଛ ପୋଡ଼ି ନଷ୍ଟ ହେବା ସହ ଜୀବଜନ୍ତୁ,ପଶୁ,ପକ୍ଷୀ ମାନଙ୍କ ଜୀବନ ଯାଉ ସହିତ ବିପଦ ଗାମୀ ହେଉ ଥିବା ବେଳେ ଏହାକୁ ରୋକିବାକୁ ଯାଇ ପାଟଣା ବନାଞ୍ଚଳ ଅନ୍ତର୍ଗତ ତୋଣ୍ଡ ବିଟ୍ ଘାଟବାଲିଯୋଡି ଗ୍ରାମର ପୁରୁଷ ଓ ମହିଳା ମାନେ ବନାଗ୍ନୀ ସଚେତନା ନିମନ୍ତେ ସ୍ଲୋଗାନ ସହ ହାତରେ ସଚେତନା ପ୍ଲାକକାର୍ଡ ଧରି ଗ୍ରାମ ପରିକ୍ରମା କରିବା ସହ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ପାଟଣା ଭାଜପା ମଣ୍ଡଳ ସଭାପତି ବ୍ରଜକିଶୋର ସେଠୀ ଯୋଗଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦାର ଙ୍କ ସଭାପତ୍ୱିବ ରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ଅଟେଇ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ୯ଗୋଟି ବନସୁରକ୍ଷା ସମିତି ର ସମସ୍ତ ସଭାପତି ଏବଂ ଆନିମେଟର ମାନଙ୍କ ସହିତ ୫ଜଣ ଲେଖାଏଁ ସଦସ୍ୟ ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମ କୁ ତୋଣ୍ଡ ବନରକ୍ଷୀ ଦୀପକ ସ୍ୱାଇଁ ପରିଚାଳନା କରିଥିବା ବେଳେ ପାଟଣା ବନପାଳ ଅଧିକାରୀ ନିରଞ୍ଜନ ସେଠୀ,ଏହି କାର୍ଯ୍ୟକ୍ରମ ରେ ଜଙ୍ଗଲ କୁ ପ୍ରଥମେ ଜଙ୍ଗଲ ରେ ନିଆଁ ଲାଗିଲେ ତାକୁ କିପରି ରୋକା ଯାଇ ପାରିବ, ଦ୍ୱିତୀୟ ରେ ଜଙ୍ଗଲୀ ଜୀବଜନ୍ତୁ ମାନଙ୍କୁ ନିଆଁ ଦାଉରୁ କିପରି ସୁରକ୍ଷା ଦିଆଯାଇ ପାରିବ,ତୃତୀୟ ରେ ଲଘୁବନଯାତ ଦ୍ରବ୍ୟ ଯଥା ମହୁଲ,କେନ୍ଦୁପତ୍ର,ଶାଳ ପତ୍ର କୁ କିଭଳି ଭାବରେ ସୁଚାରୁ ରୂପେ ସଂଗ୍ରହ କରାଯାଇ ପାରିବ ଏହି ବାନାଗ୍ନୀ ସଚେତନା କାର୍ଯ୍ୟକ୍ରମ ର ମୁଖ୍ୟ ଆଲୋଚନା ବିଷୟ ରହିଛି ।

# ଏମ. ଭି -୭୯ ପୋଲିସ ପକ୍ଷରୁ ଗୋରଖପଲ୍ଲୀ ରେ ଜନ ସ୍ୱାସ୍ଥ୍ୟ ଶିବିର ଓ ପୋଲିସ ସମିତି ବୈଠକ

ମାଲକାନଗିର,(ମହାଭାରତ): ମାଲକାନଗିରି ଜିଲ୍ଲା ଏମଭି ୭୯ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଓ ଜନ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଶିମିଳିବାଞ୍ଚା ପଞ୍ଚାୟତ ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ନେଇ ଏମଭି ୭୯ ଥାନା ଅଧିକାରୀ ଏସଆଇ ଚନ୍ଦନ କୁମାର ବେହେରାଙ୍କ ଅଧକ୍ଷତାରେ ଗୋରଖପଲ୍ଲୀ ଗ୍ରାମ ଠାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇଥିଲା । ଏହି ବୈଠକରେ ସ୍ଥାନୀୟ ଲୋକଙ୍କୁ ଘରୋଇ ହିଂସା, ମାଦକ ଦ୍ରବ୍ୟ ସେବନ ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଆଇନ ସେବା ପ୍ରାଧୀକରଣ ବାବଦରେ ବୁଝାଯିବା ସହ ଗ୍ରାମା□ଳରେ ଖାପ୍ ପଞ୍ଚାୟତରେ ଅପରାଧିକ ମାମଲାକୁ ନେଇ ବୈଠକ ନକରିବାକୁ କୁହାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଡିଏସପି ଓ ବିଏସ୍ଏଫ୍ କମାଣ୍ଡାଣ୍ଟ ନକ୍ସଲ ଦମନରେ ସ୍ଥାନୀୟ ଲୋକଙ୍କ ଭୂମିକା ସାରା ରାଜ୍ୟ ପାଇଁ ଉଦାହରଣ ପାଲଟି ଥିବା କହିଥିବା ବେଳେ ପୋଲିସ ଓ ଜନ ସାଧାରଣ ଙ୍କ ମଧ୍ୟରେ ଭାଇଚାରା ବଜାଇ ରଖିବାକୁ ନିବେଦନ କରିଥିଲେ୍ୟ ଏହି ଅବସରରେ ଗତ ଦିନରେ ପୋଲିସ ପକ୍ଷରୁ ଦାଖଲ କରାଯାଇଥିବା କିଛି ମାମଲା ବାବଦରେ ମଧ୍ୟ ସ୍ଥାନୀୟ ଆଲୋଚନା କରାଯିବା ସହ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଥାନାରେ ମୋ ସରକାର ବ୍ୟବସ୍ଥା ରହିଛି, ଯାହା ପୋଲିସ ସେବା ଲୋକଙ୍କ ପାଇଁ ବୋଲି ପୋଲିସ ଅଧିକାରୀ ମାନେ କହିଛନ୍ତି । ଏଥିସହ ଶିମିଳିବାଞ୍ଚା ଓ ଆଖପାଖ ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଯେ କୌଣସି ବ୍ୟକ୍ତି ବିଶେଷ ଥାନାକୁ ଆସିଲେ ସେମାନଙ୍କ କେସ୍ ବାବଦରେ ସମ୍ପୂର୍ଣ୍ଣ ଅବଗତ କରାଇବା ବାବଦରେ ପୋଲିସ ଓ ଉପସ୍ଥିତ ଜନ ପ୍ରତିନିଧି ମଧ୍ୟରେ ଆଲୋଚନା ହୋଇଥିଲା । ଏହା ସହ ଜନ ସ୍ୱାସ୍ଥ୍ୟ ଶିବିର ଓ ଗ୍ରାମ ର ପିଲା ମାନଙ୍କୁଖେଳନା, କମ୍ବଳ, ଆଦି ବଣ୍ଟନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିମିଳିବାଞ୍ଚା ସରପ□ ଶିଙ୍ଗା ମାଡକାମି, ଶୁଭ୍ରାଂଶୁ ସାହୁ ଓ ବିଭିତ୍ତ ପଞ୍ଚୟତର ୱାର୍ଡ ମେମ୍ବର ସମେତ ଦୁଇ ଶହରୁ ର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ ।

# ଗୁଡ଼ଭଙ୍ଗା ଘାଟି ନିକଟରୁ ଅପରିଚିତ ଶବ ଉଦ୍ଧାର

କରଞ୍ଜିଆ,(ମହାଭାରତ):ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡିହା ଥାନା ଅଞ୍ଚଳର ଗୁଡ଼ଭଙ୍ଗା ଘାଟି ନିକଟରୁ ଆଜି ଏକ ଅପରିଚିତ ପୁରୁଷଙ୍କ ଶବ ଉଦ୍ଧାର ହୋଇଥିବା ସୂଚନା ମିଳିଛି ।ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚଞ୍ଚଳତା ସୃଷ୍ଟି ହୋଇଛି ।ସୂଚନା ଅନୁଯାୟୀ, ସାତକୋଶିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଚନ୍ଦମଣି ଜାରିକା ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ମହୁଲଡିହା ପୋଲିସ ଦଳ ଘଟଣାସ୍ଥଳକୁ ପହଞ୍ଚିଥିଲେ । ସେଥିପାଇଁ ମଜିଷ୍ଟ୍ରେଟ ଭାବେ ଠାକୁରମୁଣ୍ଡା ତହସିଲଦାର ସମ୍ପିତ କୁମାର କର ମଧ୍ୟ ଉପସ୍ଥିତ ଥିଲେ ଏବଂ ସମଗ୍ର ପରିସ୍ଥିତିର ନିରୀକ୍ଷଣ କରିଥିଲେ ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ମୃତ ବ୍ୟକ୍ତି ଗତ ଦୁଇ ଦିନ ଧରି ସାତକୋଶିଆ ଅଞ୍ଚଳରେ ଘୁରୁଥିବା ଦେଖାଯାଇଥିଲେ । କିନ୍ତୁ ତାଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ମୃତ୍ୟୁର କାରଣ କଣ ତାହା ମଧ୍ୟ ଅଜଣା ରହିଛି ।ପୋଲିସ ଘଟଣାକୁ ଗୁରୁତ୍ୱ ସହକାରେ ନେଇ ମହୁଲଡିହା ଥାନାରେ ୫/୨୦୨୬ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତୀ ତଦନ୍ତ ପାଇଁ ଶବକୁ ବାରିପଦା ମେଡିକାଲ କଲେଜ ଓ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।ପୋଲିସ କହିଛନ୍ତି ଯେ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ । ଏହା ସହ ମୃତ ବ୍ୟକ୍ତିଙ୍କ ପରିଚୟ ସନ୍ଧାନ ପାଇଁ ଚାରିପାଖର ଥାନାମାନଙ୍କୁ ସୂଚନା ଦିଆଯାଇଥିବା ସୂଚନା ମିଳିଛି ।

# ବିଷମକଟକ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ 'ଭୀମ ଭୋଇ ଭିନ୍ନକ୍ଷମ ଶିବିର' ଅନୁଷ୍ଠିତ

ବିଷମକଟକ,(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପଠାରେ ଆଜି ଦ୍ୱିତୀୟ ପର୍ଯ୍ୟାୟ 'ଭୀମ ଭୋଇ ଭିତ୍ତକ୍ଷମ ସାମର୍ଥ୍ୟ ଶିବିର' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ମାଧ୍ୟମରେ ବ୍ଲକର ବିଭିତ୍ତ ପ୍ରାନ୍ତରୁ ଆସିଥିବା ଭିତ୍ତକ୍ଷମମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ପ୍ରୟାସ କରାଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗତ୍ତାଥ ଏବଂ ସ୍ୟକବି ଭୀମ ଭୋଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷା ଦେବୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉତ୍ତୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ଭିନ୍ନକ୍ଷମ ସଂଘର ଉପସଭାପତି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଶେଷଜ୍ଞ ଡାକ୍ତରମାନେ ଯୋଗ ଦେଇଥିଲେ ।ଏହି ଶିବିରରେ ବିଷମକଟକ ବ୍ଲକର ୨୧ଟି ଗ୍ରାମ ପଞ୍ଚାୟତରୁ ଶତାଧିକ ଭିତ୍ତକ୍ଷମ ଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ । ଶିବିରରେନୂତନ ଭିତ୍ତକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ ଓ ପଞ୍ଜିକରଣ,ଡାକ୍ତରୀ ଦଳଙ୍କ ଦ୍ୱାରା ଶାରୀରିକ ଅକ୍ଷମତାର ଯାଞ୍ଚ,ସରକାରୀ ଯୋଜନାରେ ସାମିଲ ହେବା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା ।ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମମାନଙ୍କ ପାଇଁ ପାନୀୟ ଜଳ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା । ବହୁ ସଂଖ୍ୟାରେ ଭିନ୍ନକ୍ଷମମାନେ ଏହି ଶିବିରକୁ ଆସି ନିଜ ନିଜର ନାମ ପଞ୍ଜିକୃତ କରିଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଶୃଙ୍ଖଳିତ ଭାବରେ ଚାଲିଲା ହିନ୍ଦୋଳ ହାଟ,ଖୋଲିଲା ଜଳଛତ୍ର

ହିନ୍ଦୋଳ(ମହାଭାରତ):ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ର୍ନିବାଚନମଣ୍ଡଳୀ ଅନ୍ତର୍ଗତ ହିନ୍ଦୋଳ ଏନଏସି ର ବହୁ ପୁରାତନ ହାଟରେ ଅତିରିକ୍ତ ଏସପିଙ୍କ ଉଦ୍ୟମରେ ଆଜିଠାରୁ ଶୃଙ୍ଖଳିତ ଭାବରେ ଆରମ୍ଭ ହୋଇଛି । ଖବରରୁ ପ୍ରକାଶ ହିନ୍ଦୋଳ ଏନଏସି ୱାର୍ଡନଂ-୮ ଗୁଣ୍ଡିଚା ମଣ୍ଡପ ସ୍ଥାୟୀ ହାଟପଡିଆରେ ବହୁବର୍ଷଧରି ସପ୍ତାହରେ ଦୁଇଦିନ(ବୁଧବାର, ଶନିବାର) ଦେବ□ର ବିଭାଗପକ୍ଷରୁ ଚାଲି ଆସୁଥିବା ସାପ୍ତାହିକ ହାଟ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା,ଉପଖଣ୍ଡ ଆରକ୍ଷୀ-ଉପଅଧିକ୍ଷକ ସତ୍ୟ କୁମାର ନନ୍ଦ ଓ ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟଙ୍କ ବଳିଷ୍ଠଉଦ୍ୟମରେ ରାସ୍ତା ଉପରୁ ଗହଳି ଭାଙ୍ଗି ଭିତରକୁ ଘୁଞ୍ଚାଯାଇ ସର୍ବସମ୍ମତି କ୍ରମେ ଆରମ୍ଭ ହୋଇଛି ।ହାଟମଧ୍ୟରେ ଯାନବାହାନ ହଟାଯିବା ସହ ଶାନ୍ତିଶୃଙ୍ଖଳା ପାଇଁ ପ୍ରଶାସନ ଓ ପୋଲିସ ସହଯୋଗ କରିଛି । ଜନସାଧାରଣଙ୍କ ଆକୃଷ୍ଟପାଇଁ ଆଜି ହାଟ ମଧ୍ୟରେ ଏକ ଜଳଛତ୍ର ମୁଖ୍ୟଅତିଥି ଭାବରେ ହିନ୍ଦୋଳ ଉପଜିଲ୍ଲାପାଳ ଉଦଘାଟନ କରିଥିବାବେଳେ ସମ୍ମନିତ ଅତିଥି ଭାବରେ ହିନ୍ଦୋଳ ତହସିଲଦାର ଦିଲୀପ ସେଠି,ଥାନା ଅଧିକାରିଣୀ ମମତା ସାମନ୍ତରାୟ, ଏନଏସି ଅଧକ୍ଷ କେଶବ ପ୍ରଧାନ ଯୋଗଦେଇଥିଲେ ।ଉଲ୍ଲେଖଯୋଗ୍ୟ ପୂର୍ବରୁ କୌଣସି ପୋଲିସ ଅଧିକାରୀ ଜନସାଧାରଣଙ୍କ ସମସ୍ୟାପାଇଁ କୌଣସି ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଉନଥିବା ସ୍ଥଳେ ବର୍ତମାନର ଉପଜିଲ୍ଲାପାଳ,ହିନ୍ଦୋଳ ଉପଖଣ୍ଡ ଉପଆରକ୍ଷୀ ଅଧିକ୍ଷକ ଓ ଥାନା ଅଧିକାରିଣୀ ଜନସାଧାରଣଙ୍କ ସମସ୍ୟାକୁ ଗୁରୁତ୍ୱଦେଇ ସମାଧାନପାଇଁ ଆଗେଇ ଆସିଥିବାରୁ ଉପସ୍ଥିତ ସାଧାରଣ ଜନତା, ବ୍ୟବସାୟୀ ଅଧିକାରୀ ମାନଙ୍କୁ କୃତଜ୍ଞତା ଜଣାଇଥିଲେ ।ତେବେ ରାସ୍ତା ଉପରୁ ଉଠି ଶୃଙ୍ଖଳିତ ଭାବରେ ଭିତରେ ହାଟ ଚାଲିଥିବାରୁ ଜନସାଧାରଣ ଓ ବ୍ୟବସାୟୀ ଅତ୍ୟନ୍ତ ଖୁସି ଥିବାର ଦେଖିବାକୁ ମିଳିଥିବାବେଳେ ରାସ୍ତା ଜାମ ସମସ୍ୟା ଆଉ ଦେଖିବାକୁ ମିଳିନଥିଲା ।



# ଗାଡି ଚେକିଂ ବେଳେ ଦୁର୍ଘଟଣା :୨ ମହିଳା ଆହତ

କରଞ୍ଜିଆ,୧୮/୦୩ (ମହାଭାରତ ) ବୁଧବାର ଦିନ ରାଇରଙ୍ଗପୁର ପରିବହନ ବିଭାଗ ଓ ପୋଲିସ କର୍ମଚାରୀ ଠାକୁରମୁଣ୍ଡା - ଆନନ୍ଦପୁର ରାସ୍ତା ର ଜୋଡାମ୍ବ ଘାଟି ନିକଟରେ ଗାଡି ଚେକିଂ କରୁଥିବା ବେଳେ ସ୍କୁଟି ଯୋଗେ ଘରକୁ ଫେରୁଥିବା ୨ ଜଣ ମହିଳା ଚେକିଂ କରୁଥିବା କର୍ମଚାରୀ ମାନଙ୍କୁ ଦେଖି ଭାରସାମ୍ୟ ହରାଇ ପଡିଯାଇ ଆହତ ହୋଇଛନ୍ତି ।ଘଟଣାସ୍ଥଳ ରୁ ଉଭୟ ଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆଣି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା ।ଦୁର୍ଘଟଣା ରେ ସେମାନଙ୍କ ମୁଣ୍ଡ ଓ ହାତରେ କ୍ଷତ ହୋଇଥିବା ର ଜଣାପଡ଼ିଛି ।ଆହତ ମହିଳା ୨ ଜଣ ଠାକୁରମୁଣ୍ଡା ରୁ ସ୍କୁଟି ଯୋଗେ ନିଜ ଗ୍ରାମ ଡକେଇପାଳ କୁ ଫେରୁଥିଲେ ।ଆହତ ମହିଳା ୨ ଜଣ ହେଉଛନ୍ତି ସତ୍ୟଭାମା ଦାସ ଓ ଝୁଲଣା ମଢେଇ ବୋଲି ଜଣାପଡିଛି ।ସେହିପରି ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତା ର ଜୁଆଳିକଟା ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି ।ଠାକୁରମୁଣ୍ଡା ର ସପ୍ତାହିକ ହାଟ ସାରି ନିପାଣିଆ ଗ୍ରାମର ବିକ୍ରମ ହାଁସଦା ଓ ଅଖାପଲଣ ଗ୍ରାମର ମୁସୁଙ୍ଗି ହାଁସଦା ଘରକୁ ଫେରୁଥିବା ସମୟରେ କରଞ୍ଜିଆ ପଟୁ ବାଇକ ଯୋଗେ ଆସୁଥିବା ରାଜନଗର କେନ୍ଦ୍ରାପଡା ର ସୁଧାଂଶୁ ଶେଖର ମଲ୍ଲିକ ଙ୍କ ବାଇକ ସହିତ ଧକ୍କା ହୋଇଥିଲା ।ଘଟଣାସ୍ଥଳ ରୁ ଆହତ ଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।ଚିକିତ୍ସା ପରେ ଗୁରୁତର ବାଇକ ଚାଳକ ବିକ୍ରମ ହାଁସଦା ଓ ସୁଧାଂଶୁ ଶେଖର ମଲ୍ଲିକ ଙ୍କୁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି ।

# ପ୍ରଦୂଷଣ ନିୟନ୍ତ୍ରଣ ତଥା ବାଲ୍ୟ ବିବାହ ନିରାକରଣକୁ ନେଇ ସଚେତନତା କାର୍ଯ୍ୟକ୍ରମ



ଗଜପତି(ମହାଭାରତ): ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତୟ ଏହି ଶିଶୁ କିପରି ଉତ୍ତମ ନାଗରିକ ହୋଇ ବାଲ୍ୟ ବିବାହ ବିରୋଧରେ ସ୍ୱର ଉତ୍ତୋଳନ କରିପାରିବେ ତଥା ପରିବେଶ ସୁରକ୍ଷା କରିପାରିବେ ଏହି କଥାକୁ ଚିନ୍ତା କରି ତଥା ଛାତ୍ରମାନଙ୍କୁ ଭବିଷ୍ୟତରେ ଆଦର୍ଶ ନାଗରିକ କରିବା ଉଦ୍ଦେଶ୍ୟ ନେଇ ଆଜି ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ରେଜିଷ୍ଟ୍ରାର ପ୍ରସନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଶ୍ରୀ ବେହେରା ବାଳକମାନଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ କିପରି ନାଁ କମାଇବେ ସେ ନେଇ ସଚେତନ କରିବା ସହ ଆଗକୁ ଆସୁଥିବା ଗ୍ରୀଷ୍ମଋତୁ ପୂର୍ବରୁ ବ୍ୟାପକ ବୃକ୍ଷରୋପଣ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ପ୍ରଦୂଷଣ ରୋକିବା ତଥା ଡି.ସି.ପି.ଓ. ଅରୁଣ କୁମାର ତ୍ରିପାଠୀ ବାଲ୍ୟ ବିବାହ ରୋକିବା ନେଇ ରହିଥିବା ବିଭିତ୍ତ ଆଇନ ଉପରେ ସମସ୍ତଙ୍କୁ ସୂଚନା ଦେଇଥିଲେ । ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଗୌରହରି କରସୁଧା ପଟ୍ଟନାୟକ ଛାତ୍ରମାନଙ୍କୁ ଜୀବନର ଲକ୍ଷ୍ୟ ଉପରେ ଉଦବୋଧନ ଦେଇଥିଲେ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର ଓ ଜେଏମ୍ଏଫସି କୋର୍ଟର ଏ.ପି.ପି. ଏଡ଼ଲା ଶିବ କୁମାର ନିଜର ପୁରୁଣା ସ୍ମୃତି ରୋମ୍ୟନ କରିଥିଲେ । ସେହିପରି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ. ଗିରିଧାରୀ ରାଓ ଓ ଗୋଶାଣୀ ବ୍ଲକ ଶିକ୍ଷା ଅଧିକାରୀ ସୋମେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ହୋଇ ବିଭିତ୍ତ ଆଇନ ବିଷୟରେ ସଚେତନ କରିଥିଲେ । ସର୍ବଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ ।ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମଟି ସଫଳତାର ସହ ଶେଷ ହୋଇଛି ।

## ଭାରତ ପହଞ୍ଚିଲା ଜଗ ଲଡକି, ରହିଛି ୮୦ ହଜାର ଟନ୍ କଞ୍ଚା ତେଲ



ନୂଆଦିଲ୍ଲୀ : ଭାରତୀୟ ପତାକା ଥିବା ଜାହାଜ ଜଗ୍ ଲଡକି ସୁରକ୍ଷିତ ଭାବେ ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି । ଜଗ୍ ଲଡକି ଏକ ତୈଳ ଟ୍ୟାଙ୍କର୍ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ୮୦ ହଜାର ଟନ୍ ମର୍ବାନ୍ ଅଶୋଧିତ ତୈଳ ନେଇ ଭାରତ ଆସିଛି । ପୂର୍ବରୁ ଦୁଇଟି ଭାରତୀୟ ଏଲପିଜି ଟ୍ୟାଙ୍କର୍ ଶିବାଲିକ୍ ଏବଂ ନନ୍ଦା ଦେବୀ ଇରାନର ହରମୁଜ୍ ପ୍ରଣାଳୀ ଦେଇ ଆସିଥିଲା । ଓମାନ ଉପସାଗରରେ ଥିବା ୟୁଏଇର ଫୁଜୈରା ବନ୍ଦରରେ ଅଶୋଧିତ ତୈଳ ଲୋଡ୍ କରୁଥିବା ସମୟରେ ଇରାନ ଜଗ୍ ଲଡକି ଉପରେ ଆକ୍ରମଣ କରିଥିଲା । ଜଗ୍ ଲଡକି ଉପସ୍ଥିତିରେ ଫୁଜାଇରା ବନ୍ଦର ଆକ୍ରମଣ କରିଥିଲା । ହେଲେ ଏହାର କୌଣସି କ୍ଷତି ହୋଇନଥିଲା। ଜଗ୍ ଲଡକି ଏବଂ ଏଥିରେ ଥିବା ସମସ୍ତ ଭାରତୀୟ ନାବିକ ଭାରତୀୟ ନୌସେନାର ସୁରକ୍ଷାରେ ସୁରକ୍ଷିତ ଭାବରେ ନିଜ ସ୍ୱଦେଶକୁ ଫେରି ଆସିଛନ୍ତି। ଜଗ୍ ଲଡକି ରବିବାର ଫୁଜୈରାହ ବନ୍ଦରରୁ ବାହାରିଥିଲା ଏବଂ ଶନିବାର ଇରାନ ଆକ୍ରମଣ ଯୋଗୁଁ ତେଲ କାରବାର ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଥିଲା । ତେବେ ହରମୁଜ ପ୍ରାଣାଳୀ ଦେଇ ଭାରତୀୟ ନୌସେନା ପୁଣିଥରେ ସର୍ତକତା ଏବଂ ମଜବୁତି ଦେଖାଇଛି । ଭାରତୀୟ ଏଲପିଜି କ୍ୟାରିଅର ଏବଂ ଅଏଲ ଟ୍ୟାଙ୍କର ଭାରତ ପହଞ୍ଚିଛି ।

## ଇରାନ ଉପରେ ଆମେରିକାର ଭୟଙ୍କର ଆକ୍ରମଣ, ୫୦୦୦ ପାଉଣ୍ଡର 'ବଙ୍କର-ବଷ୍ଟର' ବୋମା ମାଡ଼େର ଧ୍ୱଂସ ହେଲା ମିସାଇଲ୍ ଘାଟି



ଇରାନ : ୫୦୦୦ ପାଉଣ୍ଡର 'ବଙ୍କର-ବଷ୍ଟର' ବୋମା ମାଡ଼ । ଇରାନ ଉପରେ ଆମେରିକାର ଭୟଙ୍କର ଆକ୍ରମଣ । 'ବଙ୍କର-ବଷ୍ଟର' ବୋମା ମାଡ଼େର ଧ୍ୱଂସ ହେଲା ମିସାଇଲ୍ ଘାଟି । ହର୍ମୁଜ ପ୍ରଣାଳୀ ନିକଟରେ ଇରାନର ଘାଟି ଛାରଖାର । ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଏକ ଭୟଙ୍କର ରୂପ ନେଇଛି । ଇରାନର ଦକ୍ଷିଣ ଉପକୂଳରେ ଥିବା ଶକ୍ତିଶାଳୀ ମିସାଇଲ୍ ଘାଟିଗୁଡ଼ିକ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିବା କହିଛି ଆମେରିକା ସେନା । 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ବିଶ୍ୱର ପ୍ରାୟ ୨୦% ତେଲ ପରିବହନ ହୋଇଥାଏ । ଇରାନ ଏହି ପଥକୁ ବନ୍ଦ କରିବାକୁ ଚେଷ୍ଟା କରିବା ସହ ନିଜର ଆଣ୍ଟି-ସିପ୍ ମିସାଇଲ୍ ମୁତୟନ କରିଥିବାରୁ ଆମେରିକା ଏହି ପଦକ୍ଷେପ ନେଇଛି । ଏହି ଆକ୍ରମଣରେ ଆମେରିକା ୫୦୦୦ ପାଉଣ୍ଡ ଓଜନର "ଡିପ୍ ପେନିଟ୍ରେଟର" ବା ବଙ୍କର-ବଷ୍ଟର ବୋମା ବ୍ୟବହାର କରିଛି । ବୋମାଗୁଡ଼ିକ ମାଟିର ବହୁ ଗଭୀରରେ ଥିବା କିମ୍ବା ପଥର ତଳେ ଲୁଚି ରହିଥିବା ଶତ୍ରୁର ମିସାଇଲ୍ ଷ୍ଟୋରେଜ୍ ଏବଂ ଲଞ୍ଚ୍ ପ୍ୟାଡ୍ କୁ ସହଜରେ ଧ୍ୱଂସ କରିପାରେ । ଏହି ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ପେଟ୍ରୋଲ-ଡିଜେଲ ଦର ବଢ଼ିବାର ଆଶଙ୍କା ଦେଖାଦେଇଛି । ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ପାଖାପାଖି ପହଞ୍ଚିଛି । ସେପଟେ ଇରାନ ଏହାକୁ ନିଜ ଦେଶ ଉପରେ ଆକ୍ରମଣ ବୋଲି କହିଛି ଏବଂ ଏହାର ପ୍ରତିଶୋଧ ନେବାକୁ ଧମକ ଦେଇଛି । ଚୀନ୍ ଏବଂ ରୁଷ ଏହି ଆକ୍ରମଣ ପାଇଁ ଆମେରିକାକୁ ସମାଲୋଚନା କରିଥିବାବେଳେ ସାଉଦି ଆରବ ପରି ଦେଶଗୁଡ଼ିକ ସମୁଦ୍ର ପଥକୁ ସୁରକ୍ଷିତ ରଖିବା ପାଇଁ ଏହାକୁ ସମର୍ଥନ କରିଛନ୍ତି । ଆମେରିକା ସ୍ପଷ୍ଟ କରିଛି ଯଦି ଇରାନ ସାମୁଦ୍ରିକ ଜାହାଜ ଚଳାଚଳରେ ବାଧା ସୃଷ୍ଟି କରେ, ତେବେ ଏହିଭଳି ଆହୁରି ଅଧିକ ଆକ୍ରମଣ କରାଯିବ। ବର୍ତ୍ତମାନ ସେହି ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ରହିଛି ।

## ସୁପ୍ରିମ୍‌କୋର୍ଟରେ ଦାରା ସିଂହଙ୍କ ମୁକ୍ତି ଆବେଦନର ଶୁଣାଣି

ନୂଆଦିଲ୍ଲୀ: ସୁପ୍ରିମ୍‌କୋର୍ଟର ବିଚାରପତି ମନମୋହନ ଓ ମନୋଜ ମିଶ୍ରଙ୍କ ଦୁଇଜଣିଆ ଖଣ୍ଡପୀଠରେ ବୁଧବାର ବହୁଚର୍ଚ୍ଚିତ ଦାରା ସିଂହ ମାମଲାର ଶୁଣାଣି ହୋଇଥିଲା। ଉଲ୍ଲେଖଯୋଗ୍ୟ, ଦାରା ସିଂହଙ୍କୁ ସମ୍ପୂର୍ଣ୍ଣ କାରାମୁକ୍ତ କରିବାକୁ ସୁପ୍ରିମ୍‌କୋର୍ଟରେ ମାମଲା ଦାୟର ହୋଇଛି। ଦାରାଙ୍କ ଓକିଲ ଏକେ ସିଂହ ଖଣ୍ଡପୀଠରେ ଯୁକ୍ତି କରି ଦର୍ଶାଇଥିଲେ ଦାରା ସିଂହ ଦୀର୍ଘ ୨୬ ବର୍ଷ ୬ ମାସ କାରାଦଣ୍ଡ ଭୋଗି ସାରିଲେଣି। ଆଜୀବନ କାରାଦଣ୍ଡର ସମୟସୀମା ହେଉଛି ୧୪ ବର୍ଷ। ସେ ୨୫ ବର୍ଷରୁ ଅଧିକ ସମୟ ବନ୍ଦୀ ଭାବେ ରହିସାରିଲେଣି। ଜେଲ୍ ରିପୋର୍ଟ କହୁଛି, ଦାରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଜେଲ୍‌ରେ ବନ୍ଦୀ ଜୀବନ କାଟିବା ସହିତ ଯୋଗ ଓ ପୂଜାପାଠ ସହ ଧାର୍ମିକ ବ୍ୟକ୍ତି ଭାବେ ରହିଆସୁଛନ୍ତି। ଦୀର୍ଘ ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜେଲ ?ତ୍ରେ ଜଣେ ବନ୍ଦୀ ଭାବେ ରହିବା ସମୟରେ ସେ କୌଣସି ପ୍ରକାର ଆପରାଧିକ ହିଂସା କିମ୍ବା ବିଶୃଙ୍ଖଳା ସୃଷ୍ଟି କରିବାର ପ୍ରୟାସ କରିନାହାନ୍ତି। ତେଣୁ ଓଡ଼ିଶା ସରକାରଙ୍କ କ୍ଷମା ନୀତି ଓ ଦଣ୍ଡବିଧି ସଂହିତା ଅନୁଯାୟୀ ଦାରାଙ୍କୁ ମୁକ୍ତ କରିବାକୁ ଏକେ ସିଂହ କୋର୍ଟଙ୍କୁ ନିବେଦନ କରିଥିଲେ। ସବୁ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ଆସନ୍ତା ମେ ୧୩ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ତାରିଖ ଧାର୍ଯ୍ୟ କରିଛନ୍ତି।

# 'ମାଗଣାରେ ଭାରତକୁ ଉଡ଼ାଣ': ବିଜ୍ଞାପନରେ ତାଜମହଲର ଚିତ୍ର ସହିତ ବେଆଇନ ପ୍ରବାସୀଙ୍କ ଆତ୍ମ-ନିର୍ବାସନ ପାଇଁ ଆମେରିକା ଘୋଷଣା କଲା ୨,୬୦୦ ଡଲାରର ଏକ୍ଜିଟ୍ ବୋନସ୍

ନୂଆଦିଲ୍ଲୀ: ଆମେରିକାର ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ଭାରତ ସମେତ ବେଆଇନ ପ୍ରବାସୀମାନଙ୍କୁ ନିଜ ଦେଶକୁ ଫେରିବା ପାଇଁ ମାଗଣା ବିମାନ ସୁବିଧା ସହ ୨,୬୦୦ ଡଲାରର ପ୍ରସ୍ଥାନ ବୋନସ୍ ଦେବାକୁ ଘୋଷଣା କରିଛି। ଏହି ପଦକ୍ଷେପକୁ ପ୍ରୋତ୍ସାହିତ କରୁଥିବା ଏକ ସୋସିଆଲ ମିଡିଆ ପୋଷ୍ଟରେ ବିଭାଗ କଲମ୍ବିଆ ଓ ଚୀନ୍‌ର ପ୍ରମୁଖ ସ୍ଥାନ ସହିତ ତାଜମହଲର ଫଟୋ ବ୍ୟବହାର କରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ ହେବା ପରେ ଗତ ବର୍ଷ ମେ ମାସରେ ପ୍ରୋଜେକ୍ଟ ହୋମ୍‌କମିଂ ନାମକ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା। ଆମେରିକାରେ ବେଆଇନ ପ୍ରବାସୀମାନଙ୍କୁ ଲକ୍ଷ୍ୟ କରି ଏହାର ଆତ୍ମ-ନିର୍ବାସନ ଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ, ବିଭାଗ ତାଜମହଲ ଏବଂ କଲମ୍ବିଆ ଓ ଚୀନ୍‌ର ପ୍ରମୁଖ ଲ୍ୟାଣ୍ଡମାର୍କର ଭିଜୁଆଲ୍ ସେୟାର କରିଛି। ଏଥିରେ ଲେଖାଯାଇଛି, ଆପଣ ଏକ ନୂତନ ଆରମ୍ଭ ସହିତ ଘରକୁ ଯାଇପାରିବେ! ଆପଣ ସିବିପି ହୋମ୍ ଆପ୍ ବ୍ୟବହାର କରି ଏକ ମାଗଣା ଫ୍ଲାଇଟ୍ ହୋମ୍ ଏବଂ ୨,୬୦୦ ଆମେରିକୀୟ ଡଲାର ପ୍ରସ୍ଥାନ ବୋନସ୍ ପ୍ରାପ୍ତ କରିପାରିବେ। ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ବିଭାଗ ପ୍ରବାସୀମାନଙ୍କୁ କଷ୍ଟମ୍ସ ଓ ସୀମା ସୁରକ୍ଷା (ସିବିପି) ଆପ୍ ବ୍ୟବହାର କରିବାକୁ କହିଛି। ଏହି ଆପ୍ ମାଧ୍ୟମରେ, ସେମାନେ ଛାଡ଼ିବାକୁ ସେମାନଙ୍କର ଇଚ୍ଛା ବ୍ୟକ୍ତ କରିପାରିବେ, ସେମାନଙ୍କର




ବିବରଣୀ ପ୍ରଦାନ କରିପାରିବେ ଏବଂ ଯାତ୍ରା ସହାୟତା ଓ ଯୋଜନା ଅଧୀନରେ ଉପଲବ୍ଧ ଆର୍ଥିକ ସହାୟତା ବିଷୟରେ ସୂଚନା ପାଇପାରିବେ। ଡିଏଚ୍‌ଏସ୍ ଅନୁଯାୟୀ, ଜାନୁଆରୀ ୨୦୨୫ରେ ଆରମ୍ଭ ହେବା ପରଠାରୁ ୨.୨ ମିଲିୟନରୁ ଅଧିକ ବେଆଇନ ପ୍ରବାସୀମାନେ ଏହି କାର୍ଯ୍ୟକ୍ରମକୁ ବ୍ୟବହାର କରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ଜବରଦସ୍ତ ବିତାଡ଼ିତ କରିବାର ମୂଲ୍ୟ ବର୍ତ୍ତମାନ ୧୮,୨୪୫ ଡଲାର ରହିଛି। ଡିଏଚ୍‌ଏସ୍ କହିଛି ଯେ ୨,୬୦୦ ଡଲାର ଦେୟ ପ୍ରଦାନ କରିବା ଦ୍ୱାରା ସିବିପି ହୋମ୍ ଆପ୍ ମାଧ୍ୟମରେ ଗୋଟିଏ ସ୍ୱେଚ୍ଛାକୃତ ପ୍ରସ୍ଥାନର ମୂଲ୍ୟ ପ୍ରାୟ ୫,୧୦୦ ଡଲାରକୁ ହ୍ରାସ ପାଇଥାଏ, ଯାହା ଟିକସଦାତାଙ୍କ ପାଇଁ ବ୍ୟକ୍ତି ପିଛା ୧୩,୦୦୦ ଡଲାରରୁ ଅଧିକ ସଞ୍ଚୟ କରିଥାଏ। ଏହି କାର୍ଯ୍ୟକ୍ରମ ପ୍ରବାସୀମାନଙ୍କୁ ବିନା ଗିରଫଦାରୀ, ଅଟକ କିମ୍ବା ପ୍ରତିବନ୍ଧକରେ ନିୟମିତ ଯାତ୍ରୀ ଭାବରେ ଘରକୁ ଫେରିବାକୁ ଅନୁମତି ଦେଇଥାଏ। ଗତ ବର୍ଷ ମେ ମାସରେ ଯେତେବେଳେ ଏହି ଯୋଜନା ଆରମ୍ଭ କରାଯାଇଥିଲା, ସେତେବେଳେ ଡିଏଚ୍‌ଏସ୍ ୧,୦୦୦ ଡଲାର ପ୍ରସ୍ଥାନ ଦେୟ ପ୍ରଦାନ କରିଥିଲା। ନୂତନ ବର୍ଷ ପୂର୍ବରୁ ଛାଡ଼ିବାକୁ ଉତ୍ସାହିତ କରିବା ପାଇଁ ଡିସେମ୍ବରରେ ଏହାକୁ ୩,୦୦୦ ଡଲାରକୁ ବୃଦ୍ଧି କରାଯାଇଥିଲା। ପରେ ଚଳିତ ବର୍ଷ ଜାନୁଆରିରେ ଏହି ଦେୟ ୨,୬୦୦ ଡଲାର ସ୍ଥିର କରାଯାଇଥିଲା। ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏକ୍ସରେ ବିଭାଗର ପୋଷ୍ଟକୁ ବ୍ୟଙ୍ଗାତ୍ମକ ଭାବେ ସହିତ ପ୍ରତିକ୍ରିୟା ଦେଇଛନ୍ତି। କେତେକ ଏହି ଯୋଜନା ପାଇଁ ଜନସାଧାରଣଙ୍କ ଅର୍ଥର ବ୍ୟବହାରକୁ ମଧ୍ୟ ସମାଲୋଚନା କରିଛନ୍ତି। ଜଣେ ଉପଭୋକ୍ତା ଲେଖିଛନ୍ତି, ଆମେରିକାର ନାଗରିକମାନେ ଏହା ବଦଳରେ ୨,୬୦୦ ଡଲାର ପାଇପାରିବେ କି? ଅନ୍ୟ ଜଣେ ଲେଖିଛନ୍ତି, ଟିକସଦାତାଙ୍କ ଡଲାରର କେତେ ଆଶ୍ଚର୍ଯ୍ୟଜନକ ବ୍ୟବହାର। ଜଣେ ତୃତୀୟ ଉପଭୋକ୍ତା ପଚାରିଥିଲେ, ଜଣେ ଆଇନଗତ, ନିଯୁକ୍ତିପ୍ରାପ୍ତ, ପ୍ରାକୃତିକ ଜନ୍ମିତ ନାଗରିକ ହେବା ପାଇଁ ଆପଣ ମୋତେ କିଛି ନଗଦ ପଠାଇ ପାରିବେ କି?

## ପାଲମର ଏକ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ : ୯ ମୃତ



ନୂଆଦିଲ୍ଲୀ : ଦିଲ୍ଲୀରୁ ଛାତି ଦୋହଲାଇଦେଲା ଭଳି ଘଟଣା ସାମ୍ନାକୁ ଆସିଛି । ଆଜି ସକାଳେ ରାଜଧାନୀ ପାଲମ ଅଞ୍ଚଳରେ ଥିବା ଏକ ୪ ମହଲା କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଅତି କମରେ ଏହି ଦୁର୍ଘଟଣାରେ ୯ ଜଣଙ୍କର ଜୀବନ ଚାଲିଯାଇଛି । କସମେଟିକ୍ ଦୋକାନରେ ନିଆଁ ଲାଗିଯିବାରୁ ଉପର ମହଲାକୁ ଶୀଘ୍ର ବ୍ୟାପିଯାଇଥିଲା ।

ସୂଚନାନୁଯାୟୀ, ଅଗ୍ନିକାଣ୍ଡ ସମୟରେ ଘର ଭିତରେ ୧୮ ଜଣ ଥିଲେ । ନିଆଁ ଲାଗିବା ଫଳରେ ସେମାନଙ୍କ ମଧ୍ୟରୁ କିଛି ଲୋକ ଉପରୁ ଡେଇଁ ନିଜ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ନିଆଁ ଅଧିକ ବ୍ୟାପିବା ଯୋଗୁଁ ଆଉ କିଛି ଲୋକମାନେ ମଧ୍ୟ ଘର ଭିତରେ ଫସି ରହିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ୩୦ ଟି ଦମକଳବାହିନୀ ଗାଡି ପହଞ୍ଚି ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରଥମେ ପାଲମ ମେଟ୍ରୋ ଷ୍ଟେସନ ନିକଟ ଲେନ ନମ୍ବର ୨ରେ ଥିବା ଏକ କୋଠାରେ ଅଗ୍ନିକାଣ୍ଡ ସମ୍ପର୍କରେ ଏକ ଫୋନ୍ କଲ୍ ଯାଇଥିବା ଅଗ୍ନିଶମ ବିଭାଗ କହିଛି । ସେହି ଘରେ କିଛି ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି ବୋଲି ମଧ୍ୟ ଅଗ୍ନିଶମ ବିଭାଗ କହିଛି । ସକାଳ ୭ଟାରେ ସେମାନଙ୍କୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଘଟଣାସ୍ଥଳରେ ୩୦ ଟି ଦମକଳ ବାହିନୀ ଗାଡି ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ଦିଲ୍ଲୀର ପାଲମର ଏକ କୋଠାରେ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରିଛନ୍ତି । ସେ ମାଜିଷ୍ଟ୍ରେଟ୍ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସେ ତାଙ୍କ ସରକାରୀ ଢ ହ୍ୟାଣ୍ଡେଲରେ ଲେଖିଛନ୍ତି ଯେ, ''ପାଲମର ଏକ ଖୋଠାରେ ଘଟିଥିବା ଅଗ୍ନିକାଣ୍ଡ ଦୁର୍ଭାଗ୍ୟଜନକ । ତେଣୁ ଏହି ଘଟଣା ସମ୍ପର୍କରେ ଜାଣିବା ପରେ ମୁଁ ଦୁଃଖିତ । କିଛି ଲୋକ ଏବେ ବି କୋଠାରେ ଫସି ରହିଛନ୍ତି । ସେମାନଙ୍କ ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ, ଦିଲ୍ଲୀ ଅଗ୍ନିଶମ ସେବା ବିଭାଗ ଏବଂ ଦିଲ୍ଲୀ ପୋଲିସ ଉଦ୍ଧାର କାର୍ଯ୍ୟର ନେତୃତ୍ୱ ନେଇଛନ୍ତି । ଏହା ବ୍ୟତୀତ ଘଟଣାର ତଦନ୍ତ ପାଇଁ ମାଜିଷ୍ଟ୍ରେଟ୍ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରୁଛି ।"

## ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର, ଏଣିକି ୬୦% ସିଟ୍ ପାଇଁ ଦେବାକୁ ପଡ଼ିବନି ଅଲଗା ଟଙ୍କା



ନୂଆଦିଲ୍ଲୀ : ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର । ଏଣିକି ୬୦% ସିଟ୍ ମିଳିବ ମାଗଣା । ସିଟ୍ ପାଇଁ ଦେବାକୁ ପଡ଼ିବନି ଅଲଗା ଟଙ୍କା। ପରିବାର ସହ ବସିବା ହେଲା ସହଜ । ଗୋଟିଏ ଟିକେଟ୍ ରେ ଥିବା ସବୁ ଯାତ୍ରୀ ପାଖାପାଖି ସିଟ୍ ପାଇବେ । ପୋଷା ପ୍ରାଣୀ ଏବଂ ବାଦ୍ୟଯନ୍ତ୍ର ନେବା ପାଇଁ ମଧ୍ୟ ନିୟମ ହେଲା ସହଜ । ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଡିଏଉଇ ପକ୍ଷରୁ ବିମାନ ଯାତ୍ରୀଙ୍କ ସୁବିଧା ପାଇଁ ନୂଆ ଏବଂ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଯାତ୍ରୀମାନଙ୍କୁ ଶୋଷଣରୁ ରକ୍ଷା କରିବା ଏବଂ ସେମାନଙ୍କ ଯାତ୍ରାକୁ ଅଧିକ ଆରାମଦାୟକ କରିବା ଏହି ନିୟମର ମୁଖ୍ୟ ଲକ୍ଷ୍ୟ । ଯେକୌଣସି ବିମାନରେ ଅତି କମରେ ୬୦ ପ୍ରତିଶତ ସିଟ୍ ଯାତ୍ରୀମାନଙ୍କୁ ମାଗଣାରେ ବାଛିବା ପାଇଁ ସୁବିଧା ଦିଆଯିବ । ପୂର୍ବରୁ ଅଧିକାଂଶ ଭଲ ସିଟ୍ ପାଇଁ ଏୟାରଲାଇନ୍ସ କମ୍ପାନୀମାନେ ଅଧିକ ଟଙ୍କା ନେଉଥିଲେ । ଯଦି ଆପଣ ଗୋଟିଏ ଚଘଜ (ଏକା ସାଙ୍ଗରେ ଟିକେଟ୍) ରେ ଯାତ୍ରା କରୁଛନ୍ତି, ତେବେ ଏୟାରଲାଇନ୍ସ ଆପଣଙ୍କୁ ପାଖାପାଖି ସିଟ୍ ଦେବାକୁ ଚେଷ୍ଟା କରିବେ । ଏଥିପାଇଁ ଆଉ ଅଲଗା ହୋଇ ବସିବାକୁ ପଡ଼ିବ ନାହିଁ । ଯଦି ଆପଣ ନିଜ ସାଙ୍ଗରେ ବାଦ୍ୟଯନ୍ତ୍ର , ଖେଳ ସାମଗ୍ରୀ କିମ୍ବା ପୋଷା ପ୍ରାଣୀ ନେବାକୁ ଚାହୁଁଛନ୍ତି ତେବେ ଏଥିପାଇଁ କମ୍ପାନୀମାନଙ୍କୁ ସ୍ପଷ୍ଟ ଏବଂ ସହଜ ନିୟମ ପ୍ରସ୍ତୁତ କରିବାକୁ କୁହାଯାଇଛି ।

ଯଦି ବିମାନ ବିଳମ୍ବ ହୁଏ ବାତିଲ୍ ହୁଏ କିମ୍ବା ଆପଣଙ୍କୁ ବୋର୍ଡିଂ ପାଇଁ ମନା କରାଯାଏ ତେବେ ଯାତ୍ରୀଙ୍କ ଅଧିକାରକୁ କଡ଼ାକଡ଼ି ଭାବେ ପାଳନ କରାଯିବ । କମ୍ପାନୀଗୁଡ଼ିକୁ ସେମାନଙ୍କ ୱେବସାଇଟ୍ ଏବଂ ଏୟାରପୋର୍ଟ କାଉଣ୍ଟରରେ ଯାତ୍ରୀଙ୍କ ଅଧିକାର ବିଷୟରେ ସୂଚନା ଦେବାକୁ ପଡ଼ିବ । ସବୁ ଯାତ୍ରୀ ଯେପରି ସହଜରେ ବୁଝିପାରିବେ, ସେଥିପାଇଁ ଏହି ସବୁ ସୁବିଧା ଏବଂ ନିୟମ ବିଷୟରେ ଓଡ଼ିଆ ଭଳି ଆଞ୍ଚଳିକ ଭାଷାରେ ମଧ୍ୟ ସୂଚନା ଦିଆଯିବ । ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବିମାନ ଯାତ୍ରୀଙ୍କ ଅଭିଯୋଗ କମିବ ଏବଂ ସେମାନେ ସ୍ୱଚ୍ଛ ସେବା ପାଇପାରିବେ ।

# ଯୁଦ୍ଧ ସତ୍ତ୍ୱେ ଇରାନ୍ ଲକ୍ଷ ଲକ୍ଷ ବ୍ୟାରେଲ୍ ତୈଳ ରପ୍ତାନି କରୁଛି, ପ୍ରାୟ ୯୦ ଜାହାଜ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିଛନ୍ତି

ତେହେରାନ: ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ତୈଳ ଟ୍ୟାଙ୍କର୍ ସମେତ ପ୍ରାୟ ୯୦ଟି ଜାହାଜ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିଛି। ଜଳପଥ ପ୍ରଭାବଶାଳୀ ଭାବରେ ବନ୍ଦ ହୋଇଥିବା ସମୟରେ ଏହା ଲକ୍ଷ ଲକ୍ଷ ବ୍ୟାରେଲ୍ ତୈଳ ରପ୍ତାନି କରୁଛି। ସାମୁଦ୍ରିକ ତଥ୍ୟ ଫାର୍ମ ଲୟଡସ୍ ଲିଷ୍ଟ ଇଣ୍ଟେଲିଜେନ୍ସ କହିଛି ଯେ, ତଥାକଥିତ ଆମେରିକା ତଥା ପାଶ୍ଚାତ୍ୟ ସରକାରଙ୍କ ପ୍ରତିବନ୍ଧକ ଓ ତଦାରଖକୁ ଏଡ଼ାଇ ହର୍ମୁଜ୍ ପ୍ରଣାଳୀ ଦେଇ ଯାଇଥିବା ଜାହାଜଗୁଡ଼ିକର ଇରାନ ସହିତ ସମ୍ପର୍କ ଥାଇପାରେ। ନିକଟ ଅତୀତରେ, ଭାରତ ଓ ପାକିସ୍ତାନ ସହିତ ସମ୍ପର୍କ ଥିବା ଜାହାଜଗୁଡ଼ିକ ମଧ୍ୟ ସଫଳତାର ସହ ପ୍ରଣାଳୀ ଅତିକ୍ରମ କରିଛନ୍ତି କାରଣ ସରକାର ବୁଝାମଣାକୁ ତ୍ୱରାନ୍ୱିତ କରିଛନ୍ତି।




ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାରରୁ ଅଧିକ ବୃଦ୍ଧି ପାଇବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସହଯୋଗୀ ରାଷ୍ଟ୍ରମାନଙ୍କୁ ହର୍ମୁଜ ପ୍ରଣାଳୀକୁ ଯୁଦ୍ଧ ଜାହାଜ ପଠାଇବାକୁ ଚାପ ପକାଇଥିଲେ, ଯାହାକୁ ସମ୍ପୃକ୍ତ ଦେଶଗୁଡ଼ିକ ଗ୍ରହଣ କରି ନ ଥିଲେ। ବିଶ୍ୱ ତୈଳ ଓ ଗ୍ୟାସ ପରିବହନ ପାଇଁ ପ୍ରମୁଖ ମାର୍ଗ ହର୍ମୁଜ୍ ପ୍ରଣାଳୀ ଦେଇ ଅଧିକାଂଶ ଜାହାଜ ଚଳାଚଳ ଯୁଦ୍ଧ ଆରମ୍ଭ ହେବା ପରେ ମାର୍ଚ୍ଚ ଆରମ୍ଭରୁ ବନ୍ଦ ରହିଛି। ଏହି ଅଞ୍ଚଳରେ ପ୍ରାୟ ୨୦ଟି ଜାହାଜ ଉପରେ ଆକ୍ରମଣ କରାଯାଇଛି। ତେବେ ମାର୍ଚ୍ଚ ଆରମ୍ଭରୁ ଇରାନ ୧୬ ନିୟୁତ ବ୍ୟାରେଲରୁ ଅଧିକ ତୈଳ ରପ୍ତାନି କରିବାରେ ସଫଳ ହୋଇଛି ବୋଲି ବାଣିଜ୍ୟ ତଥ୍ୟ ଓ ବିଶ୍ଳେଷଣ ପ୍ଲାଟଫର୍ମ କେପଲାର ଆକଳନ କରିଛି। ପାଶ୍ଚାତ୍ୟ ପ୍ରତିବନ୍ଧକ ଓ ଆନୁଷଙ୍ଗିକ ବିପଦ ହେତୁ ଚୀନ୍ ଇରାନ ତେଲର ସବୁଠାରୁ ବଡ କ୍ରେତା ହୋଇଛି। ଇରାନର ତୈଳ ରପ୍ତାନି ପରିମାଣରେ ନିରନ୍ତର ସ୍ଥିରତା ରହିଛି ବୋଲି କେପଲାରର ବାଣିଜ୍ୟ ବିପଦ ବିଶ୍ଳେଷକ ଆନା ସୁବାସିକ୍ କହିଛନ୍ତି। ପରାମର୍ଶଦାତା ସଂସ୍ଥା ରେଡାଲର କ୍ଲାଏଣ୍ଟ ନିର୍ଦ୍ଦେଶକ କୁନ୍ କାଓ କହିଛନ୍ତି ଯେ, ଇରାନ ତୈଳ ବିକ୍ରିରୁ ଲାଭ ପାଇବାରେ ସଫଳ ହୋଇଛି ଏବଂ ଚୋକପଏଣ୍ଟ (ହର୍ମୁଜ) ଉପରେ ନିୟନ୍ତ୍ରଣ ବ୍ୟବହାର କରି ନିଜର ରପ୍ତାନି ବୃଦ୍ଧି କରିଛି।

ଇରାନର ତୈଳ ରପ୍ତାନି ତଥ୍ୟ ଆକଳନ ମୁଖ୍ୟତଃ ସାମୁଦ୍ରିକ ଟ୍ରାଫିକ୍ ତଥ୍ୟ ସହିତ ସମାନ। ଲୟଡସ୍ ଲିଷ୍ଟ ଇଣ୍ଟେଲିଜେନ୍ସ ଅନୁଯାୟୀ, ମାର୍ଚ୍ଚ ୧ରୁ ୧୫ ମଧ୍ୟରେ ଅତି କମ୍ ?ରେ ୮୯ଟି ଜାହାଜ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିଥିଲା, ଯେଉଁଥିରେ ୧୬ଟି ତୈଳ ଟ୍ୟାଙ୍କର ଅନ୍ତର୍ଭୁକ୍ତ ଥିଲା। ଯୁଦ୍ଧ ପୂର୍ବରୁ ପ୍ରତିଦିନ ପ୍ରାୟ ୧୦୦ରୁ ୧୩୫ ପର୍ଯ୍ୟନ୍ତ ଜାହାଜ ଅତିକ୍ରମ କରୁଥିଲା। ୮୯ଟି ଜାହାଜ ମଧ୍ୟରୁ ଏକ ପଞ୍ଚମାଂଶରୁ ଅଧିକ ଇରାନ ଅନୁବନ୍ଧିତ ବୋଲି ବିଶ୍ୱାସ କରାଯାଉଥିବା ବେଳେ ଚୀନ୍ ଓ ଗ୍ରୀସ୍ ଅନୁବନ୍ଧିତ ଜାହାଜ ଅନ୍ୟମାନଙ୍କ ମଧ୍ୟରେ ରହିଛି। ଅନ୍ୟ ଜାହାଜଗୁଡ଼ିକ ମଧ୍ୟ ଅତିକ୍ରମ କରୁଛନ୍ତି। ପାକିସ୍ତାନ ନ୍ୟାସନାଲ ସିପିଂ କର୍ପୋରେସନ ଦ୍ୱାରା ନିୟନ୍ତ୍ରିତ ପାକିସ୍ତାନୀ ପତାକା ଥିବା ଅଶୋଧିତ ତୈଳ ଟ୍ୟାଙ୍କର୍ କରାଚୀ ରବିବାର ପ୍ରଣାଳୀ ଦେଇ ଯାଇଥିଲା ବୋଲି ଲୟଡସ୍ ଲିଷ୍ଟ ଇଣ୍ଟେଲିଜେନ୍ସ କହିଛି। ରାଷ୍ଟ୍ରାୟତ୍ତ ସିପିଂ କର୍ପୋରେସନ ଅଫ୍ ଇଣ୍ଡିଆ ମାଲିକାନାରେ ଥିବା ଭାରତୀୟ ଏଲ୍‌ପିଜି ବାହକ ସିୱାଲିକ୍ ଓ ନନ୍ଦାଦେବୀ ମଧ୍ୟ ମାର୍ଚ୍ଚ ୧୩ କିମ୍ବା ୧୪ରେ ପ୍ରଣାଳୀ ଦେଇ ଯାତ୍ରା କରିଥିଲେ। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଇରାନ ସହ ଆଲୋଚନା ପରେ ଏହି ଦୁଇଟି ଜାହାଜ ଅତିକ୍ରମ କରିବାରେ ସକ୍ଷମ ହୋଇଥିଲା। ହର୍ମୁଜ୍ ପ୍ରଣାଳୀ ଦେଇ ଇରାକୀ ତୈଳ ଟ୍ୟାଙ୍କରକୁ ଅନୁମତି ଦେବା ପାଇଁ ଇରାକ ଇରାନ ସହ ଆଲୋଚନା କରୁଛି ବୋଲି ଏହାର ରାଷ୍ଟ୍ରାୟତ୍ତ ସମ୍ବାଦ ଏଜେନ୍ସି ରିପୋର୍ଟ କରିଛି।

## ଏଫ୍‌ଆଇଏଚ୍ ହକି ବିଶ୍ୱକପ୍; ସମାନ ଗ୍ରୁପ୍‌ରେ ଭାରତ-ପାକିସ୍ତାନ

ନୂଆଦିଲ୍ଲୀ, ୧୮/୦୩; ଆଗାମୀ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ (ପୁରୁଷ ଓ ମହିଳା) ପାଇଁ ଆଜି ଡ୍ର' ଘୋଷଣା ହୋଇଛି । ପୁରୁଷ ବିଭାଗରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ସମାନ ଗ୍ରୁପ୍ (ଡି)ରେ ସ୍ଥାନ ପାଇଛନ୍ତି । ସେହିପରି ମହିଳା ବିଭାଗରେ ମଧ୍ୟ ଭାରତୀୟ ଦଳ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି । ଏଥର ବେଲଜିୟମ ଓ ନେଦରଲାଣ୍ଡ୍ସ ମିଳିତ ଭାବେ ହକି ବିଶ୍ୱକପ୍ ଆୟୋଜନ କରିବେ । ଆଗାମୀ ଅଗଷ୍ଟ ୧୪ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ । ପୁରୁଷ ବିଭାଗରେ ଭାରତ ସହଜ ଗ୍ରୁପ ସ୍ଥାନ ପାଇଛି । ଏହି ଗ୍ରୁପ ପାକିସ୍ତାନ, ଇଂଲଣ୍ଡ ଓ ୱେଲ୍ସ ରହିଛନ୍ତି । ଭାରତୀୟ ଦଳ ଅଗଷ୍ଟ ୧୬ ତାରିଖରେ ୱେଲ୍ସକୁ, ୧୮ ତାରିଖରେ ଇଂଲଣ୍ଡକୁ, ୨୦ ତାରିଖରେ ପାକିସ୍ତାନକୁ ଭେଟିବ ।ସେହିପରି ଗ୍ରୁପ୍-ଏ'ରେ ଆୟୋଜକ ନେଦରଲାଣ୍ଡ୍ସ ସମେତ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ ରହିଥିବାବେଳେ ଗ୍ରୁପ୍-ବି'ରେ ବେଲଜିୟମ, ଜର୍ମାନୀ, ଫ୍ରାନ୍ସ, ମାଲେସିଆ ଏବଂ ଗ୍ରୁପ୍-ସି'ରେ ଅଷ୍ଟ୍ରେଲିଆ, ସ୍ପେନ, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି । ମହିଳା ବିଭାଗରେ ଭାରତୀୟ ଦଳ ଗ୍ରୁପ୍ଡି'ରେ ଚୀନ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି । ଦଳ ଅଗଷ୍ଟ ୧୬ରେ ଚୀନକୁ, ୧୮ରେ ଦକ୍ଷିଣ ଆଫ୍ରିକାକୁ, ୨୦ରେ ଇଂଲଣ୍ଡକୁ ଭେଟିବ । ଗ୍ରୁପ୍ଏ'ରେ ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ, ଚିଲି, ଜାପାନ ଗ୍ରୁପ୍-ବି'ରେ ଆର୍ଜେଣ୍ଟିନା, ଜର୍ମାନୀ, ଆମେରିକା, ସ୍କଟଲାଣ୍ଡ ଏବଂ ଗ୍ରୁପ୍-ସି'ରେ ବେଲଜିୟମ, ସ୍ପେନ, ନ୍ୟୁଜିଲାଣ୍ଡ ଓ ଆୟର୍ଲାଣ୍ଡ ରହିଛନ୍ତି । ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ୨ଟି ଲେଖାଏଁ ଦଳ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବେ । ଏହି ରାଉଣ୍ଡରେ ୨ଟି ଗ୍ରୁପ୍ (ଇ ଓ ଏଫ୍)ରେ ୮ଟି ଦଳ ଭାଗ ନେବେ । ସେହିପରି ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ପ୍ରଦର୍ଶନକାରୀ ୨ଟି ଲେଖାଏଁ ଦଳ ସେମି ଫାଇନାଲ୍‌କୁ ଉନ୍ନୀତ ହେବେ ।

## କିଛି ମ୍ୟାଚ୍ ପାଇଁ କିଶନ ହାଇଦ୍ରାବାଦ ଅଧିନାୟକ

ହାଇଦ୍ରାବାଦ, ୧୮।୩ : ଆସନ୍ତା ମାର୍ଚ୍ଚ ୨୮ରୁ ଆରମ୍ଭ ହେବ ଆଇପିଏଲ ୨୦୨୬ର ସଂସ୍କରଣ । ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆରସିବି ଓ ସନ ରାଇଜର୍ସ ହାଇଦ୍ରାବାଦ । ଏହି ମ୍ୟାଚ୍ ପୂର୍ବରୁ ହାଇଦ୍ରାବାଦ ପକ୍ଷରୁ ବଡ ଘୋଷଣା କରାଯାଇଛି ।

ଆଇପିଏଲ ୨୦୨୬ର କିଛି ପ୍ରାରମ୍ଭିକ ମ୍ୟାଚ୍‌ରେ ଈଶାନ କିଶନଙ୍କୁ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି । ସେହିପରି ଓପନର ଅଭିଷେକ ଶର୍ମାଙ୍କୁ ଟିମର ଉପ ଅଧିନାୟିକ ଦାୟିତ୍ୱ

### ଅଭିଷେକଙ୍କୁ ନୂଆ ଦାୟିତ୍ୱ

ଦିଆଯାଇଛି । ଦଳର ନିୟମିତ ଅଧିନାୟକ ପାଟ କମିନ୍ସ ଏବେ ବି ପିଠି ଜନିତ ଆହତ ସମସ୍ୟାରୁ ମୁକୁଳି ନାହାନ୍ତି । ଏଥିପାଇଁ ସେ ଟି-୨୦ ବିଶ୍ୱକପ ମଧ୍ୟ ଖେଳି ନଥିଲେ । ସେ ସୁସ୍ଥ ହେବା ଯାଏ ହାଇଦ୍ରାବାଦର କମାଣ ଈଶାନଙ୍କ ହାତରେ ରହିବ ବୋଲି ଫ୍ରାଞ୍ଚାଇଜ ପକ୍ଷରୁ ବିଧିବଦ୍ଧ ଭାବେ ଆଜି ଘୋଷଣା କରାଯାଇଛି ।

ଟି-୨୦ ବିଶ୍ୱକପରେ ଭାରତ ପାଇଁ ଦମଦାର ପ୍ରଦର୍ଶନ କରିଥିଲେ ଈଶାନ । ସେ ୧୯୩ ଷ୍ଟ୍ରାଇକ ରେଟରେ ୩୧୭ ରନ କରିଥିଲେ । ଏହାପୂର୍ବରୁ ତାଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ସୟିଦ ମୁସ୍ତାକ ଅଲୀ ଟ୍ରଫି ମଧ୍ୟ ଜିତିଥିଲା । ଏବେ ଈଶାନ ଜବରଦସ୍ତ ଫର୍ମରେ ଥିବାରୁ କମିନ୍ସଙ୍କ ଅନୁପସ୍ଥିତରେ ସେ ହାଇଦ୍ରାବାଦର କ୍ୟାପ୍ଟେନ୍ସି ସମ୍ଭାଳିବେ ।




ତେବେ କମିନ୍ସ ଆଇପିଏଲର କେତୋଟି ମ୍ୟାଚ୍‌ରେ ଉପଲବ୍ଧ ରହିବେ ନାହିଁ, ସେକଥା ସ୍ପଷ୍ଟ ହୋଇନି । କିନ୍ତୁ ଅଷ୍ଟ୍ରେଲିଆର ଦଳର ଅଧିନାୟକ କମିନ୍ସ ମାର୍ଚ୍ଚ ୨୩ରେ ଆରମ୍ଭ ହେଉଥିବା ହାଇଦ୍ରାବାଦ କ୍ୟାମ୍ପରେ ଯୋଗଦେବେ । ସେ ହାଇଦ୍ରାବାଦ ଟିମ ସହ ରହି ରିହ୍ୟାବ କରିବେ । ହାଇଦ୍ରାବାଦ ପ୍ରଥମ ମ୍ୟାଚ୍ ୨୮ରେ ଖେଳିବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଏପ୍ରିଲ ୨ରେ କେକେଆର ବିପକ୍ଷରେ ଖେଳିବ । ଏପ୍ରିଲ ୫ରେ ଦଳ ନିଜ ହୋମ ଗ୍ରାଉଣ୍ଡରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ଭେଟିବ । ୩୨ ବର୍ଷୀୟ କମିନ୍ସ ଡିସେମ୍ବର ମାସରୁ କ୍ରିକେଟରୁ ଦୂରେଇ ରହିଛନ୍ତି । ଆଶେସ ଟେଷ୍ଟର ପ୍ରଥମ ମ୍ୟାଚ୍ ପରଠାରୁ ଆଉ ସେ ଖେଳି ନାହାନ୍ତି । ହେଲେ ଆଇପିଏଲ ଜରିଆରେ ସେ କମବ୍ୟାକ କରିବେ ବୋଲି ଜଣାପଡିଛି । କମିନ୍ସ ଏଯାଏ ହାଇଦ୍ରାବାଦର ନେତୃତ୍ୱ ୩୦ଟି ମ୍ୟାଚ୍‌ରେ ନେଇଥିବା ବେଳେ ଦଳ ୧୫ଟି ଜିତିଛି ଓ ୧୪ଟି ହାରିଛି । ଗୋଟିଏ ମ୍ୟାଚ୍‌ର ରେଜଲ୍ଟ ବାହାରି ପାରି ନଥିଲା । ୨୦୨୪ରେ କମିନ୍ସଙ୍କ ନେତୃତ୍ୱରେ ହାଇଦ୍ରାବାଦ ଆଇପିଏଲ ଫାଇନାଲ ଖେଳିଥିଲା । ହେଲେ ଦଳକୁ କୋଲକାତା ଠାରୁ ହାରିବାକୁ ପଡିଥିଲା । ୨୦୨୫ରେ ଦଳ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଥିଲା ।

## ବୁମରା ଏବଂ ଅକ୍ଷରଙ୍କ ଦରମା ବଢ଼ିବ

ନୂଆଦିଲ୍ଲୀ, ୧୮ ।୩: ଜସପ୍ରିତ ବୁମରାହ ଏବଂ ଅକ୍ଷର ପଟେଲ ନିରନ୍ତର ଭଲ ପ୍ରଦର୍ଶନ କରିଆସୁଛନ୍ତି । ଏହା ସତ୍ତ୍ୱେ, କେନ୍ଦ୍ରୀୟ ଚୁକ୍ତିନାମା ଅନୁଯାୟୀ ସେମାନଙ୍କର ଦରମା ହ୍ରାସ କରାଯାଇଥିଲା । ବର୍ତ୍ତମାନର ରିପୋର୍ଟ ଅନୁସାରେ ସେମାନଙ୍କ ଦରମା ବୃଦ୍ଧି ପାଇବାକୁ ଯାଉଛି । ଏହି ବିଷୟ ଉପରେ ବର୍ତ୍ତମାନ ବିସିସିଆଇ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ଚାଲିଛି । ରିପୋର୍ଟ ଅନୁସାରେ, ବିସିସିଆଇର ମତ ହେଉଛି ଯେ କେନ୍ଦ୍ରୀୟ ଚୁକ୍ତିନାମାର ଇ ବର୍ଗରେ ଆସୁଥିବା ବୁମରାଙ୍କ ଦରମା ହ୍ରାସ ପାଇବା ଉଚିତ୍ ନୁହେଁ । ବିସିସିଆଇର ଇ ବର୍ଗ କେନ୍ଦ୍ରୀୟ ଚୁକ୍ତିନାମାରେ ବାର୍ଷିକ ୫କୋଟି ପାରିଶ୍ରମିକ ରହିଛି । ବିସିସିଆଇ 'ଇ+' ବର୍ଗକୁ ବନ୍ଦ କରିଦେଇଛି, ଯାହା ଅଧୀନରେ ବୁମରାହ ପୂର୍ବରୁ ୭କୋଟି ପାଉଥିଲେ ।



ଏକ ରିପୋର୍ଟ ଅନୁଯାୟୀ, ଇଉଉଓ ଜସପ୍ରିତ ବୁମରାଙ୍କୁ କିପରି କ୍ଷତିପୂରଣ ଦିଆଯିବ ତାହା ନିର୍ଣ୍ଣୟ କରିବା ପାଇଁ ଏକ ରାସ୍ତା ବାହାର କରୁଛି । ଇଉଉଓ ର ଏକ ସୂତ୍ର କହିଛି, "ବୋର୍ଡ ଏକ ସମାଧାନ ଉପରେ କାମ କରୁଛି ଯାହା ଦ୍ୱାରା ବୁମରାହଙ୍କୁ ତାଙ୍କ ପ୍ରାପ୍ୟ ପାରିଶ୍ରମିକ ମିଳିବ । ଅନ୍ୟ ଖେଳାଳି ଅଛନ୍ତି ଯାହାଙ୍କ ଦରମା ହ୍ରାସ କରାଯାଇଛି, ଏବଂ କେନ୍ଦ୍ରୀୟ ଚୁକ୍ତିନାମାରେ ପରିବର୍ତ୍ତନ ଏବେ ଏକ ସମ୍ଭାବନା ।" ଯଦି ଇଉଉଓ ଏହି ପରିବର୍ତ୍ତନଗୁଡ଼ିକୁ କାର୍ଯ୍ୟକାରୀ କରେ, ତେବେ ଟି୨୦ ଦଳର ଉପ-ଅଧିନାୟକ ଅକ୍ଷର ପଟେଲ ମଧ୍ୟ ବୋର୍ଡଠାରୁ ଅଧିକ ଦରମା ପାଇପାରିବେ ।

ଆଶ୍ଚର୍ଯ୍ୟଜନକ ଭାବରେ, ଅକ୍ଷର ପଟେଲ ବର୍ତ୍ତମାନ ଗ୍ରେଡ୍ ଉ ବର୍ଗରେ ପଡ଼ନ୍ତି, ଯାହାଙ୍କର ବାର୍ଷିକ ଦରମା ମାତ୍ର ୧ କୋଟି । ଅକ୍ଷର ପଟେଲ ଦୁଇଟି ଟ୨୦ ବିଶ୍ୱକପ୍ ଏବଂ ଚାମ୍ପିଅନ୍ସ ଟ୍ରଫିରେ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଫଳସ୍ୱରୂପ, ଅନେକ କ୍ରିକେଟ ବିଶେଷଜ୍ଞ ପୂର୍ବରୁ ତାଙ୍କର ତୁଳନାତ୍ମକ କମ୍ ପାରିଶ୍ରମିକ ସମ୍ପର୍କରେ ଚିନ୍ତା ପ୍ରକାଶ କରିଥିଲେ । ଇଉଉଓ ଏବେ ତାଙ୍କ ଦରମା ବୃଦ୍ଧି କରିବାର ସମ୍ଭାବନା ରହିଛି ।ଗ୍ରେଡ୍ ଏରେ ଶୁଭମାନ ଗିଲ, ଜସପ୍ରୀତ ବୁମ୍ରା ଏବଂ ରବିନ୍ଦ୍ର ଜାଡେଜା ରହିଛନ୍ତି । ଗ୍ରେଡ୍ ବିରେ ରୋହିତ ଶର୍ମା, ବିରାଟ କୋହଲି, କେ.ଏଲ୍ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଋଷଭ ପନ୍ତ, କୁଲଦୀପ ଯାଦବ, ଯଶସ୍ୱୀ ଜୟସ୍ୱାଲ, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟର, ମହମ୍ମଦ ସିରାଜ ଏବଂ ୱାଶିଂଟନ୍ ସୁନ୍ଦର ଅନ୍ତର୍ଭୁକ୍ତ ।ଗ୍ରେଡ୍ ସିରେ ଅକ୍ଷର ପଟେଲ, ରିଙ୍କୁ ସିଂ, ତିଲକ ଭର୍ମା, ଶିବମ୍ ଦୁବେ, ଅର୍ଶଦୀପ ସିଂ, ସଞ୍ଜୁ ସାମସନ, ପ୍ରସାଦ କୃଷ୍ଣ, ଆକାଶ ଦୀପ, ଧ୍ରୁଭ ଜୁରେଲ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, ନୀତୀଶ କୁମାର ରେଡ୍ଡୀ, ଅଭିଷେକ ଶର୍ମା, ସାଇକ୍ ସୁଦର୍ଶନ, ସାଇ ସୁଦର୍ଶନ ରହିଛନ୍ତି ।

## ଫିଫାରେ ଟି-ଟ୍ୱେଣ୍ଟି ବିଶ୍ୱକପ ପରି ଡ୍ରାମା

ନୂଆଦିଲ୍ଲୀ, ୧୮/୦୩; ମାସକ ତଳେ ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପରେ ବିବାଦ ଦେଖା ଦେଇଥିଲା । ଠିକ୍ ସେହିପରି ଫିଫା ବିଶ୍ୱକପ ୨୦୨୬କୁ ନେଇ ବିବାଦ ଉପୁଜିଛି । ସୁରକ୍ଷା ଚିନ୍ତା ଦର୍ଶାଇ ବାଂଲାଦେଶ ଟି-ଟ୍ୱେଣ୍ଟି ବିଶ୍ୱକପ ଖେଳିବା ପାଇଁ ଭାରତ ଯାତ୍ରା କରିବାକୁ ମନା କରିଥିଲା । ଠିକ୍ ସେହିପରି ଇରାନ ଫୁଟବଲ ଦଳ ସୁରକ୍ଷା ଚିନ୍ତା ଦର୍ଶାଇ ସମାନ ଭାବରେ ଆମେରିକାରେ ମ୍ୟାଚ୍ ଖେଳିବାକୁ ବିଷୟରେ ଚିନ୍ତା ପ୍ରକାଶ କରିଛି । ଫିଫା ବିଶ୍ୱକପ ଜୁନ୍ ୧୧ ତାରିଖରୁ ଆରମ୍ଭ ହେବ । ଜୁଲାଇ ୧୯ ପର୍ଯ୍ୟନ୍ତ ଚାଲିବ । କ୍ରିକେଟ ବିଶ୍ୱକପରେ ବାଂଲାଦେଶ ଭାରତ ବଦଳରେ ଏକ ନିରପେକ୍ଷ ଗ୍ରାଉଣ୍ଡ ଦାବି କରିଥିଲା । ତାର ମ୍ୟାଚ୍‌କୁ ଶ୍ରୀଲଙ୍କା କିମ୍ବା ପାକିସ୍ତାନକୁ ସ୍ଥାନାନ୍ତର କରିବାକୁ ଦାବି କରିଥିଲା । ଏବେ ଫିଫା ବିଶ୍ୱକପରେ ଇରାନ ସମାନ ଭାବରେ ତାର ମ୍ୟାଚ୍‌କୁ ମେକ୍ସିକୋକୁ ସ୍ଥାନାନ୍ତର କରିବାକୁ ଦାବି କରିଛି । ଏହା ପରେ ମେକ୍ସିକୋ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଛି କହିଛି କି, ଆବଶ୍ୟକ ହେଲେ ସେ ଇରାନର ମ୍ୟାଚ୍ ଆୟୋଜନ କରିବ । ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍ କହିଛନ୍ତି ଯେ, ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫା ଚାହେଁ ତେବେ ମେକ୍ସିକୋ ଇରାନ ମ୍ୟାଚ୍ ଆୟୋଜନ କରିବାକୁ ଇଚ୍ଛୁକ । ଏଥିରେ ଦେଶକୁ କୌଣସି ଅସୁବିଧା ହେବ ନାହିଁ । ଇରାନ ଫୁଟବଲ ଫେଡେରେସନ ପୂର୍ବରୁ ଫିଫାକୁ ଆମେରିକା ବାହାରେ ଅନ୍ୟ ଏକ ଦେଶରେ ମ୍ୟାଚ୍ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଛି । ଏହି ଅଞ୍ଚଳରେ ସମ୍ପ୍ରତି ବୃଦ୍ଧି ପାଇଥିବା ସାମରିକ ଉତ୍ତେଜନା ଏବଂ ଆମେରିକା ସଂଯୁକ୍ତ ଆକ୍ରମଣ ପରେ ଇରାନୀ ଦଳ ତାର ଖେଳାଳିଙ୍କ ସୁରକ୍ଷା ବିଷୟରେ ଚିନ୍ତିତ ।୨୦୨୬ ବିଶ୍ୱକପ ୩ଟି ଦେଶରେ ଅନୁଷ୍ଠିତ ହେବ । ଆମେରିକା, ମେକ୍ସିକୋ ଏବଂ କାନାଡରେ ବିଶ୍ୱକପ ଆୟୋଜିତ ହେବ । ବର୍ତ୍ତମାନ ଇରାନ କିଛି ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଆମେରିକାର ବିଭିନ୍ନ ସହରରେ ଖେଳିବାର କାର୍ଯ୍ୟକ୍ରମ ରହିଛି ।

## ଏଲଏଲସିସି କପ୍ : କ୍ୱାର୍ଟରରେ ରେଡ ଷ୍ଟାର୍

ଭୁବନେଶ୍ୱର, ୧୮।୩: ସ୍ଥାନୀୟ ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ଡ୍ୟୁଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରେଡ ଷ୍ଟାରର ବଡ ବିଜୟ । ଆଜି ପ୍ରି-କ୍ୱାର୍ଟର ଫାଇନାଲରେ ଦଳ କଟକର ଜୁଭେନାଇଲ କ୍ଲବକୁ ୪୫ ରନରେ ହରାଇ ଦେଇଛି । ଏହି ବିଜୟ ସହ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳି ମୁଖ୍ୟ ପ୍ରତିଯୋଗିତାକୁ ଆସିଥିବା ରେଡ ଷ୍ଟାର କ୍ୱାର୍ଟର ଫାଇନାଲରେ ପହଞ୍ଚି ଯାଇଛି ।



ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ରେଡ ଷ୍ଟାର ନିର୍ଦ୍ଧାରିତ ୩୫ ଓଭରରେ ୮ ୱିକେଟ ହରାଇ ୨୩୩ ରନ କରିଥିଲା । ଦଳ ୮ଟି ୱିକେଟ ହରାଇଥିବା ବେଳେ ୬ ଜଣ ବ୍ୟାଟର ରନ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ । ରେଡ ଷ୍ଟାର ପକ୍ଷରୁ ଓମ ଶ୍ରୀ ଏସ ସାହୁ ସର୍ବାଧିକ ୫୬ ରନ କରିଥିବା ବେଳେ ଅମିତ କୁମାର ସାହୁ ୪୯ ଓ ଶେଖ ମହମ୍ମଦ ରିୟାଜ ଅପରାଜିତ ୨୮ ରନ କରିଥିଲେ । ଜୁଭେନାଇଲର ଦୁର୍ଗାଶିଷ ବେହେରା ଓ ଓମ ପି ବିଶ୍ୱାଳ ଗୋଟିଏ ଲେଖାଏ ୱିକେଟ ପାଇଛନ୍ତି ।

୨୩୪ ରନର ଟାର୍ଗେଟକୁ ପିଛା କରୁଥିବା ଜୁଭେନାଇଲ କ୍ଲବ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଦଳ ୧୨ ରନରେ ୨ଟି ୱିକେଟ ହରାଇଥିଲା । ଏହାପରେ ଅମ୍ରିତ କୁମାର ମହାନ୍ତି ୬୩ ରନ, ପି ହୃଷିକେଶ ରାଓ ୨୫ ରନ ଓ ଶେଷ ଭାଗରେ ବିବେକାନନ୍ଦ ବାରିକ ୨୮ ରନ କରିବାରୁ ଦଳ କିଛିଟା କମବ୍ୟାକ କରିଥିଲା । ହେଲେ ରେଡ ଷ୍ଟାରର ଘାତକ ବୋଲିଂ ଯୋଗୁ ଜୁଭେନାଇଲ ଶେଷରେ ୯ ୱିକେଟ ହରାଇ କେବଳ ୧୮୯ ରନ କରିପାରିଥିଲା ।

ରେଡ ଷ୍ଟାର ପକ୍ଷରୁ ଶେଖ ମହମ୍ମଦ ରିୟାଜ ଓ ଡିଏସ ରାଉତ ୨ଟି ଲେଖାଏ ୱିକେଟ ପାଇଥିବା ବେଳେ ଓମ ଶ୍ରୀ ଏସ୍ ସାହୁ, ମହମ୍ମଦ ଶାହବାଜ ସଲାମ ଓ ସ୍ମୃତି ରଞ୍ଜନ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି ।ବ୍ୟାଟିଂରେ ୪୦ ବଲରେ ୫୯ ଓ ବୋଲିଂରେ ଗୋଟିଏ ୱିକେଟ ପାଇଥିବା ଓମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଓସିଏମ ପ୍ୟାନେଲ ଅମ୍ପାୟାର ଅବଦୁଲ ରହିମ ଖାନ ଓ ଆଶିଷ ସାହୁ ଦେଇଛନ୍ତି ।

## ଚଳିତ ବର୍ଷ ପଡ଼ିବ ହାତଗଣ୍ଠି

ନୂଆଦିଲ୍ଲୀ : ଟିମ୍ ଇଣ୍ଡିଆର ଷ୍ଟାର ଫିନିସର ରିଙ୍କୁ ସିଂହ ଏବଂ ଆପ୍ ସାଂସଦ ପ୍ରିୟା ସରୋଜଙ୍କ ନିର୍ବନ୍ଧ ଶେଷ ହୋଇଛି । କିନ୍ତୁ ନିକଟରେ ରିଙ୍କୁ ପିତାଙ୍କ ଦେହାନ୍ତ ହୋଇଛି । ଏହାପରେ ମଧ୍ୟ ଟିମ୍ ଇଣ୍ଡିଆର ଟି-୨୦ କ୍ୟାମ୍ପରେ ଯୋଗ ଦେଇଥିଲେ ରିଙ୍କୁ । ଟି-୨୦ ବିଶ୍ୱପ ବିଜେତା ଦଳର ସେ ସଦସ୍ୟ ମଧ୍ୟ ରହିଥିଲେ । ସେପଟେ କିଛିଦିନ ପୂର୍ବ କେବେ ଏମାନଙ୍କ ପଡ଼ିବ ହାତଗଣ୍ଠି ଏହାକୁ ନେଇ ଫ୍ୟାନ୍ସଙ୍କ ମଧ୍ୟରେ ଚର୍ଚ୍ଚା ଲାଗି ରହିଛି । ଏହି ଚର୍ଚ୍ଚା ଭିତରେ ବାହାଘରକୁ ନେଇ ବଡ଼ ଅପଡେଟ୍ ଦେଇଛନ୍ତି ରିଙ୍କୁଙ୍କ ଶ୍ୱଶୁର ତୁଫାନୀ ସରୋଜ ।



ବରିଷ୍ଠ ରାଜନେତା ତୁଫାନୀ କହିଛନ୍ତି କି, ନିକଟରେ ରିଙ୍କୁଙ୍କ ବାପାଙ୍କ ଦେହାନ୍ତ ହୋଇଛି । ଏଣୁ ବିବାହକୁ ନେଇ ଉଭୟ ପରିବାର ଏବେ ବ୍ୟସ୍ତ ନୁହଁନ୍ତି । ଯେଉଁ କାରଣରୁ ବିବାହ ତାରିଖ ଠିକ୍ ହୋଇନାହିଁ । ବାହାଘର ପାଇଁ ଉଭୟ ପରିବାର ଏକାଠି ବସିବେ ଏବଂ ଆଲୋଚନା କରିବେ । ଯେବେ ରିଙ୍କୁଙ୍କ ପରିବାର ଚାହିଁବେ ସେବେ ସେମାନେ ଏସମ୍ପର୍କରେ ଆଲୋଚନା କରିବେ । ଏହାସହ ବିବାହକୁ ନେଇ ଆଉ ଏକ ସୂଚନା ଦେଇଛନ୍ତି । ସେ କହିଛନ୍ତି କି, ୨୦୨୭ ମସିହାରେ ନିର୍ବାଚନ ହେବ । ଏଣୁ ଏହା ପୂର୍ବରୁ ଅର୍ଥାତ ଚଳିତବର୍ଷ ବିବାହ ହେବ । ଉଭୟ ପରିବାରର ସମ୍ମତିରେ ହେବ ।କହି ରଖୁଛୁ କି, ରିଙ୍କୁ ଏବଂ ପ୍ରିୟାଙ୍କ ନିର୍ବନ୍ଧ ୨୦୨୫ ମସିହା ଜୁନ୍ ୮ରେ ହୋଇଥିଲା । ପ୍ରଥମେ କୁହାଯାଇଥିଲା କି, ନଭେମ୍ବର ୨୦୨୫ରେ ବିବାହ ହେବ । ମାତ୍ର ଏହା ହୋଇନଥିଲା ପରେ କୁହାଯାଇଥିଲା କି, ଟି-୨୦ ବିଶ୍ୱକପ ପରେ ବିବାହ ହେବ । ମାତ୍ର ଟି-୨୦ ବିଶ୍ୱକପ ସମୟରେ ରିଙ୍କୁ ସିଂହଙ୍କ ବାପାଙ୍କ ପରଲୋକ ହୋଇଥିଲା । ଯେଉଁ କାରଣରୁ ବିବାହ ଏବେ ମଧ୍ୟ ସ୍ଥଗିତ ରହିଛି । ତେବେ ଟି-୨୦ ବିଶ୍ୱକପ ୨୦୨୬ରେ ରିଙ୍କୁଙ୍କ ବ୍ୟାଟ୍ ନିରବ ରହିଥିଲା । ଶେଷ ପର୍ଯ୍ୟାୟ ମ୍ୟାଚ୍ ଗୁଡ଼ିକରେ ତାଙ୍କୁ ଦଳରେ ଖେଳିବାର ମଧ୍ୟ ସୁଯୋଗ ମିଳିନଥିଲା ।

## ବାପା ହେବାକୁ ଯାଉଛନ୍ତି ସୂର୍ଯ୍ୟକୁମାର

ମୁମ୍ବାଇ, ୧୮।୩: ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟ ସହ ବ୍ୟକ୍ତିଗତ ଜୀବନର ଆଉ ଏକ ବଡ଼ ଶୁଭଖବର ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଉଲ୍ଲସିତ କରିଛି । କ୍ରିକେଟ୍ ପଡ଼ିଆରେ ବଡ଼ବଡ଼ ସଟ୍ ଖେଳିବା ଲାଗି ପରିଚିତ ସୂର୍ଯ୍ୟ ଖୁବଶୀଘ୍ର ବାପା ହେବାକୁ ଯାଉଛନ୍ତି । ଆଉ ମାତ୍ର ଦିନ କେଇଟା ପରେ ସୂର୍ଯ୍ୟ ଓ ତାଙ୍କ ପତ୍ନୀ ଦେବୀଶା ନିଜ ପ୍ରଥମ ସନ୍ତାନ ପିତାମାତା ହେବେ । ଗତ ଶନିବାର ଏଥିଲାଗି ୭ ମାସିଆ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୂର୍ଯ୍ୟଙ୍କ ପରିବାର ଓ ନିକଟତମ ବନ୍ଧୁବର୍ଗ ଉପସ୍ଥିତ ରହି ଦେବୀଶା ଓ ତାଙ୍କ ଗର୍ଭରେ ବୁଥିବା ସନ୍ତାନର ଶୁଭ ମାନସି ଥିଲେ । ବିବାହର ୧୦ବର୍ଷ ପରେ ଏଭଳି ଏକ ଖୁସି ଖବର ପାଇଥିବାରୁ ଉଭୟ ଏବେ ଜୀବନର ଏହି ସୁଖଦ ମୁହୂର୍ତ୍ତକୁ ମନଭରି ଉପଭୋଗ କରୁଛନ୍ତି । ପ୍ରକାଶ ଥାଉ କି ସୂର୍ଯ୍ୟ ଓ ଦେବୀଶା ୭ ଜୁଲାଇ ୨୦୧୬ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ୍ୟ ସେବେଠାରୁ ଦେବୀଶାଙ୍କୁ ସବୁବେଳେ ସୂର୍ଯ୍ୟଙ୍କ ପାଖେପାଖେ ରହିଆସିଛନ୍ତି । ଦେବୀଶାଙ୍କ ବେବି ସାୱାର (୭-୮ ମାସ ବେଳେ ହେଉଥିବା ଏକ ବିଧି)ର ଏକ ସୁନ୍ଦର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଉତ୍ତର ପଶ୍ଚିମ ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଆୟୋଜିତ ଏହିଉତ୍ସବରେ ଯାଦବ ଦମ୍ପତି ଏକାଠି ପହଞ୍ଚି ପରିବାର ଏବଂ ବନ୍ଧୁମାନଙ୍କ ସହିତ ଏହି ମୁହୂର୍ତ୍ତକୁ ବାଣ୍ଟୁଥିବା ଦେଖାଯାଉଛି । ହେଲେ ଦେବୀଶା ଓ ସ୍କାଏ ଏପର୍ଯ୍ୟନ୍ତ ସେମାନଙ୍କର ସୋସିଆଲ୍ ମିଡିଆ । ହ୍ୟାଣ୍ଡେଲରେ ଏହି ଖବର ଘୋଷଣା କରିନାହାନ୍ତି ।

## ସିରିଜ୍‌କୁ ୧-୧ରେ ବରାବର କଲା ନ୍ୟୁଜିଲାଣ୍ଡ

ହାମିଲଟନ, ୧୭।୩: ଡେଭନ କନୱେଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୬୮ ରନରେ ପରାସ୍ତ କରିଛି । ଏହି ବିଜୟ ସହିତ ନ୍ୟୁଜିଲାଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିଛି । ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୨୦ ତାରିଖରେ ଅକ୍‌ଲାଣ୍ଡର ଇଡେନ ପାର୍କରେ ଖେଳାଯିବ ।ପାଇ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୭୫ ରନ କରିଥିଲା । କନୱେ ୬୦ (୫ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଭଲ ଆରମ୍ଭ ଦେଇଥିବା ବେଳେ ଶେଷ ଆଡ଼କୁ ଜଶ କ୍ଲାର୍କସନ ୯ ବଲରେ ଅପରାଜିତ ୨୬ (୨ ଲେଖାଏ ଚୌକା ଓ ଛକା) ରନର ପାଳି ଖେଳିଥିଲେ ।ଜବାବରେ ବେନ ସିଅର୍ସ ଓ ଲୋକି ଫର୍ଗୁସନଙ୍କ ମିଳିତ ୬ ଉଇକେଟ ଯୋଗୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୧୫.୩ ଓଭରରେ ୧୦୭ ରନରେ ଅଲଆଉଟ୍ ହୋଇଯାଇଥିଲା । ପେସ ଓ ବାଉନ୍ସ ଭ୍ୟାରି କରୁଥିବା ପିଚ୍‌ରେ ଦଳର ପ୍ରତ୍ୟେକ ବ୍ୟାଟର ଟାଇମିଂ ପାଇଁ ସଂଘର୍ଷ



କରିଥିଲେ ଏବଂ ସମସ୍ତ ବ୍ୟାଟର କ୍ୟାଚ୍ ଆଉଟ୍ ହୋଇଥିଲେ । ଦକ୍ଷିଣ ଆଫ୍ରିକା ୪୦ ରନ ମଧ୍ୟରେ ତା'ର ଅନ୍ତିମ ୬ ଉଇକେଟ ହରାଇଥିଲା । କେବଳ ଜର୍ଜ ଲିଣ୍ଡେ ୧୨ ବଲରେ ୩ ଲେଖାଏ ଚୌକା ଓ ଛକା ସହାୟତାରେ ୩୩ ରନ କରିଥିଲେ ।

## ଆହୁରି ଖେଳିବାକୁ ଚାହୁଁଥିଲେ ସଚିନ

ନୂଆଦିଲ୍ଲୀ:, ୧୮।୩: ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାଟର ତଥା କ୍ରିକେଟର ଭଗବାନ ଭାବରେ ପରିଚିତ ସଚିନ ତେନ୍ଦୁଲକର ଅବସର ନେବାର ଏକ ଦଶନ୍ଧିରୁ ଅଧିକ ସମୟ ବିତିଗଲାଣି । ଏହା ସତ୍ତ୍ୱ, ସଚିନଙ୍କ ଏବେ ବି ଅନେକ ବିଶ୍ୱ ଅତୁଟ ରହିଛି । ୨୦୧୧ ଦିନିକିଆ ବିଶ୍ୱକପ୍ ବିଜୟ ପାଇଁ ଟିମ୍ ଇଣ୍ଡିଆର ନେତୃତ୍ୱ ନେଇଥିବା ସଚିନ ୧୯୯୦ ଏବଂ ୨୦୦୦ ଦଶକରେ ଭାରତକୁ ଏକ ଶକ୍ତିଶାଳୀ ଦିନିକିଆ ଦଳ ଭାବେ ଗଢିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ସେ ୨୦୧୨ ମାର୍ଚ୍ଚ ୧୮ରେ ଏସିଆ କପରେ ପାକିସ୍ତାନ ବିପକ୍ଷରେ ନିଜର ଶେଷ ଦିନିକିଆ ଖେଳିଥିଲେ । ପରବର୍ତ୍ତୀ ସମୟରେ ସେ ୨୦୧୨ ଡିସେମ୍ବର ୨୨ରେ ଦିନିକିଆ ଫର୍ମାଟରୁ ଅବସର ନେଇଥିଲେ ।

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ଇଉଉଓ) ର ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ସନ୍ଦୀପ ପାଟିଲ, ସଚିନଙ୍କ ଦିନିକିଆ କ୍ରିକେଟରୁ ଅବସର ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛନ୍ତି । 'ମାଷ୍ଟର ବ୍ଲାଷ୍ଟର' ୨୦୧୩ ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ ପରେ ଅନ୍ତର୍ଜାତୀୟ




କ୍ରିକେଟରୁ ଅବସର ନେଇଥିଲେ । କିନ୍ତୁ ବିସିସିଆଇ ସଚିନଙ୍କୁ ପୂର୍ବରୁ ଜଣାଇ ଦେଇଥିଲା ଯେ ଏହା ତାଙ୍କ ବିକଳ୍ପର ସନ୍ଧାନରେ ରହିଛି । ୨୦୧୨ରେ, ସଚିନ ଦିନିକିଆ କ୍ରିକେଟରୁ ଅବସର ନେଇଥିଲେ ଏବଂ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ମଧ୍ୟ ବନ୍ଦ କରିଦେଇଥିଲେ । ସେତେବେଳେ ସଚିନ କେବଳ ଟେଷ୍ଟ କ୍ରିକେଟ୍ ଖେଳୁଥିଲେ ।

ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ସନ୍ଦୀପ ପାଟିଲ ସଚିନଙ୍କୁ ଫୋନ୍ କରି ପଚାରିଲେ, 'ତୁମର ଯୋଜନା କ'ଣ' ସଚିନ ଉତ୍ତରରେ ପଚାରିଥିଲେ, ଏମିତି କାହିଁକି ପଚାରୁଛ ପାଟିଲ ବୁଝାଇଲେ ଯେ ଚୟନ କମିଟି ତାଙ୍କ ବିକଳ୍ପ ଖେଳାଳି ଖୋଜୁଛନ୍ତି । ଏହା ଶୁଣି ସଚିନ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସେ ପୁଣି ଫୋନ୍ କରି ପଚାରିଲେ, 'ତୁମେ ଏ ବିଷୟକୁ ନେଇ ଗମ୍ଭୀର କି ' ପାଟିଲ କହିଲେ, 'ହଁ ।' ଏକ ସାକ୍ଷାତକାରରେ ପାଟିଲ କହିଥିଲେ, 'ଚୟନକର୍ତ୍ତାମାନେ ଜଣେ ଖେଳାଳିଙ୍କୁ ଛାଡ଼ି ଦେଇପାରିବେ, କିନ୍ତୁ ସେମାନେ ତାଙ୍କ କ୍ୟାରିଅର ଶେଷ ହୋଇଗଲା ବୋଲି କହିପାରିବେ ନାହିଁ । ଆମେ ସଚିନଙ୍କୁ ତାଙ୍କ ଯୋଜନା ବିଷୟରେ ପଚାରିଥିଲୁ । ସେ କହିଥିଲେ ଯେ ସେ ଖେଳିବାକୁ ଚାହାଁନ୍ତି । ଆମେ ସେ ସମୟରେ କହିଥିଲୁ ଠିକ୍ ଅଛି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ